ଉତ୍କଳଦୀପିକା ୩୦ଶ ମାହେ ସିପ୍ଟମ୍ବର ସନ ୧୮୮୨ ମସିହା ।

ମହାରାଜା ଦଲୀପ ସିଂହ ମୃଦର ନାମକ ଏକ ଗୀତ ନାଟ୍ୟ ରଚନା କରିଅଛନ୍ତି । କଦ୍ଧ୍ୟାସୁନ୍ଦରରୁ ଭଲ ହୋଇଅଛନ୍ତି କି ? — ହି, ପେ ।

ତୁରଷ୍କ ସହିତ ପୁଣି ଯୁଦ୍ଧ କରିବା କାରଣ ରୁଷିଆ ସଙ୍କଳ୍ପ କରିଥିବାର ଦେଖାଯାଏ । କକେଷସଠାରେ ୩୭୦୦୦ ପଦାତିକ, ୨୨୦୦୦ ଅଶ୍ୱାରୋହୀ, ୧୫୩୦୦ ତୋପଧାରୀ, ୪୪୦୦ ଇଞ୍ଜିନିୟର ଏରୂପ ୭୮୦୦୦ ରୁଷୀୟ ସୈନ୍ୟ ଏକତ୍ରିତ ହୋଇଅଛି ।

ଡେଲିନ୍ୟୁସ ପ୍ରେସଠାରୁ ସମ୍ବାଦ ପାଇଅଛନ୍ତି ଯେ ରୁଡ଼ିଆଣୀ କସା ଖୋଇ ଶୁଖାଇ ଗୁଣ୍ଡ କଲେ ତାହା କୁଇନାଇନ ପ୍ରତି ଅନେକାଂଶରେ ସମାନ ଗୁଣବିଶିଷ୍ଟ ହୁଏ । ଭାରତବର୍ଷରେ ଏପରି କିଛି ଦ୍ରବ୍ୟ ବ୍ୟବହୃତ ହେଉଥିଲା କି ନା ଏହା ସେ ପଚାରୁଅଛନ୍ତି ।

ତୁର୍କିସ୍ଥାନଠାରୁ ଡେଲିନ୍ୟୁସ ଏକ ଆଶ୍ଚର୍ଯ୍ୟ ପ୍ରକାର ବିଷ ପ୍ରୟୋଗର କାହାଣୀ ଶୁଣିଅଛନ୍ତି । ମେଲେନକ ଗ୍ରାମରେ ଟେକଲପପକ ନାମରେ ଏକ ସ୍ତ୍ରୀ ଅଛି ସେ ତାହାର ବ୍ୟବସାୟ ବିଷ ବିକ୍ରୟ । ଏକ ଏକ ପାନ ବିଷ ସେ ବହୁତ ମୂଲ୍ୟରେ ବିକ୍ରୟ କରେ । ଟଙ୍କା ପ୍ରାପ୍ତ ହେଲେ ସେ ଏପରି ବିଷ ଯୋଗାଏ ଯେ ତାହା ସେବନ କଲେ ଶୀଘ୍ର ପାକସ୍ଥଳୀ ବିନଷ୍ଟ ହୋଇ ଯାଏ ମାତ୍ର ବିଷ ପ୍ରୟୋଗର କୌଣସି ଚିହ୍ନମାତ୍ର ରହେ ନାହିଁ । ସ୍ତ୍ରୀମାନେ ଏହାର ଅଧିକ ଗ୍ରାହିକା ଏବଂ ଦୁଇବର୍ଷ ମଧ୍ୟରେ ସେ ପ୍ରାୟ ଏକଶତ ସ୍ୱାମୀଙ୍କ ହସ୍ତରୁ ସ୍ତ୍ରୀମାନଙ୍କୁ ମୁକ୍ତି ପ୍ରଦାନ କରିଥିବାର କଥିତ ହୁଏ । ତାହାଦ୍ୱାରା ଆହୁରି ଅନେକ ଅନର୍ଥ ସଂଘଟିତ ହୋଇଥାନ୍ତା ମାତ୍ର ତାହାର ଝିଅ ତାକୁ ଧରାଇ ଦେଲା ।—ଜଣେ ଏଭଳି ପାପିଷ୍ଠା ଥାନ୍ତି ।

ତାମ୍ରିଜଙ୍ଗ ଅତ୍ୟନ୍ତ ପ୍ରବଳରୂପେ ବଢିଥିବାର କଥିତ ହୁଏ । ସୁରଟ ନଗରର ବଜାରରେ ଠାବେ ଠାବେ ଫୁ ୧୫ ଟ ପାଣି ଜମିଥିଲା । ଏ ଦୁର୍ଘଟଣା ସମୟରେ ସେଠା ନବାବ ଅନେକ ଦୁଃଖୀ ଲୋକଙ୍କୁ ଅନ୍ନ ପ୍ରଦାନ କରି ସଦାଶୟତାର ପରିଚୟ ଦେଇଅଛନ୍ତି ।

ସାଲେମର ଶାନ୍ତିରକ୍ଷା ହେତୁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଅଳ୍ପକ କେତେକ ପୁଲିସ ସୈନ୍ୟ ସେଠାକୁ ପଠାଇଅଛନ୍ତି ତହିଁର ଖର୍ଚ୍ଚ ଉକ୍ତ ନଗରବାସିଙ୍କଠାରୁ ଆଦାୟ ହେବ । ବର୍ତ୍ତମାନ ଜ ୧ ଣ ପୁଲିସ ଇନ୍ସପେକ୍ଟର, ଜ ୭ ଣ ଇଂରାଜ ହେଡକନେଷ୍ଟବଲ, ଜ ୭ ଣ ଦେଶୀୟ ହେଡ୍ କନେଷ୍ଟବଲ । ଜଣେ ଦଫାଦାର, ଜ. ୧୦୦ ଣ ପ୍ରଥମ ଶ୍ରେଣୀୟ ଏବଂ ଜ ୧୦୦ ଣ ଦ୍ୱିତୀୟ ଶ୍ରେଣୀୟ କନେଷ୍ଟବଲ ପଠା ଯାଇଅଛନ୍ତି ମଧ୍ୟ ଜ ୪୦୦ ଣ ମାନ୍ଦ୍ରାଜ ପୁଲିସ ସୈନ୍ୟ ଆବଶ୍ୟକ ସହିତ ଲଢିବାକୁ ପାଇଁ ପ୍ରସ୍ତୁତ ରହିଅଛନ୍ତି । ସିବିଲ ମିଲିଟରି ଗଜେଟ କହନ୍ତି ଯେ ସାଲେମର କଲେକ୍ଟର ପଠାଣମାନଙ୍କୁ ତାଙ୍କ ଭାଷାରେ ସନନ୍ଦ ଦେଇଥିଲେ ସେମାନେ ହଠାତ୍ ହିନ୍ଦୁଙ୍କ ଦେବାସ୍ଥାନ ମଧ୍ୟରେ ମସଜିଦ ନିର୍ମାଣ କରି ନ ଥାନ୍ତେ; ତାଙ୍କ ଭାଷା ନ ଜାଣିବାରୁ ଏତେ ଅନର୍ଥ ଘଟିଅଛି । ଏଥିରେ ଉଭୟ ମୁସଲମାନ ସମ୍ପ୍ରଦାୟ ଓ କଲେକ୍ଟର ସାହେବ ନିନ୍ଦଣୀୟ ଅଟନ୍ତି ।

ମେଦନୀ ସମ୍ପାଦକ ବର୍ତ୍ତମାନ ବିପଦଗ୍ରସ୍ତ । ସେ ସେଠାର ମିଉନେସପାଲ ସାହେବଙ୍କ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ପ୍ରଦାନ କରିବା ଅପରାଧରେ ଦଣ୍ଡର ନିମିତ୍ତ ଜଜହାରେ ଦାଖଲ ହୋଇଅଛନ୍ତି । ମେଦନୀ ସମ୍ପାଦକ ଏ ବିପଦରୁ ମୁକ୍ତ ହେବେ କି ନା ତାହା ଈଶ୍ୱର ଜାଣନ୍ତି । ରାଜକର୍ମଚାରୀମାନଙ୍କର ଗୁଣଗାନ ପ୍ରକାଶ କରିବା ମେଦନୀର ଗୋଟିଏ ବଡ଼ ଦୋଷ ଥିଲା ।

ହିନ୍ଦୁପେଟ୍ରିଅଟରେ ପାଠକଲୁଁ ଯେ ବରେଲି ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏକ ଫୌଜଦାରୀ ମୋକଦ୍ଦମାରେ କମିଶନ-ଦ୍ୱାରା ଇଜହାର ନିଆ ଯିବାର ଅନୁମତି ସକାଶେ ପଇତୁନ୍ନିସା ନାମ୍ନୀ ଜଣେ ମୁସଲମାନ ସ୍ତ୍ରୀ ଆବେଦନ କରିଥିଲେ । ଏଥକୁ ମାଜିଷ୍ଟ୍ରେଟ ହୁକୁମ ଦେଲେ କି ସେ ମୋକଦ୍ଦମା ଚଳାଇବାକୁ ଚାହୁଁଥିଲେ ଆସାମୀ ସମକ୍ଷରେ ଇଜହାର ଦେବାକୁ ପ୍ରସ୍ତୁତ ହେବାର କର୍ତ୍ତବ୍ୟ । ଉତ୍ତର ପଶ୍ଚିମ ବଙ୍ଗର ହାଇକୋର୍ଟରେ ଏଥିର ଅପୀଲ ହେବାରୁ ମାଜିଷ୍ଟ୍ରେଟଙ୍କ ରାୟ ବାହାଲ ରହିଲା । ହାଇକୋର୍ଟର ବିଚାର ଏହିରୂପ ହେଲା ଯେ ଏ ଦେଶର ଫୌଜଦାରୀ ଅଦାଲତରେ ଏତେ ଅଧିକ ମିଥ୍ୟା ନାଲିଶ ଉପସ୍ଥିତ ହୁଏ ଯେ ତହିଁରେ କମିଶନଦ୍ୱାରା ସାକ୍ଷ୍ୟ ଗ୍ରହଣ କରିବାର ପ୍ରଥା ଯେତେ ଅଳ୍ପ ବ୍ୟବହୃତ ହୋଇପାରେ ସେତେ ଭଲ । ମାତ୍ର ଆମ୍ଭମାନଙ୍କ ବିଚାରରେ ଦେଶର ପ୍ରଥା ପ୍ରତି ଥରେ ଦୃଷ୍ଟି ରଖିବା ଉଚିତ ଥିଲା ।

---

## ପ୍ରେରିତପତ୍ର ।

---

ଶ୍ରୀମଦୁତ୍କଳଦୀପିକାସମ୍ପାଦକ ମହାଶୟ ସମୀପେଷୁ ।—

ମହାଶୟ !

ଏତନ୍ନିମ୍ନଲିଖିତ ମତପ୍ରେରିତ ବଂଶବଦପନ୍ୟାସକୁ ଆପଣଙ୍କ ପତ୍ରିକାରତ୍ନରେ ସ୍ଥାନଦାନ ଦେଇ ବାଧିତ କରିବା ହେବେ ।—

ରାତ୍ର ଶେଷ ଘ ୪ ଣ୍ଟା ସମୟରୁ ଏକ ଧୂମକେତୁ (ଲାଞ୍ଛିତା) ପୂର୍ବଦିଗରେ ଉଦୟ ହେଉଅଛି ବିଶେଷରୂପେ ପ୍ରକାଶମାନ ହୋଇ ଅଛି । ମଧ୍ୟରେ ପୁଚ୍ଛ ଉତ୍ତରପଶ୍ଚିମରେ ମସ୍ତକ ଦୃଶ୍ୟ ହେଉଅଛି । ଆମ୍ଭ ଶ୍ରୀ ଶ୍ରୀ ଶ୍ରୀ ମହାରାଜା ସି, ଆଇ, ଇ, ଏଷ୍ଟ୍ରୋନମିକେଲ୍ ଆଟ୍ଲାସ୍ (Astronomical Atlas) ବୋଲିବା ଆଙ୍ଗ୍ଲେୟ ଖଗୋଳ ପୁସ୍ତକ ଦେଖି ହାଲେସ୍ (Halleys) ନାମକ ଧୂମକେତୁ ବୋଲି ସ୍ଥିର କରିଅଛନ୍ତି । ଏହାର ଦୀର୍ଘ ପରିମାଣ ୧୯୦ ଲକ୍ଷ ମାଇଲ ବୋଲି ସେହି ପୁସ୍ତକରେ ଲେଖିଅଛନ୍ତି ଆମ୍ଭଦେଶୀୟ ଗଣକମାନଙ୍କ ପଞ୍ଜିକାରେ ଏ ଲକ୍ଷ୍ମା ଉଦୟାସ୍ତମୟ ଏବଂ ଫଳାଫଳ କେହି କାହିଁକି ଲେଖିଲେ ନାହିଁ ? ଆମ୍ଭର ପ୍ରାର୍ଥନା ଏହି ଯେ ଗଣକମାନେ ଏହି ଧୂମକେତୁ ଗ୍ରହର ଦୀର୍ଘ ପ୍ରସ୍ଥ ଏବଂ ନାମ ଦୟାପୂର୍ବକ ଯଦି ଲେଖିବେ ଆମ୍ଭେ ଚିରବାଧିତ ହେବୁଁ ।

୨୫।୯।୮୨ } ଶ୍ରୀ ନାରାୟଣ ବଡ଼ଯେନା ସାମନ୍ତ
ମଞ୍ଜୁଷାର ହେଡ଼ ଦେୱାନ ।

---

To the Editor of Utkal Dipika,

Sir,

I hope you will kindly make room in your paper for the following few lines:—

We accord our heart-felt thanks to Babu Dinanath Banerjee and feel much grateful to him for the gift of a copy of "Tatwa Nirnaya" to our Association.

Cuttack, 28th Septr. 1882.

Yours truly
Gopal Charan Banerjee
President "Boys Private Association."

---

To

The Editor of Utkal Dipica.

Dear Sir,

A *propos* to some remarks made by you in your issue of the last week regarding the missing of some books from the Cuttack Post office, I beg to bring to notice another fact of irregularity in the same Post office.

On the 20th. April last or thereabout I had despatched some more than 500 copies of Dr. Cunningham's Sanitary Primer in Urya. The books formed a number of packets, some 11 or 12 of which were addressed to the Dy. Commissioner of Sambulpur and only one containing 40 copies to the Sanitary Commissioner, Bengal. The packets were all directed by Book Post on H. M. Service. Happily the packets to Sambulpur reached their destination but the one to the Sanitary Commissioner despatched along with those to Sambulpore was not delivered to the addressee. Months passed away with the expectation that the packet will turn up some day but it was hoping against hope. The packet having thus been lost I had to undergo some reckoning from my official superiors. If I had the foresight to get the packet registered or to have sent it by Parcel Post I would have, in the event of any miscarriage as in the present instance, got something in the form of a receipt &c. to help me but as it was, the packet was forwarded by Book Post and I had nothing to go upon. The Post master was however written to and his reply

Split by PDF Splitter

Digitized by srujanika@gmail.com

Split by PDF Splitter



was, that if the books were sent, they must have reached their destination. But the books *never* reached their destinction and this fact amply shows the insecurity of the "Book Post." I for one can no further trust in the B. Post. If it is so very uncertain, it is all the better to do away with it altogether. As matters stand, a thorough shifting is all that is necessary to stamp out such abuses from the Post offices. Hoping the above will find insertion in the next issue of Dipicca.

I remain
Yours obediently
S. C. N.

---

ମୂଲ୍ୟପ୍ରାପ୍ତି ।

ଶ୍ରୀ ଶ୍ରୀ ରାଜା ବହେଷ୍ଟ ହରିହର ବଣ୍ଡା ଟ ୨୪ ୮
ବାବୁ ରାଧାଚନ୍ଦ୍ର ଘୋଷ ସିଭଲେ ଅଗ୍ରୀମ ଟ ୦ ୪
„ ଡଲ୍ଭର୍ଦ୍ଦ ପଟ୍ଟନାୟକ ବାଲେଶ୍ୱର „ ଟ ୬ ୩

---

**ADVERTISEMENT.**

---

## PUJAS 1882.

### CUTTACK SKY RACES.

To be run on the Chowliangunge Course, Saturday 21st and Tuesday 24th October.— Commencing at 6–30 A. M.

STEWARDS.

R. H. Pawsey, Esq. C. S.
Major Butler, XXXII. M. N. I.
G. Godfrey, Esq., C. S.
R. F. Guise, Esq.
A. P. Sandilands, Esq.
L. E. Desgratoulet, Esq. Honry. Secy. & Treasurer.

FIRST DAY.

SATURDAY 21ST. OCTOBER.

*1st Race.*—Open to all horses—Walers to carry 12 stone and over. Country Breds and Arabs to carry 10st. 7 lbs. and over. Distance ¾ mile on the flat—Entrance Rs. 8. 1st Horse to receive a PURSE of 100 and the Entrances— 2nd Horse to save his Entrance.

*2nd Race.*—Open to all ponies, 13. 2 and under. Distance ½ mile on the Flat. Entrance Rs. 4. 13 hands to carry 10 stones 11 lbs. 13 hands to 13. 1 11 stone 2 lbs. 13. 1 to 13. 2 11 stones 7 lbs. 1st Pony to receive Rs. 50 and the Entrances. 2nd Pony to save his entrance.

*3rd Race.*—Open to all Galloways 14. 2 and under. Distance ¾ mile on the flat. Entrance Rs. 5. 14 hands to carry 10 stone 11 lbs. 14 to 14. 1 carry 11 stone 2 lbs. 14. 1 to 14. 2 carry 11 stone 7lbs. 1st Horse to receive Rs. 100 and the Entrances. 2nd Horse to save his Entrance.

*4th Race.*—Handicap open to all ponies 13. 2 and under. Distance ½ mile on the Flat. Entrance Rs. 3. 1st Pony to receive Rs. 50 and the Entrance. 2nd Pony to save his entrance.

*5th Race.*—Scurry for all Tats—bonafide the property of natives to be ridden by Natives—Catch weight ¼ mile heats without dismounting. 1st Pony to receive Rs 20. 2nd Pony to receive Rs. 7. 3rd Pony to receive Rs. 3.

SECOND DAY.

TUESDAY 24TH OCTOBER.

*1st Race.*—Hurdle Race. Burdwan Purse— Open to all Horses—Walers to carry 12 stones and over. Country breds and Arabs 10 stone 7 lbs and over—Distance 1 ¼ miles over 7 flights of hurdles 3' 9" high. Entrance Rs. 8. 1st Horse to receive a PURSE of Rs. 200 presented by H. H. the Maharaja of Burdwan. 2nd Horse to receive Amount of the Entrance. 3rd Horse to save his Entrance.

*2nd Race.*—Galloway Hurdle Race. open to Horses 14. 2 and under— Distance one mile over 5 flights of hurdles 3', 3" high. Entrance Rs. 5. 1st Horse to receive Rs. 75 and Balance of Entrances after paying to. 2nd Horse Rs. 25. 3rd Horse saves his Entrance.

*3rd Race.*—Pony Hurdle Race. Ponies 13. 2 and under. Distance ½ mile over 4 flights of hurdles 2', 9" high. Entrance Rs. 4. 1st Pony to receive Rs. 50. 2nd Pony amount of Entrances. 3rd Pony to save his entrance.

*4th Race.*—Consolation Race—for Horses and Galloways—Distance ¾ mile on the Flat. Entrance Rs. 5. 1st Horse to receive Rs. 75. 2nd Horse amount of Entrances. 3rd Horse to save his Entrance.

*5th Race.*—Scurry for horses bonafide— the property of Natives—to be ridden by Natives—Distance ½ mile Catch Weights, 1st Horse to receive Rs. 30. 2nd Horse Rs. 10.

*6th Race.*—Bare back Scramble for Tats— bonafide the property of Natives to be ridden by natives without saddles—Catch Weights ¼ mile heats without dismounting. 1st Pony to receive Rs. 20. 2nd Pony to receive Rs. 7. 3rd Pony to receive Rs. 3

—o—

## RULES.

The decision of the Steward to be final. Three horses the bonafide property of different owners to start—or the public money will be withheld.

Horses to be measured at the Fort, the day before the Races, between 4 and and 6 P. M.

Entrances to be made for all but the Consolation Races in writng to Major Butler, before noon of the days preceding the Races, accompanied by Amount of Entrance money. Entrances for the Consolation Races will be made on the Course.

Lotteries will be held at the Club the evenings before the Races, at 6 P. M. at which all are invited to attend.

Settling to be on Friday 27th October, at 6 P. M. at the Club.

Judge. R. H. Pawsey, Esq.
Handicappers, R. H. Pawsey, Esq. and Major Butler.
Hon, Secty. & Treasr, L, E, Desgratoulet, Esq,

---

ବିଜ୍ଞାପନ ।

କଥନା ବତାଡ଼ ଲକାପତ ମୂଲ୍ୟ ଟ ୦ /
ଶୌରହବହଶାଣ ଟ ୦ /
ଉକ୍ତ ପୁସ୍ତକଗୁଡ଼ିକ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

---

ଦୁର୍ଗାପୂଜା ବଜାର ।

ଚନ୍ଦ୍ରବୋହା ଶାଗ୍ରସ୍ତ ଛବଦ ଗ୍ରନ୍ଥ ରେଉଟ ବଡ଼ ସୁନ୍ଦର ଘଷର ଓ ଗ ଟନୁଆର୍ଡ ହଠକଡ ଘୁଲାଗ୍ ଓ ସୁରକ୍ଷଦ ଦ୍ରବ୍ୟ ଘଟଧାର ଅତି ସୁଲଭ ମୂଲ୍ୟରେ ବିକ୍ରୟ ଲାଗି କାରଣ ବଟକ ପଦର ଭୋଧିସ କହାଭି ବାବୁ ଶୌଷ୍ଟଷଙ୍କର ଭଗ୍ୟଙ୍କ ବସା ଘଟକରେ ଦୋକାନ ଫିଟାଇଅଛୁ । ପ୍ରତିଦିନ ଦିବା ସ ୧ ଘ ଠାରୁ ସନ୍ଧ୍ୟା ସ ୮ ଘ ପର୍ଯ୍ୟନ୍ତ ଦୋକାନ ଖୋଲା ଯିବ । ଗ୍ରାହକମାନଙ୍କ ପ୍ରାର୍ଥନା ସେ ଥରେ ପଦାର୍ପଣ କରନ୍ତୁ ।

ଏପର ହାଜା ପ୍ରଭୃତି ଅନ୍ତଃପୁର ଦାର୍ଥ ଦ୍ରବ୍ୟର ମଧ୍ୟ ବନ୍ଦୋବସ୍ତ କରିଅଛୁଁ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ ଏଠା ବଜାର ଏବ ଏଇକଟାରୁ ଏପଦ ଛଳ ଅଧ ଅଳ୍ପ କମିଶନରେ ଯୋଗାଇଛୁଁ । ଏଥିର ସମୁଦାୟ ଲଭ୍ୟାଂଶରେ ତାହାଙ୍କର ପ୍ରୟୋଜନ ହେବ ଘଟ ଲେଖିଲେ ପଠାଇ ଦେବୁଁ ।

ସହର କଟକ
ଓଡ଼ିଆବଜାର ଦୋକାନ
୨୦ । ୯ । ୮୨ } ଶ୍ରୀ ଅଭୟଚନ୍ଦ୍ର ଦତ୍ତ

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଓଡ଼ିଆ ନାଟକ ।

## କାଞ୍ଚି କାବେରୀ

ବା

ପଦ୍ମାବତୀ ।

☞ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ।୵ ଅଠଅଣା ମାତ୍ର । ମଫସଲକୁ ଡାକମାସୁଲ ଟ ୦ ।୵ ।

---

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଡାକ୍ତରଖାନା ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକାଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୪ ଆଉନ୍ସର ଟ ୨ ଙ୍କା । ୮ ଆଉନ୍ସର ଟ ୧୧ ଙ୍କା । ୧୬ ଆଉନ୍ସର ଟ ୨୦୲ ମୂଲ୍ୟ ନଗଦ ।

---

### ORIENTAL
### GOVERNMENT SECURITY LIFE ASSURANCE COMPANY "LIMITED"
*BOMBAY*

For prospectus, yearly reports of meetings, the fast progress of the Co. and for all other information, please apply to

J. WINTERSCALE,
*Agent in Orissa*
No. 1 Cantonments.

* ଓରିଏଣ୍ଟାଲ ଗବର୍ଣ୍ଣମେଣ୍ଟ ସିକ୍ୟୁରିଟି ଲାଇଫ୍ ଆସୁରାନ୍ସ କମ୍ପାନୀ ନାମକ ଜୀବନ ବୀମା କରିବାର କମ୍ପାନୀ ମୋକାମ ବମ୍ବେଇ ।

ଏ କମ୍ପାନୀର ଅନୁଷ୍ଠାନପତ୍ର ବାର୍ଷିକ ବୈଠକ ଏବଂ ବାର୍ଷିକ ସମୃଦ୍ଧିର ବିବରଣ ଏବଂ ଅନ୍ୟାନ୍ୟ ସମାଚାର ନିମ୍ନସ୍ୱାକ୍ଷରକାରୀଙ୍କଠାରେ ଆବେଦନ କଲେ ପ୍ରାପ୍ତ ହେବ ।

ଜେ ଉଇଣ୍ଟରସ୍କେଲ
ଓଡ଼ିଶାର ଏଜେଣ୍ଟ
କଟକ ନଂ ୧ ନୂଆ କାଣ୍ଟନମେଣ୍ଟ ବଜାର ।

---

### ଶଶାଙ୍କକିରଣ ରସ ।

ଏ ବଟିକାଦ୍ୱାରା ବାତଦୋଷ, ଉପଦଂଶ ଅର୍ଥାତ୍ ଗରମୀ ଓ ପାରଦଜନିତ ଅରୋଗ୍ୟ ହୁଅଇ । ମା ୨ ଶିଶି ଟ ୧୮ ଙ୍କା

### କ୍ଷୁଦ୍ରାକର ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ବହୁମେହ ନଷ୍ଟ ହୋଇ ହୁଅଇ । ମା ୨ ଶିଶି ଟ ୧୮ ଙ୍କା ।

### ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଆଠ ପ୍ରକାର ଶୂଳ ଭଲ ହୁଅଇ । ୧୬ ମାତ୍ରାକୁ ଟ ୧୮ ଙ୍କା ।

### ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସକ ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଅଇ । ୪ ମାତ୍ରାକୁ ଟ ୧ ଙ୍କା

### କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଯୁବକଙ୍କ ଅତି ଦଶ ବର୍ଷରୁ ନ୍ୟୂନ ପୁଂସତ୍ୱହୀନ ରୋଗ ଭଲ ହୁଅଇ । ୪ ମାତ୍ରାକୁ ଟ ୧୮ ଙ୍କା ।

ଏ ସବୁ ଅତି ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୭।୮୭ ବାଙ୍କିବଜାର କଟକ } ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପଞ୍ଚାୟକ ।

---

ଶ୍ରୀଯୁକ୍ତ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ

କୃତ

ଉଦାସୀନଦତ୍ତ ମହୌଷଧ ।

## ଅମୃତଚୂର୍ଣ୍ଣ ।

ଏକପ୍ରସ୍ଥ [ ୨୦ ମଶାର ] ମୂଲ୍ୟ ଟ ୪ । ଅଣା ୧୪ ପ୍ରସ୍ଥ ଏକାବେଳକେ ନେଲେ ଟ ୫୦ ଙ୍କା, ଡାକମାସୁଲ ପ୍ରତି ବଣ୍ଡିଲ ଟ ୦ । ଗୃହଅଣା ଏବଂ ୫ ପ୍ରସ୍ଥ ଔଷଧ ଏକ ବଣ୍ଡିଲରେ ଟ ୦ । ଅଣା ମାସୁଲରେ ଯାଇ ପାରେ ।

ଏହି ଔଷଧ ସେବନ କଲେ ଅନେକାନେକ ଦୁଃସାଧ, ଅସାଧ, ଓ କଷ୍ଟସାଧ ରୋଗର ଉପଶମ ହୁଏ । ଏମନ୍ତ କି କ୍ଷୟ, ଯକ୍ଷ୍ମା, ବହୁକାଳର ଶୂଳ, ଶିରଃପିଡ଼ା, ହୃଦରୋଗ, ଶ୍ୱାସକାସ, ହୃଲ୍ଲାସ, ଅମ୍ଳପିତ୍ତ, ଅନ୍ନଶୂଳ, ପୁରାତନ ଜ୍ୱର, ପ୍ଳୀହା, ଯକୃତ, ଅତିସାର, ବାତ, ଅର୍ଶ, ପୁରାତନ ପ୍ରମେହ, ଉପଦଂଶ, ପାରଦଘଟିତ ଦୋଷ, ରକ୍ତବିକାର, ମୂତ୍ରକୃଚ୍ଛ୍ର ବା ବହୁମୂତ୍ର, ଏବଂ ନାନାବିଧ ଜଟିଳ ଓ ଏକତ୍ରୀଭୂତ ପୁରାତନ ଓ କଠିନ ରୋଗ ପ୍ରତୀକାର ପକ୍ଷରେ ଏହା ଅତି ଉତ୍କୃଷ୍ଟ ଔଷଧ ।

ସ୍ତ୍ରୀଲୋକମାନଙ୍କର କେତେଗୁଡ଼ିଏ ବିଶେଷ ରୋଗର ଏହା ଶୀଘ୍ର ପ୍ରତୀକାରକ ଅଟଇ । ଯଥା; ସୂତିକା, ରକ୍ତସ୍ରାବ, ପ୍ରଦର, ମୂର୍ଚ୍ଛା, ହୌତିକ ରୋଗ, ସ୍ୱପ୍ନରେ ଭୟ ଦର୍ଶନ, ମୃତବତ୍ସା ପ୍ରଭୃତି ରୋଗରେ ସ୍ୱତନ୍ତ୍ର ବ୍ୟବସ୍ଥିତ ଅଟଇ । ଏହା ଏରୂପ ନିର୍ଦ୍ଦୋଷ ଔଷଧ ଯେ ଦୁଗ୍ଧପୋଷ୍ୟ ଶିଶୁ ଓ ଗର୍ଭବତୀ ସ୍ତ୍ରୀମାନେ ମଧ୍ୟ ସେବନ କରି ପାରନ୍ତି । ଏଥିରେ କୌଣସି ପ୍ରକାର ମାଦକ ଓ ବିଷାକ୍ତ ବସ୍ତୁର ଲେଶମାତ୍ର ନାହିଁ । ଏହା ସେବନ କଲେ ରକ୍ତ ପରିଷ୍କାର କ୍ଷୁଧାବୃଦ୍ଧି ପୁଷ୍ଟି ଏବଂ ବଳବୃଦ୍ଧି ହୁଏ ।

ଆମ୍ଭଠାକୁ ପତ୍ର ଲେଖିବାକୁ ହେଲେ ବଙ୍ଗଳା କିମ୍ବା ଇଂରାଜୀରେ ଲେଖିବ କାରଣ ଏଠାରେ କେହି ଓଡ଼ିଆ ଭାଷା ଜାଣନ୍ତି ନାହିଁ ।

## ଓଲାଉଠାର ଅମୋଘ

## ଏବଂ

### ଅଦ୍ୱିତୀୟ ବଟିକା ।

ସର୍ବ ପ୍ରକାର ଔଷଧଠାରୁ ଏହି ବଟିକା ଫଳପ୍ରଦ ଅଟେ । ଶତକରା ୯୫ ଜଣରୁ ଅଧିକ ରୋଗୀ ଆରୋଗ୍ୟ ହୋଇଅଛନ୍ତି । ଓଲାଉଠାର ୫୦ଟି ବଟିକାର ମୂଲ୍ୟ ବର୍ତ୍ତମାନ ଟ ୪ ଙ୍କା । ଏଥିରେ ଜ ୨୦ ଜଣରୁ ଅଧିକ ରୋଗୀ ଆରୋଗ୍ୟ ହୋଇ ପାରନ୍ତି । ୨୫ ଗୋଟି ବଟିକାର ମୂଲ୍ୟ ଟ ୨ । ଏହା ସେବନ କଲେ ସର୍ଦ୍ଦି ଗର୍ମି ରୋଗ ଅତି ଆଶ୍ଚର୍ଯ୍ୟରୂପେ ଅଧଘଣ୍ଟାକ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଏହା ସେବନ କରାଇ ଅନ୍ୟ ଔଷଧ ସେବନ ନ କରାଇଲେ କଷ୍ଟୟ ରୋଗୀ ଆରୋଗ୍ୟ ହେବ ।

ଶ୍ରୀ ହେମଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ
ମହଲ୍ଲା ମିଶିର୍ ପୋଖାରା, ସହର ବନାରସ

---

ସାନୁନୟ ନିବେଦନ ମିଦଂ ।

ମହାଶୟ !

୨ୟ ଥର ଅମୃତଚୂର୍ଣ୍ଣ ଆଣାଇ ଆମ୍ଭର ଜଣେ ଆତ୍ମୀୟକୁ ସେବନ କରାଇବାରୁ ସେ ପୁରାତନ ପ୍ରମେହ ପାରଦ ଘଟିତ ବାତ ଓ ଜ୍ୱର ପ୍ରଭୃତି ଦୁଶ୍ଚିକିତ୍ସ୍ୟ ବ୍ୟାଧିସମୂହରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଅଛନ୍ତି । ଆମ୍ଭର ଉପଦେଶାନୁସାରେ ସେହିପରି ଆମ୍ଭର ଆତ୍ମୀୟ ସୁକପୋଡ଼ା ନିବାସୀ ଶ୍ରୀଯୁକ୍ତ ଗିରୀଶଚନ୍ଦ୍ର ମଣ୍ଡଳ ଅମୃତଚୂର୍ଣ୍ଣ ଆଣାଇ ଆଜିକୁ ୨୨ ଦିନ ହେଲା ସେବନ କରିବାରୁ ଜ୍ୱର କାଶ ଓ ଅର୍ଶ ରୋଗର ଅନେକ ଉପଶମ ବୋଧ କରି ଅଛନ୍ତି । ଆପଣଙ୍କର ଅମୃତଚୂର୍ଣ୍ଣର ଗୁଣ ଅସ୍ମଦ୍ଦେଶରେ ଏତେ ଦିନରେ ପ୍ରଶଂସିତ ହେବାରୁ ବୋଧହୁଏ ଅନେକ ଲୋକ ରୋଗଯନ୍ତ୍ରଣାରୁ ମୁକ୍ତି ଲାଭ କରି ଦୀର୍ଘଜୀବନ ଲାଭ କରିବେ । ଅମ୍ଭେମାନେ ଏହାର ଉପକାରିତା କଲିକତାର ସାଧାରଣ ସମାଜରେ ପ୍ରଶ-

Digitized by srujanika@gmail.com

Split by PDF Splitter



ଦୂର କରିବାକୁ ତ୍ରୁଟୀ କରି ନାହୁଁ ବା କରିବୁଁ ନାହିଁ ।

ଶ୍ରୀ ରାମଦାସ ମଣ୍ଡଳ
ଠାନାଦର୍ଗୀ ଜିଲା ବାଙ୍କୁଡ଼ା

ଗୁଣାର୍ଣ୍ଣବେଷୁ ।

ମହାତ୍ମନ୍, ଭବଦୀୟ ପ୍ରେରିତ ସୁବିଖ୍ୟାତ ଅମୃତଚୂର୍ଣ୍ଣ ସେବନ କରିବାରୁ ଆମ୍ଭର ନାନାବିଧ ରୋଗର ଶାନ୍ତି ହୋଇଅଛି । ଯଥା ପାରିଦ ଦୋଷ ଜାତ ନାଳୀଘା, ଶିରଃପୀଡ଼ା, ପ୍ରାୟ ବସ୍ତୁ ପାନ କଲା ସମୟରେ ନାସିକାବାଟେ କେତେକ ଅଂଶ ନିଃସୃତ ହେବାର, କୌଣସି ବସ୍ତୁର ଘ୍ରାଣ ଶକ୍ତି ରହିତତ୍ୱ ଓ ଉପଦଂଶ ପ୍ରଭୃତି ନାନାବିଧ ଜଟିଳ ଓ ପୁରାତନ ବ୍ୟାଧିରୁ ସମ୍ପୂର୍ଣ୍ଣରୂପେ ଆପଣଙ୍କର ଜଗଦ୍ବିଖ୍ୟାତ ସଦ୍ୟ ରୋଗନାଶକ ଅମୃତଚୂର୍ଣ୍ଣଦ୍ୱାରା ଉତ୍ତମରୂପେ ନିଷ୍କୃତି ଲାଭ କରିଅଛୁଁ । ଆମ୍ଭେ ଆପଣଙ୍କ ସମୀପରେ ଅଙ୍ଗୀକାର ପୂର୍ବକ କହୁଅଛୁଁ ଯେ, ଆମ୍ଭେ ଯେତେଦିନ ଜୀବିତ ଥିବୁଁ ତେତେଦିନ ପର୍ଯ୍ୟନ୍ତ ଏହି ପରମ ଔଷଧର ଗୁଣ ବିଜ୍ଞାପନ ଓ ମୌଖିକ କୀର୍ତ୍ତନଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରିବାକୁ କଦାପି ତ୍ରୁଟି କରିବୁଁ ନାହିଁ । ବିବେଚନା କରୁଁ ଏହି ମହୌଷଧୀର ଗୁଣ ସର୍ବସାଧାରଣରେ ଜ୍ଞାତ ଥିଲେ କେବେହେଁ ଲୋକେ ବ୍ୟାଧିଗ୍ରସ୍ତ ହୋଇ ଅକାଳରେ କାଳର କରାଳ କବଳରେ ପତିତ ହୁଅନ୍ତେ ନାହିଁ ।

ଶ୍ରୀ ଶ୍ୟାମାଚରଣ ଭଟ୍ଟାଚାର୍ଯ୍ୟ
ନଓହାଟ୍ଟାପୋଷ୍ଟ ଜେଲା ଯଶୋହର

ମହାଶୟ !

ଆପଣଙ୍କ ଡିସ୍ପେନ୍ସରୀରେ କ୍ଷୟ, ଯକ୍ଷ୍ମା ଓ ବହୁକାଳର ପ୍ରମେହ ରୋଗର ଗୋଟିଏ ମହୌଷଧ ଅଛି । ସେହି ଔଷଧ ସେବନ କରି ଆମ୍ଭର ଶ୍ରଦ୍ଧାସ୍ପଦ ଭ୍ରାତାର ବହୁକାଳର ପ୍ରମେହ କ୍ଷୟ ଓ ଯକ୍ଷ୍ମା ରୋଗ ଏକାବେଳକେ ଆରୋଗ୍ୟ ହୋଇ ଅଛି । ଆପଣଙ୍କର ଏହି ଅମୃତଚୂର୍ଣ୍ଣ ମହୌଷଧୀର ଗୁଣ ଆମ୍ଭେ ଆମ୍ଭର ବନ୍ଧୁମାନଙ୍କ ନିକଟରେ ପ୍ରଚାରିତ କରିବାକୁ ତ୍ରୁଟି କରିବୁଁ ନାହିଁ । ଏବଂ ଯହିଁରେ ଦିନାଜପୁର ଜିଲାର ପଲ୍ଲୀ ଗ୍ରାମରେ ପ୍ରଚାର ହେବ ସେଥିପାଇଁ ଆମ୍ଭେ ସ୍ଥାନେ ୨ ହାଟ ବଜାରରେ ଏହି ଅମୃତଚୂର୍ଣ୍ଣର ଗୁଣ କାଗଜରେ ଲେଖି ପ୍ରକାଶ କଲୁଁ ।

ଶ୍ରୀ ପ୍ରତାପଚନ୍ଦ୍ର ମୁଖୋପାଧ୍ୟାୟ
ସବ୍‌ପୋଷ୍ଟମାଷ୍ଟର ଘୋଡ଼ାଘାଟ ଦିନାଜପୁର

ମହାଶୟ !

ସମ୍ପ୍ରତି ଆମ୍ବଲା ସହରରେ ଯେ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଥିଲା ତହିଁରେ ଆପଣଙ୍କର ଓଲାଉଠାର ବଟିକା ଏରୂପ ଫଳଦାୟକ ହୋଇଥିଲା ଯେ, ଆମ୍ଭେ ଏହାର ଗୁଣ ବର୍ଣ୍ଣନ କରିବାକୁ ଅସମର୍ଥ ଓ ଯେ ତ ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଅଛୁଁ ତାହା କହି ପାରୁ ନାହୁଁ । ଶଏ ଅଠସ୍ତରିଜଣ ବ୍ୟକ୍ତିଙ୍କୁ ଏହି ଔଷଧୀଦ୍ୱାରା ଚିକିତ୍ସା କରି ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଅଛୁଁ । କେବଳ ଗୋଟିଏ ରୋଗୀ ପ୍ରଥମେ ଆପଣଙ୍କର ଔଷଧୀ ସେବନ କରି ତଦ୍‌ବାଦ ଅନ୍ୟ ଔଷଧୀ ସେବନ କରିବାରୁ ମୃତ୍ୟୁଗ୍ରାସରେ ପତିତ ହେଲା ବୋଧ କରୁଁ ଅନ୍ୟ ଔଷଧ ସେବନ କରି ନ ଥିଲେ ତାହାର ଜୀବନ ରକ୍ଷା ହୋଇ ଥାନ୍ତା କିଆଁକି ଆପଣଙ୍କ ଔଷଧୀଦ୍ୱାରା ଅନେକ ପରିମାଣରେ ରୋଗ ନିବାରଣ ହୋଇଥିଲା । ଯାହା ହେଉ ଏହା ଗୋଟିଏ ମହତ୍ ଦୁଃଖର ବିଷୟ କହିବାକୁ ହେବ । ଆମ୍ଭର ସମ୍ପୂର୍ଣ୍ଣ ବିଶ୍ୱାସ ଏଥି ସମାନ ଦ୍ୱିତୀୟ ଔଷଧୀ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ଏବଂ ମନୁଷ୍ୟମାନଙ୍କୁ ଏହି ଭୟାନକ ଦୁର୍ଦ୍ଦମ୍ୟରୋଗରୁ ନିଷ୍କୃତି ଦେବା ନିମନ୍ତେ ସୃଷ୍ଟିକର୍ତ୍ତା ଆପଣଙ୍କୁ ଏହି ଅମୂଲ୍ୟ ଔଷଧୀ ପ୍ରଦାନ କରି ଅଛନ୍ତି । ଆମ୍ଭେ ଆହୁରି କହିପାରୁଁ ଯେ, ଓଲାଉଠାରୋଗପ୍ରପୀଡିତ ମୁମୂର୍ଷୁ ବ୍ୟକ୍ତିଙ୍କି ମଧ୍ୟ ଅର୍ଥାତ୍ ଶେଷାବସ୍ଥାର ରୋଗିକୁ ସୁଦ୍ଧା ଆପଣଙ୍କର ଏହି ଔଷଧୀ ନିୟମିତରୂପେ ସେବନ କରାଇଲେ ମୃତ୍ୟୁର ଭୟ ନ ଥିବ । ଆମ୍ଭ ବିବେଚନାରେ ଆପଣଙ୍କର ଔଷଧୀ ସେବନ କରାଇ ଅନ୍ୟ ଔଷଧୀ ସେବନ କରାଇବା କଦାଚ ଉଚିତ ନୁହଇ । ଅମ୍ବଲାଗରର ମାନ୍ୟବର ଅସିଷ୍ଟାଣ୍ଟ ସାର୍ଜନ ମହାଶୟ ଆପଣଙ୍କର ଔଷଧୀର କ୍ଷମତା ଦେଖି କହିଥିଲେ ଯେ, ଏରୂପ ଆଶ୍ଚର୍ଯ୍ୟ ଘଟନା ମନୁଷ୍ୟକୃତ ଔଷଧୀଦ୍ୱାରା କଦାଚିତରେ ସମ୍ପାଦିତ ହୋଇ ପାରେ ।

ଅତୀବ ଦୁଃଖର ବିଷୟ ଯେ, ଏଠାର ମାନ୍ୟବର ଡେପୁଟୀ କମିଶନର ସାହେବ ଆପଣଙ୍କ ପ୍ରେରିତ " ବଟିକା ଔଷଧୀ ଲାହୋର ଅମୃତସହର ଓ ଜଲନ୍ଧରରେ ବିତରଣ କରିବାକୁ ନେବାକୁ ସ୍ୱୀକୃତ ହୋଇ ନାହାନ୍ତି ।

ଶ୍ରୀ ବ୍ରଜବଲ୍ଲଭ ମୁଖୋପାଧ୍ୟାୟ
ହେଡ଼କ୍ଲାର୍କ ଡେପୁଟୀ କମିଶନର୍ସ ଅଫିସ୍,
ଅମ୍ବାଲା

ପ୍ରିୟ ମହାଶୟ !

ଗତ ବର୍ଷ ଆମ୍ଭର ଭଣୋଇ ଶ୍ରୀଯୁକ୍ତ ବାବୁ ଈଶାନଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ମହାଶୟ ଆପଣଙ୍କ ନିକଟରୁ ଯେଉଁ କଲେରାପିଲ କ୍ରୟ କରି ଥିଲେ ଆମ୍ଭେ ଆହ୍ଲାଦର ସହିତ ତାହାର ମହତ୍ ରୋଗ ନିବାରଣୀ ଶକ୍ତିର ସାକ୍ଷ୍ୟ ଦେଉଅଛୁଁ ।

ବହୁ ସଂଖ୍ୟକ ଓଲାଉଠା ରୋଗିଙ୍କର ଏହା ବ୍ୟବହାର କରିବାରେ ଯେଉଁ ଆଶା କରା ଯାଇଥିଲା, ତାହା ସମ୍ପୂର୍ଣ୍ଣ ସଫଳ ହୋଇଅଛି ଅର୍ଥାତ୍ ଶୀଘ୍ର ରୋଗର ପ୍ରତୀକାର ହୋଇଅଛି ଚାଳିଶ ଜଣ ବ୍ୟକ୍ତିଙ୍କୁ ଏହା ସେବନ କରାଇ ଦିଆ ଯାଇଥିଲା, ସମସ୍ତେ ଆରୋଗ୍ୟଲାଭ କରି ଅଛନ୍ତି । ପ୍ରକୃତ ଏଥିର ଅଲୌକିକ ଶକ୍ତି ଆମ୍ଭମାନଙ୍କ ମଧ୍ୟରେ ପ୍ରକାଶିତ ହୋଇଅଛି ।

ଯଦି ଓଲାଉଠା ରୋଗର କୌଣସି ଯଥାର୍ଥ ଔଷଧୀ ଆବିଷ୍କୃତ ହୋଇଥାଏ ତେବେ ଉକ୍ତ ଔଷଧୀ ଆପଣଙ୍କର କଲେରାପିଲ ବ୍ୟତିରେକେ ଅନ୍ୟ କିଛି ନୁହେ । ଆମ୍ଭେ ସମ୍ଭ୍ରାନ୍ତ ଓ ଭଦ୍ର ମହାଶୟମାନଙ୍କୁ ଜଣ ୨ କରି ଅନୁରୋଧ କରୁଅଛୁଁ ଯେ ଯେମନ୍ତ କି ସେମାନେ ଏହି ଔଷଧୀକୁ କିଛି ୨ ସଂଗ୍ରହ କରି ରଖନ୍ତୁ । କିଆଁକି ଓଲାଉଠାର ପ୍ରାଦୁର୍ଭାବ ସମୟରେ ସେମାନେ ଏହାଦ୍ୱାରା ବିଶେଷ ଉପକାର ଲାଭ କରି ପାରିବେ । ଆମ୍ଭେ ଏହାକୁ ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ବର ସ୍ୱରୂପ ଜ୍ଞାନ କରୁଁ ଏବଂ ଏହା ମଧ୍ୟ ଆମ୍ଭର ବିଲକ୍ଷଣ ପ୍ରତୀତି ହୋଇଅଛି ଯେ ଏହା ଯେଉଁ ମୂଲ୍ୟରେ ବିକ୍ରୀତ ହୁଏ, ସେଥିର ଅତି ଉପଯୁକ୍ତ ।

ଆପଣ ଇଚ୍ଛା କଲେ ଉପରଉକ୍ତ କେତେକ ପଂକ୍ତି ବ୍ୟବହାର କରି ପାରନ୍ତି । ଆମ୍ଭେ ଯାହା କହୁଅଛୁଁ ତାହା ସତ୍ୟ ବ୍ୟତିରେକେ ଅନ୍ୟ କିଛି ନୁହେ ଅର୍ଥାତ୍ ବଢାଇ କରି କହି ନାହୁଁ । ଜଗଦୀଶ୍ୱର କରନ୍ତୁ ପ୍ରଚୁର ପରିମାଣରେ ଆପଣଙ୍କର ଏହି ମହାମୂଲ୍ୟ ଔଷଧୀ ବିକ୍ରୟ ହେଉ ।

ଶ୍ରୀ ରାମସତ୍ୟ ମୁଖୋପାଧ୍ୟାୟ
ହେଡ଼କିରାଣୀ ବେହାର ଇଣ୍ଡିଗୋ ପ୍ଲାଣ୍ଟାର୍ସ
ଏସୋସିଏସନ୍

ନ ୫୪ ମର

☞ ମୃତପତ୍ର ଦେଖ ।

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୭ ଶ
ସଂ ୪୦ ସଂଖ୍ୟା

ତା ୭ ଦିନ ମାହେ ଅକ୍ଟୋବର ସନ ୧୮୮୨ ମସିହା । ମୁ । ଅଶ୍ୱିନ ୨୩ ଦିନ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | [illegible] |
| --- | --- | --- |
| ବାର୍ଷିକ | ଟ ୫ ୧ | ଟ ୬ ୧ |
| ଡାକମାସୁଲ | ଟ ୦ ।୰ | ଟ ୧ ୧ |


କଲିକତା ନିକଟସ୍ଥ ଫରାସୀ ଅଧିକୃତ ଚନ୍ଦନ ନଗରରେ ପ୍ରଜାବନ୍ଧୁ ନାମରେ ଖଣ୍ଡିଏ ସାପ୍ତାହିକ ସମ୍ବାଦପତ୍ର ବାହାର ଅଛି ଏବଂ ଅମ୍ଭେମାନେ ତହିଁର ଦ୍ୱିତୀୟ ସଂଖ୍ୟା ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଚନ୍ଦନ ନଗରରେ ସମ୍ବାଦପତ୍ର ନ ଥିଲା ଏହାଦ୍ୱାରା ସେ ଅଭାବ ପୂର୍ଣ୍ଣ ହୋଇଅଛି । ଅମ୍ଭେମାନେ ଏହାର ସ୍ଥାୟିତ୍ୱ ପ୍ରାର୍ଥନା କରୁଅଛୁଁ ।

---

ମିଶର ଯୁଦ୍ଧ ଶେଷ ହେବାରୁ ସେଠାରୁ ଆଉ କିଛି ବଡ଼ିଆ ସଂବାଦ ଆସିବାର କଥା ନାହିଁ । ଗତ ସପ୍ତାହରେ ଯେ ସମସ୍ତ ତାରସଂବାଦ ଆସିଅଛି ତହିଁରୁ ଏତିକି ଜଣାଯାଏ ଯେ କେବେ ନଗରଠାରେ ଖେଦିବଙ୍କୁ ଦେଖାଇବା କାରଣ ସମସ୍ତ ଇଂରାଜ ଏବଂ ଭାରତବର୍ଷୀୟ ସେନାଙ୍କର ଏକ ପ୍ରକାଣ୍ଡ ପରଦର୍ଶନ ହୋଇଥିଲା ଇଂରାଜ ସେନାଙ୍କ ନିକଟରେ ଭାରତୀୟ ସେନା ମଧ୍ୟ ସମୁଚିତ କୀର୍ତ୍ତି ଦେଖାଇଥିଲେ । ଏହି ଦୃଶ୍ୟ ମିଶରବାସିଙ୍କ ମନରେ ମହତ ହୋଇ ଯାଇଅଛି । ବର୍ତ୍ତମାନ ସ୍ଥିର ହୋଇଅଛି ଯେ ମିଶର ରାଜ୍ୟରେ ୧୨୦୦୦ ଇଂରାଜ ସେନା ଛାଉଣି କରି ରହିବେ ଓ ଅବଶିଷ୍ଟ ସୈନ୍ୟ ବିଲାତକୁ ଫେରିଯିବେ । ଭାରତୀୟ ସେନା ଶୀଘ୍ର ଫେରି ଆସିବାର ଆରମ୍ଭ ହୋଇଅଛି ।

---

✓ସମ୍ବାଦବାହିକାରେ ପାଠକଙ୍କୁ ଯେ ମାଇନର ଓ ଭର୍ଣ୍ଣାକ୍ୟୁଲର ଛାତ୍ରବୃତ୍ତି ପରୀକ୍ଷା ଏ ବର୍ଷ ନୂଆ ରୀତି[illegible]ରେ ଗୃହୀତ ହୋଇଅଛି ଅର୍ଥାତ୍ ପୂର୍ବରୀତି ଅନୁସାରେ ଓଡ଼ିଶା ନିମିତ୍ତ ପୃଥକ୍ ପ୍ରଶ୍ନମାନ ଦିଆ ନ ଯାଇ ଦକ୍ଷିଣ ପଶ୍ଚିମ ବଙ୍ଗର ଇନ୍‌ସ୍ପେକ୍ଟର ବାବୁ ଭୂଦେବ ମୁଖୋପାଧ୍ୟାୟଙ୍କ ଅଧୀନ ବଙ୍ଗଳା ଏବଂ ବେହାର ଅଞ୍ଚଳ ନିମିତ୍ତ ଯେଉଁ ପ୍ରଶ୍ନମାନ ପ୍ରସ୍ତୁତ ହୋଇଅଛି ସେହି ସମସ୍ତ ଓଡ଼ିଆରେ ଅନୁବାଦିତ ହୋଇ ଦିଆ ଯାଇଅଛି । ଓଡ଼ିଶାରେ ନିଯୁକ୍ତ ହୋଇଥିବା ପରୀକ୍ଷକମାନେ କେବଳ ଉତ୍ତର କାଗଜମାନ ଦେଖି ନମ୍ବର ଦେବେ । ଆମ୍ଭମାନଙ୍କ ବିବେଚନାରେ ଏ ରୀତି ଉତ୍ତମ ଅଟଇ କାରଣ ଏହାଦ୍ୱାରା ଜଣେ ଇନ୍‌ସ୍ପେକ୍ଟରଙ୍କ ଅଧୀନ ଯେତେ ବିଦ୍ୟାଳୟ ଅଛି ସେ ସମସ୍ତର ଫଳ ଉତ୍ତମରୂପେ ପ୍ରତ୍ୟକ୍ଷ ହେବ ଅର୍ଥାତ୍ ଏକଦଣ୍ଡରେ ସମସ୍ତେ ତୁଳିତ ହେବେ ଏବଂ କାହାରି କିଛି ଗୁହାରି କରିବାର ବାଟ ରହିବ ନାହିଁ ।

---

✓ପୁରୀର ଦ୍ୱୀପାନ୍ତରିତ ମହାରାଜା ଦିବ୍ୟସିଂହଙ୍କ ନାବାଳଗ ପୁତ୍ର ଶ୍ରୀ ଜଗନ୍ନାଥ କେଳାମଣି ମୁକୁନ୍ଦଦେବ ମହାରାଜା ନାମ ଗ୍ରହଣ ପୂର୍ବକ ସିଂହାସନରେ ବସିବାର ଅନେକଦିନୁ ହେଲା ପାଠକମାନଙ୍କୁ ଜଣାଇ ଥିଲୁଁ । ସମ୍ପ୍ରତି ପୁରୁଷୋତ୍ତମପତ୍ରିକାରେ ପାଠ କଲୁଁ କି ନୂତନ ମହାରାଜା ମୁକୁନ୍ଦଦେବ ଗତ ସୁନିଆଁ ଦିନ ପୁରୀ ରାଜବଂଶର ପ୍ରାଚୀନ ରୀତି ଅନୁସାରେ ଚତୁରଙ୍ଗ ଦଳରେ ବାଳନଅରକୁ ବିଜେ କରି ଅଙ୍କ କଟାଇଲେ । ଏହି ସୁନିଆଁ ଠାରୁ ମୁକୁନ୍ଦଦେବଙ୍କର ୩ ଅଙ୍କ ଆରମ୍ଭ ହେଲା । ଅଙ୍କ କଟା ସମୟରେ ଅନେକ ଲୋକ ଉପସ୍ଥିତ ହୋଇଥିଲେ ଏବଂ ସଲାମୀସ୍ୱରୂପ ପ୍ରାୟ ଟ୩୦୦ଙ୍କା ଆୟ ହୋଇଥିଲା । ଦିବ୍ୟସିଂହ ଦେବ ବସ୍ତୁ ଥାଉଣୁ ଏପରି ହେବା ଅବଶ୍ୟ ହାସ୍ୟାସ୍ପଦ ଏବଂ ଦୁଃଖର ବିଷୟ ଅଟଇ । ତେବେ ପୁରୀ ରାଜବଂଶର ପୂର୍ବ ଟେକ ନ ଥିବାରୁ ଏ ଘଟନା ସର୍ବସାଧାରଣଙ୍କ ମନକୁ ଆକର୍ଷଣ କରି ପାରୁ ନାହିଁ ।

---

କଲିକତା ବଣିକ ସମ୍ପ୍ରଦାୟ ଦୁର୍ଗାପୂଜା ଛୁଟି କମାଇବା କାରଣ ଏତେ ବ୍ୟଗ୍ର ଯେ ପ୍ରତିବର୍ଷ ହତ ଯାଉଥିଲେ ମଧ୍ୟ ପୁନଃ୨ ଆପତ୍ତି ଉତ୍ଥାପନ କରିବାରେ ତ୍ରୁଟି କରୁ ନାହାନ୍ତି । ଅନ୍ୟାନ୍ୟ ବର୍ଷ ପ୍ରାୟ ଏବର୍ଷ ମଧ୍ୟ ପୂଜାଛୁଟି କମ କରି କେବଳ ଗୁରୁ ଦିନ କଚେରି ବନ୍ଦ କରିବା କାରଣ ପ୍ରାର୍ଥନା କରିଥିଲେ । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଉକ୍ତ ଆବେଦନ ପତ୍ର ବଙ୍ଗାଳ ଗବର୍ଣ୍ଣମେଣ୍ଟକୁ ପଠାଇବାରୁ ବଙ୍ଗାଳ ଗବର୍ଣ୍ଣମେଣ୍ଟ ମତ ଦେଲେ ଯେ ଏ ବିଷୟ ଅନେକ ଦିନରୁ ନିଷ୍ପତ୍ତି ହୋଇ ଯାଇ ଅଛି ଏବଂ ଗତବର୍ଷ ତହିଁର ଶେଷ ନିଷ୍ପତ୍ତି ହୋଇଗଲା ପରେ ଏଭଳି ଆପତ୍ତି ଉତ୍ଥାପନ କରିବା ଅନ୍ୟାୟ । ସମ୍ପ୍ରଦାୟବିଶେଷର ସୁବିଧା ପ୍ରତି କେବଳ ଦୃଷ୍ଟି ରଖି ସମୁଦାୟ ହିନ୍ଦୁ ସମାଜର

Digitized by srujanika@gmail.com

କ୍ଷୋଭ ଜନ୍ମାଇବା ଉଚିତ ନୁହଇ । ବେଙ୍କ ମଧ ଗୃହଦନ ପ୍ରକୃତ ବନ୍ଦ ଥାଇ ଅନ୍ୟ ଦିନମାନଙ୍କରେ ଏକ ପ୍ରକାର ଖୋଲା ଥାଏ । ଏପରି ଅବସ୍ଥାରେ ଅଫିସ୍ ଏଭଳ ଛୁଟି କରିବା ଅନୁଚିତ । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏ ମତ ସମର୍ଥନ କରି ଆବେଦନ ଅଗ୍ରାହ୍ୟ କରିଅଛନ୍ତି । ଏ ସମ୍ବାଦରେ ପାଠକେ ଅତ୍ୟନ୍ତ ଆନନ୍ଦିତ ହେବେ ସନ୍ଦେହ ନାହିଁ ; ଲାଟ ସାହେବମାନଙ୍କ ଏ ବିଚାରରେ ହିନ୍ଦୁ ସମାଜ ଯେ କେତେ କୃତଜ୍ଞ ହୋଇଅଛି ତାହା ବୋଲି ଯାଇ ନ ପାରେ।

---

ଗୋପାଳଜୀଉ ମଠର ଦଙ୍ଗା ମୋକଦ୍ଦମାର ଦୁଇପକ୍ଷର ଗୁହା ଜୋବାନବନ୍ଦୀ ଇତ୍ୟାଦି କାର୍ଯ୍ୟ ଗତ ବୁଧବାର ଶେଷ ହେଲା କେବଳ ହୁକୁମ ହେବାର ବାକି ଅଛି ଏବଂ ତହିଁପାଇଁ ଆଗାମୀ ତା ୨୦ ରିଖ ଧାର୍ଯ୍ୟ ହୋଇଅଛି । ଗତ ସପ୍ତାହରେ ଏ ମୋକଦ୍ଦମାରୁ ଯୋଡ଼ାଏ ଶାଖା ବାହାରି ଥିଲା ଏ ସପ୍ତାହରେ ମଧ ଯୋଡ଼ାଏ ଶାଖା ବାହାରି ଅଛି ଅର୍ଥାତ ଦୁଇଜଣ ସଫାଇ ଗୁହା ମିଥ୍ୟା ସାକ୍ଷ ଦେବା ଅପରାଧରେ ବିଚାରାଧୀନରେ ଆସି ଅଛନ୍ତି । ଏପର ବାବୁ ହରିକାନାଥ ଆର୍ଯ୍ୟ ମୁକ୍ତାର ହରବରରେ ପଡ଼ି ଅଛନ୍ତି । ଏ ମୁକ୍ତାର ଆଦ୍ୟରୁ ଆସାମୀ ପକ୍ଷରୁ ନିଯୁକ୍ତ ହୋଇ କାର୍ଯ୍ୟ କରୁଥିଲେ । ଗତ ବୁଧବାର ଜଣେ ସଫାଇ ଗୁହାର ଜୋବାନବନ୍ଦୀ ହେଉଥିବା କାଳରେ ବିଚାରକର୍ତ୍ତାଙ୍କ ମନରେ କଭାବ ଉଦୟ ହେଲା ଯେ ସେ ମୁକ୍ତାରଙ୍କୁ ପଚାରିଲେ କି ତୁମ୍ଭେ ପୂର୍ବ ମୋକଦ୍ଦମା ସମ୍ପର୍କରେ ଇଂରାଜମାନଙ୍କୁ ତାରସମ୍ବାଦ ପଠାଇଥିଲ ? ମୁକ୍ତାର ଉତ୍ତର ଦେଲା ହଁ । ତହିଁ ପଚାରିଲେ ତୁମ୍ଭେ ପୂର୍ବ ମୋକଦ୍ଦମାରେ ନାରାୟଣଦାସ ପକ୍ଷରୁ ଗୁହାଇ ଦେଇଥିଲ ? ମୁକ୍ତାର ପୂର୍ବପ୍ରାୟ ଉତ୍ତର ଦେଲା । ତହୁଁ ବିଚାରପତି ମୁକ୍ତାରଙ୍କୁ କହିଲେ ଯେ ତୁମ୍ଭେ ଏ ମୋକଦ୍ଦମା ଚଳାଇ ପାରିବ ନାହିଁ । ଏହା କହି ନଥିରୁ ମୁକ୍ତାରନାମା ବାହାର କରି ମୁକ୍ତାରର ନାମ କାଟାଇ ଦେଲେ । ମୁକ୍ତାର ଆପଣାକୁ କ୍ଷତିଗ୍ରସ୍ତ ମନେ କରି ଏହାର ପ୍ରତୀକାର ଲୋଡ଼ୁଅଛି ଏବଂ ଏ ସମସ୍ତ କାର୍ଯ୍ୟ ଦେଖି ସର୍ବସାଧାରଣଙ୍କ ମନରେ ମହା ଭୟ ଜାତ ହୋଇଅଛି । ଓଡ଼ିଆମାନେ ସ୍ୱଭାବତଃ ଭୀରୁ ତହିଁରେ ଯେବେ ହାକିମ ଏପରି ରୁଦ୍ରମୂର୍ତ୍ତି ଧାରଣ କରିବେ ତେବେ ମାମଲା ମୋକଦ୍ଦମା ଚଳିବାର କଠିନ ହେବ କାରଣ କେହି ତାହାଙ୍କ ସମ୍ମୁଖବର୍ତ୍ତୀ ହେବାକୁ ସାହସ କରିବେ ନାହିଁ ।

---

ପିତୃ ମାତୃ ଶ୍ରାଦ୍ଧ କ୍ରିୟାରେ ବଙ୍ଗଦେଶୀୟମାନେ ଯେପର ଧନବ୍ୟୟ କରନ୍ତି ଏମନ୍ତ ଅଳ୍ପ ସ୍ଥାନରେ ଦେଖାଯାଏ । ଗତମାସ ତା ୧୦ ରିଖ ରବିବାର ଦିନ କଲିକତା ଶୋଭା ବଜାରର ବିଖ୍ୟାତ ରାଜବଂଶରେ ରାଜା ହରେନ୍ଦ୍ରକୃଷ୍ଣ ବାହାଦୁରଙ୍କ ପିତାମହୀଙ୍କ ଶ୍ରାଦ୍ଧ କ୍ରିୟା ହୋଇଥିଲା । ଡେଲିନିୟୁସରେ ତହିଁର ବିସ୍ତାରିତ ବିବରଣ ଲିଖିତ ହୋଇଅଛି । ରାଜବାଟିର ଅଗଣା କି ଯାହା କଲିକତା ନଗର ମଧ୍ୟରେ ଗୋଟିଏ ବିସ୍ତୀର୍ଣ୍ଣ ସ୍ଥାନ ଅଟଇ କ୍ରିୟାର ସ୍ଥଳ ନିରୂପିତ ହୋଇଥିଲା ଏବଂ ବାବୁ ମହୀନ୍ଦ୍ରଚନ୍ଦ୍ର ବୋଷ ଇଞ୍ଜିନିୟର ଏ ସ୍ଥାନକୁ ଅତି ମନୋହର ରୂପେ ସୁସଜ୍ଜିତ କରିଥିଲେ । ବଙ୍ଗଲା ବେହାର ଏବଂ ଓଡ଼ିଶାର ପ୍ରଧାନ ଟୋଲମାନଙ୍କରୁ ପ୍ରାୟ ଶୃହଜାର ଅଧ୍ୟାପକ ଆମନ୍ତ୍ରିତ ହୋଇ ଆସିଥିଲେ ଏବଂ ରାଜାଙ୍କ ଜ୍ଞାତିକୁ [illegible] ପ୍ରାୟ ୧୭୦୦ ଜଣ ଉପସ୍ଥିତ ଥିଲେ । ଏଥି ମଧ୍ୟରେ ୫୮୬ ଜଣ କାୟସ୍ଥ ଥିଲେ କଲିକତା ଏବଂ ତହିଁ ନିକଟସ୍ଥ ସ୍ଥାନମାନଙ୍କରୁ ପ୍ରଧାନ ପ୍ରଧାନ କୁଳୀନ ଏବଂ ମୌଳିକମାନେ ଏଥି ମଧ୍ୟରେ ଥିଲେ । ଏତେ ଲୋକଙ୍କ ସମାଗମ ହେତୁ କ୍ରିୟାର ସଭା ଅପୂର୍ବ ଶୋଭା ଧାରଣ କରିଥିଲା । ଏ କ୍ରିୟାରେ ଦାନସାଗରର ଆୟୋଜନ ହୋଇଥିଲା ଏବଂ ସେ ଦ୍ରବ୍ୟମାନ ଅତି ସୁନ୍ଦରରୂପେ ଶ୍ରେଣୀବଦ୍ଧ ହୋଇ ରଖା ଯାଇଥିଲା। ଦାନ ସାମଗ୍ରୀର ସଂକ୍ଷେପ ବିବରଣ ଏହିକି ଷୋଳପ୍ରସ୍ଥ ଖଟ ଓ ବିଛଣା ଇତ୍ୟାଦି ଷୋଳପ୍ରସ୍ଥ ରୂପାର ବାସନ କି ତହିଁ ମଧ୍ୟରେ ପ୍ରତ୍ୟେକ ପ୍ରସ୍ଥ ଥାଳ ଇତ୍ୟାଦିରେ ନଗଦ ଏକସହସ୍ର ଟଙ୍କା ଲେଖାଏ ରଖା ଯାଇଥିଲା । ଏକ ଏକ ପ୍ରସ୍ଥ ବାସନ ସଙ୍ଗେ ଶାଲ ବନାତ ଚଦର ଏବଂ ରେଶମର ଧୋତି ରହିଥିଲା । ଏହା ଛଡ଼ା ଏକ ଏକ ଗଦା ନାନାପ୍ରକାର ପିତ୍ତଳ ବାସନ ରହିଥିଲା । ପାଲିଙ୍କି ଓ ଘୋଡ଼ାର ଅଭାବ ନ ଥିଲା ବାସ୍ତବରେ କେବଳ ହାତୀ ଗୋଟିଏ କିଣିବାରୁ ନ ମିଳିବାରୁ ତେତିକ ଅଭାବ ରହି ଯାଇଥିଲା । ରାଜା ହରେନ୍ଦ୍ରକୃଷ୍ଣ ବାହାଦୁର ସଭାର ଅନୁମତି ନେଇ ସକାଳ ଘ ୮ ଟା ସମୟରେ କ୍ରିୟା ଆରମ୍ଭ କଲେ ଓ ତାହା ଶେଷ ହେବାରୁ ଅପରାହ୍ନ କାଳରେ ୧୬୦୦୦ କଙ୍ଗାଳୀଙ୍କୁ ନଗଦ ପଇସା ବାଣ୍ଟି ଦିଆ ଗଲା । ୬ ଷ୍ଠ ଦିନ ଦୁଇସହସ୍ର ବ୍ରାହ୍ମଣ ଭୋଜନ କଲେ । ପୁଣ୍ୟାହ ଦିନ କାୟସ୍ଥ ଏବଂ ଚତୁର୍ଥଦିନ କେବଳ ୩୫୦୦ ଭଦ୍ର ମହିଳାମାନେ ଭୋଜନ କଲେ । ଶେଷ ଦୁଇଦିନ ପ୍ରଜା ଓ ଚାକରଙ୍କୁ ଭୋଜି ଦିଆ ଯାଇଥିଲା । ଏପର ବୃହତ୍ କ୍ରିୟା କେମନ୍ତ ବ୍ୟୟସାଧ୍ୟ ପାଠକମାନେ ଅନୁମାନ କରନ୍ତୁ । ଏ ପ୍ରଦେଶରେ ବଡ଼ ବଡ଼ ରାଜାଙ୍କର କ୍ରିୟାରେ ଏତେ ସମାରୋହ ଦେଖା ଯାଏ ନାହିଁ ।

---

## ଶସ୍ତା କାର୍ଯ୍ୟ କେବେ ସୁନ୍ଦର ନୁହଇ ।

ସ୍ୱାସ୍ଥ୍ୟରକ୍ଷା ପୁସ୍ତକ ସମ୍ପର୍କରେ ଖଣ୍ଡିଏ ପ୍ରେରିତପତ୍ର ପାଇ ସ୍ଥାନାନ୍ତରେ ପ୍ରକାଶ କଲୁଁ । ପତ୍ରପ୍ରେରକ ଯେ ସମସ୍ତ ଦୋଷର ଉଲ୍ଲେଖ କରିଅଛନ୍ତି ତାହା ପ୍ରକୃତ ଅଟଇ ଓ ଗବର୍ଣ୍ଣମେଣ୍ଟଙ୍କର ଏଥିରେ ଗୁଡ଼ିଏ ଟଙ୍କା ବ୍ୟୟ ହୋଇଅଛି ଏହା ମଧ ସତ୍ୟ ତେବେ ଏଥିପାଇଁ କିଏ ଦାୟୀ କେବଳ ଏତିକି ବିଚାରର ଆବଶ୍ୟକ ଅଟଇ । ଏହି ପୁସ୍ତକ ଛପା କରିବା କାରଣ ଶ୍ରୀଯୁକ୍ତ କମିଶ୍ନର ସାହେବ ଏ ନଗରର ଛାପାଖାନାମାନଙ୍କରୁ ଦର ଲୋଡ଼ିଲେ । ପ୍ରିଣ୍ଟିଂକମ୍ପାନିଙ୍କ ଦରଠାରୁ ମିଶନପ୍ରେସର ଦର ଊଣା ପଡ଼ିଲା ଏବଂ ମିଶନପ୍ରେସଠାରୁ ପେଟ୍ରିଅଟ ପ୍ରେସର ଦର କେବଳ ଟ ୬୯ କା ଊଣା ପଡ଼ିଲା । କମିଶ୍ନର ସାହେବ କେଉଁ ପ୍ରେସରେ କପର ଛପା ହୁଅଇ ତାହା କିଛି ବିଚାର ନ କରି ଟ ୬୯ କା ଲଭ ସକାଶେ ପେଟ୍ରିଅଟ ପ୍ରେସକୁ ଦଶହଜାର ପୁସ୍ତକ ଟ *୭୦୯ କାରେ ଛାପିବା କାରଣ ଆଦେଶ ଦେଲେ । ପୁସ୍ତକ ଛପା ହେଲା ପରେ ଶ୍ରୀଯୁକ୍ତ ଜଏଣ୍ଟ ଇନ୍‌ସପେକ୍ଟରଙ୍କ ସେ ସମସ୍ତ ବିକ୍ରୟ ନିମିତ୍ତ ପୁସ୍ତକ ବିକ୍ରେତାଙ୍କୁ ବାଣ୍ଟି ଦେଲେ । କେବଳ ପୁସ୍ତକର ସଂଖ୍ୟା ଦଶହଜାର ସମସ୍ତେ ବୁଝି ନେଲେ କିନ୍ତୁ ଛାପ ପ୍ରତି କାହାର ଦୃଷ୍ଟି ପଡ଼ିଲା ନାହିଁ । ସରକାରୀ ପୁସ୍ତକ ବୋଲି ବୋଧ ହୁଏ କୌଣସି ଶିକ୍ଷକ ଅଥବା ଶିକ୍ଷାବିଭାଗର ଅନ୍ୟ କେହି କର୍ମଚାରୀ ତହିଁର ଦୋଷ ଦେଖାଇବାକୁ ସାହସ କରୁ ନାହାନ୍ତି । ଅନ୍ୟର ପୁସ୍ତକ ହେଲେ କେତେକଥା ବାହାର ଆଆନ୍ତା । ଏଥିରୁ ପାଠକମାନେ ଦେଖିବେ ଯେ ଏ ପୁସ୍ତକ ମନ୍ଦ ଛପା ହେବା ବିଷୟରେ ଶ୍ରୀଯୁକ୍ତ କମିଶ୍ନର ସାହେବ ଏବଂ ତାହାଙ୍କ ପରାମର୍ଶଦାତାମାନେ ପ୍ରଧାନରୂପେ ଦାୟୀ ଅଟନ୍ତି । ସାହେବ

Digitized by srujanika@gmail.com

ସରକାରଙ୍କର ତଫାଏତ ଦଗକୁ ଧାଇଁ ନବ ସରକାରଙ୍କ ଅନୁଗ୍ରହର ଯୋଗ୍ୟପାତ୍ର ସେ ବିଷୟର କିଛିମାତ୍ର ବିଚାର ନ କଲେ ଏବଂ କର୍ମ ତତ୍ପର ହେଲା ତାହା କେହି ତାହାଙ୍କୁ ଜଣାଇଲେ ନାହିଁ । ଶିକ୍ଷା ବିଭାଗର ପୁସ୍ତକ ଯୋଗାଇବା ସମ୍ପର୍କରେ ଅନେକ ବିଶୃଙ୍ଖଳା ଆମ୍ଭେମାନଙ୍କ କ୍ଷୀତସାରରେ ଆସିଅଛି ଓ ଏଥି ପୂର୍ବେ ସେ ବିଷୟରେ ଦୁଇ ଏକକଥା ଏହି ପତ୍ରିକାରେ ପ୍ରକାଶିତ ହୋଇଅଛି । ସାଧାରଣ ଧନ ସଦ୍‌ବ୍ୟୟ ଉଦ୍ଦେଶରେ ଆମ୍ଭେମାନେ ଶ୍ରୀଯୁକ୍ତ କମିଶ୍ନର ସାହେବ ଏବଂ ଶିକ୍ଷାବିଭାଗର କର୍ତ୍ତୃପକ୍ଷଙ୍କୁ ବିଶେଷ ରୂପେ ଅନୁରୋଧ କରୁଅଛୁଁ କି ଏ ବିଷୟମାନ ଅନୁସନ୍ଧାନ କରି ବିହିତ ବନ୍ଦୋବସ୍ତ କରିବାପ୍ରତି ମନୋଯୋଗୀ ହେଉନ୍ତୁ ।— ବିଦ୍ୟାଳୟର ପାଠ୍ୟପୁସ୍ତକମାନ ଉତ୍ତମରୂପେ ଛପା ହେବା ଅତ୍ୟନ୍ତ ଆବଶ୍ୟକ ତାହା ନ ହେଲେ ପିଲାଙ୍କ ପଢ଼ିବା ପକ୍ଷରେ ଭାରି ଅସୁବିଧା ହୁଅଇ । ପାଠ୍ୟପୁସ୍ତକର ମୂଲ୍ୟ ଊଣା ହେବା ମଧ୍ୟ ବାଞ୍ଛନୀୟ ଅଟଇ ମାତ୍ର ଉତ୍ତମ ମୁଦ୍ରାଙ୍କନ କାର୍ଯ୍ୟ ସହିତ ସ୍ୱଳ୍ପ ମୂଲ୍ୟ ଲୋଡ଼ିବା ସିନା ଯୁକ୍ତି ସଙ୍ଗତ କଥା । ଦୁଃଖର ବିଷୟ ଯେ ସେ ଦଗକୁ କାହାର ମନ ଯାଉ ନାହିଁ ଏବଂ ଏହି ହେତୁ ଓଡ଼ିଶାର ଅଧିକାଂଶ ଛାପାଖାନାର କାର୍ଯ୍ୟ ଅଦ୍ୟାପି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଅଛି ।

---

### ପୂଜାର ଆମୋଦ ।

ଗତ ସପ୍ତାହରେ ଘୋଡ଼ା ଦୌଡ଼ର ବିଜ୍ଞାପନ ବାହାରିଥିଲା ଏ ସପ୍ତାହରେ ତହିଁସଙ୍ଗେ ବଳ ସାଧ୍ୟ କ୍ରୀଡ଼ାର ବିଜ୍ଞାପନ ପ୍ରକାଶିତ ହେଲା । ପାଠକମାନେ ଦେଖିବେ ଯେ ଏଥିରେ ନାନା ପ୍ରକାର ଦୌଡ଼ିବା ଏବଂ ଡେଇଁବାର ବ୍ୟବସ୍ଥା ହୋଇଅଛି ଏବଂ ତହିଁ ମଧ୍ୟରେ କେତେ ଗୁଡ଼ିଏ ଅତ୍ୟନ୍ତ କୌତୁକଜନକ ଅଟଇ ଯଥା;—ପୂର୍ଣ୍ଣ ଜଳକଳସ ମୁଣ୍ଡରେ ରଖି ଦୌଡ଼ିବା, ଅଖା ମଣିରେ ଗୋଡ଼ ପୂରେଇ ଦୌଡ଼ିବା, ତିନ ଗୋଡ଼ରେ ଦୌଡ଼ିବା ଏବଂ ପାଲିଙ୍କି ନେଇ ଦୌଡ଼ିବା । ଏ ସବୁ ଦୌଡ଼ ଦେଖିବା ବଡ଼ ଆମୋଦର ବିଷୟ । ଏହି ସମସ୍ତ ବଳ ସାଧ୍ୟ କ୍ରୀଡ଼ା ନିମିତ୍ତ ସାଧାରଣ ପୂଜା ଆମୋଦ ଫଣ୍ଡରୁ ଟ ୨୪୦୵ ଙ୍କା ପୁରସ୍କାର ଦିଆ ଯିବାର ସ୍ଥିର ହୋଇଅଛି ଓ ଏକ୨ ପୁରସ୍କାରର ମୂଲ୍ୟ ଏପରି ଧାର୍ଯ୍ୟ ହୋଇଅଛି ଯେ ତାହା ଲାଭ କରିବା ନିମିତ୍ତ ଏଠାର ଆଖଡ଼ାବାଲାମାନେ ପଲ୍‌ଟନୀୟଙ୍କ ସହିତ ପ୍ରତିଯୋଗିତା କରିବାକୁ ମନ ବଳାଇ ପାରନ୍ତି । ପ୍ରଥମ ଦୌଡ଼ କ୍ରୀଡ଼ାରେ ଯେଉଁମାନେ ଭରତି ହେବାକୁ ଇଚ୍ଛା କରିବେ ସେମାନଙ୍କୁ ଭେଦାଦ ତାଙ୍କଠାରୁ ନିଯୋଗ ପତ୍ର ନେବାକୁ ହେବ ଏବଂ ଆମ୍ଭେମାନେ ଆଶା କରୁଁ କି ନଗରବାସିମାନେ ଆପଣା ଲୋକ ସକାଶେ ପୂର୍ବରୁ ଏପ୍ରକାର ନିଯୋଗ ପତ୍ର ସଂଗ୍ରହ କରି ସେମାନଙ୍କୁ ଦୌଡ଼ିବା ଏବଂ ଡେଇଁବାର ଅଭ୍ୟାସ କରାଇବେ ଯେ ତଦ୍ୱାରା ସେମାନଙ୍କର ପୁରସ୍କାର ପାଇବାର ଅଧିକ ସୁବିଧା ହେବ । ଅପରାହ୍ଣ ଘ ୩ ଣ୍ଟା ସମୟରେ କ୍ରୀଡ଼ା ଆରମ୍ଭ ହେବ ଏବଂ ଏ ମାସର ତା ୨୭ ରିଖ ସତିକ ଖସ୍ତର ତେଜ ବସ୍ତର ଊଣା ହୋଇ ଯାଇଥିବ । ସୁତରାଂ ସମୟଟା କାହାରିକୁ କଷ୍ଟକର ବୋଧ ହେବ ନାହିଁ । ଭେଦାଦାତା ଏବଂ ତାହାଙ୍କ ବନ୍ଧୁଙ୍କ ସକାଶେ ଘଉଟ ମଧ୍ୟରେ ଚୌକି ଇତ୍ୟାଦି ଆସନ ଦେବାର ବିହିତ ବନ୍ଦୋବସ୍ତ ହେବବୋଲି ଆମ୍ଭେମାନେ କ୍ଲବର ସେକ୍ରେଟରୀଙ୍କ ନିକଟରୁ ବୁଝିଅଛୁଁ ଏବଂ ପଲଟନର ବାଦ୍ୟ ଖେଳର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିବାର ସ୍ଥିର ହୋଇଅଛି । ଅତଏବ ଏ କ୍ରୀଡ଼ାକୁ ଯଥୋଚିତ ଆନନ୍ଦପ୍ରଦ କରିବା କାରଣ କୌଣସି ଅନୁଷ୍ଠାନର ତ୍ରୁଟି ହୋଇ ନାହିଁ । କେବଳ ନଗରବାସିମାନେ ଅଧିକ ପରିମାଣରେ ଯୋଗ ଦେଲେ ଏଥିର ଶୋଭା ଦ୍ୱିଗୁଣିତ ଏବଂ ଅନୁଷ୍ଠାନକାରୀଙ୍କର ଶ୍ରମ ସଫଳ ହେବ ।

ଘୋଡ଼ା ଦୌଡ଼ର କଥା ଗତ ସପ୍ତାହରେ କହିଅଛୁଁ । କେହି୨ ମନେ କରନ୍ତି ଯେ କେବଳ ଇଂରାଜମାନଙ୍କର ଘୋଡ଼ା ଦୌଡ଼ରେ ଦିଆଯିବ । ବାସ୍ତବରେ ତାହା ନୁହେ ବିଜ୍ଞାପନ ଲିଖିତ ନିୟମମାନ ଯେକେହି ପ୍ରତିପାଳନ କରିବ ସେ ଦେଶୀୟ ହେଉ ବା ଇଂରାଜ ହେଉ ତାହାର ଘୋଡ଼ା ନିଆଯିବ । ଦେଶୀୟ ଲୋକଙ୍କ ମଧ୍ୟରେ ଯାହାଙ୍କର ଭଲ ଘୋଡ଼ା ଅଛି ଏବଂ ତାହା ଦୌଡ଼ରେ ଦେବାକୁ ଇଚ୍ଛା କରନ୍ତି ସେମାନେ ଘୋଡ଼ାଦୌଡ଼ କଥା ଜାଣିଥିବା ଏ ନଗରବାସି କୌଣସି ଇଂରାଜଙ୍କୁ ପଚାରିଲେ ସବିଶେଷ ଜାଣି ପାରିବେ । ଆମ୍ଭେମାନେ ବୁଝିଅଛୁଁ ଯେ ଦେଶୀୟ ଲୋକମାନେ ଏ ସମସ୍ତ କ୍ରୀଡ଼ାରେ ସମଧିକ ସଂସୃଷ୍ଟ ହେଉନ୍ତୁ ପୂଜା କମିଟୀର ଏହା ଏକାନ୍ତ ଆଶା ଏବଂ ବର୍ଷ ମଧ୍ୟରେ ଏକ ଥର ହେଲେହେଁ ନଗରବାସି ଇଂରାଜ ଓ ଦେଶୀୟ ଭଦ୍ରଲୋକମାନେ ଏକତ୍ରରେ ଆମୋଦ ପ୍ରମୋଦ କରି ସୌହାର୍ଦ୍ଦ୍ୟତା ବୃଦ୍ଧି କରିବେ ଏହା ଅତ୍ୟନ୍ତ ବାଞ୍ଛନୀୟ ଏବଂ ଶୁଭକର ଅଟଇ ।

ଏଥର ପୂଜା ଆମୋଦ ପାଣ୍ଠି ଗତ ବର୍ଷଠାରୁ ଟ ୫୦୦୵ ଙ୍କା ବୃଦ୍ଧି ହୋଇଅଛି । ଏହା ବର୍ତ୍ତମାନର ମହାରାଜା ଟ ୨୦୦୵ ଙ୍କା ବୃଦ୍ଧିର ହେତୁ ଅଟନ୍ତି ଏବଂ ଅବଶିଷ୍ଟ ଟ ୩୦୦୵ ଙ୍କା ଦେଶୀୟ ଲୋକଙ୍କ ସମଧିକ ସହାନୁଭୂତିର ଫଳ ଅଟଇ । ପୂଜା ଆମୋଦ କମିଟୀ ଯେମନ୍ତ ଅଧିକ ଟଙ୍କା ସଂଗ୍ରହ କରିବାକୁ ସମର୍ଥ ହୋଇ ଅଛନ୍ତି ତେମନ୍ତ ସର୍ବସାଧାରଣଙ୍କୁ ଆମୋଦ ପ୍ରଦାନ ପକ୍ଷରେ ଅଧିକତର ଯତ୍ନବାନ୍ ହୋଇଅଛନ୍ତି ଏହି କମିଟୀ ମଧ୍ୟରେ ଇଂରାଜଙ୍କୁ ଛାଡ଼ ଅନ୍ୟଦେଶୀୟ ଭିନ୍ନ୨ ସମ୍ପ୍ରଦାୟର ପ୍ରତିନିଧି ସ୍ୱରୂପ ଗୃହଜଣ ସମ୍ଭ୍ରାନ୍ତ ବ୍ୟକ୍ତି ଅଛନ୍ତି । ଏହି କମିଟୀ ସମ୍ମୁଖରେ ସମସ୍ତ ଆୟ ବ୍ୟୟର ଫର୍ଦ୍ଦ ଉପସ୍ଥିତ ହେବ ଓ ସଭ୍ୟମାନେ ତାହା ବୁଝା ସୁଝା କରିବେ ।

ଆପାତତଃ ଯେ ସମସ୍ତ ବ୍ୟୟ ହେବାର ଧାର୍ଯ୍ୟ ହୋଇଅଛି ତଦ୍ଦୃଷ୍ଟିରେ ଜଣାଯାଏ ଯେ ପ୍ରାୟ ଟ ୩୦୦୵ ଙ୍କା ଉଦ୍ବୃତ୍ତ ରହିବ ଏ ଟଙ୍କା ଆଗାମୀ ବର୍ଷର ଆମୋଦ ନିମିତ୍ତ ଗଚ୍ଛିତ ରଖିବାର ପ୍ରୟୋଜନ ନାହିଁ । କାରଣ ଲୋକଙ୍କର ଯେମନ୍ତ ଆମୋଦ ବଢ଼ିଥିବ ତେମନ୍ତ ଭେଦାଦ୍ୱାରା ଟଙ୍କା ମଧ୍ୟ ଆୟ ହେଉଥିବ । ସୁତରାଂ ଉକ୍ତ ଟଙ୍କା ଏହି ବର୍ଷ ଖର୍ଚ୍ଚ କରିବା ଯୁକ୍ତିସିଦ୍ଧ ଅଟଇ କିନ୍ତୁ କେଉଁ ଆମୋଦପ୍ରଦ କାର୍ଯ୍ୟରେ ତାହା ଖର୍ଚ୍ଚ କଲେ ଭଲ ହେବ ଏ ବିଷୟର କେହି ପ୍ରସ୍ତାବ କଲେ ଆମ୍ଭେମାନେ ନିଶ୍ଚୟ ବୋଧ କରୁଁ କମିଟୀ ତାହା କୃତଜ୍ଞତା ସହିତ ଗ୍ରହଣ କରିବେ ।

---

## ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଦୁଇ ତିନଦିନ ଉତ୍ତମ ବୃଷ୍ଟି ହୋଇ ଫସଲ ପ୍ରତି ଉପକାର କରିଅଛି ଏବଂ ବର୍ତ୍ତମାନ ବାୟୁ ଶୀତଳ ହେବାର ଜଣାଯାଏ ।

ପ୍ରତିବର୍ଷ ଦଶହରା ପର୍ବକୁ ଦାରବନ ଛୁଟୀ ମିଳେ ସେ ଚତୁର୍ଥୀ ଦିନ ହୋଇ କଚେରୀମାନ ବନ୍ଦ ହୁଏ ସୁତରାଂ ବିଦେଶୀମାନଙ୍କ ପକ୍ଷରେ ପୂଜା ସମୟକୁ ଘରଠି ପହଞ୍ଚିବା ପକ୍ଷରେ ଅନେକ ସୁବିଧାଜନକ । ସେହି ନିୟମାନୁଯାୟୀ ଗଣିବାକୁ ବସିଲେ ଏବର୍ଷ କଚେରୀମାନ ତା ୧୭ ରିଖରେ ହୋଇ ତା ୧୭ ରିଖରୁ ବନ୍ଦ ହେବାର୍ ଉଚିତ ମାତ୍ର

Split by PDF Splitter
Digitized by srujanika@gmail.com

Split by PDF Splitter



ଅ ତି ରି କ୍ତ

ଉତ୍କଳଦୀପିକା ତା ୭ ରଖ ମାହେ ଅକ୍ଟୋବର ସନ ୧୮୮୨ ମସିହା ।

ଲକ୍ଷ୍ନୌଠାରେ ଜ୍ୱର ରୋଗ ଅତ୍ୟନ୍ତ ପ୍ରବଳ ହୋଇଅଛି । ଏକ ସପ୍ତାହରେ ଜ ୨୩୨ ଣ ମଧ୍ୟରୁ ଏକା ଏହି ରୋଗରେ ଜ ୧୩୯ ଜଣ ମୃତ୍ୟୁ ଘଟିଥିଲା ।

ଏହି ସମ୍ବାଦପତ୍ରରେ ପାଠକଙ୍କୁ ଯେ ବସୁଭସ୍ୱସ ନାମକ ଆଗ୍ନେୟ ପର୍ବତର ଅଗ୍ନି ଉତ୍ପାତ କଥାର ଉଦ୍‌ଯୋଗ ହେଉଅଛି । ତହିଁର ପ୍ରଧାନ ଗହ୍ୱର ସମୁଦ୍ର ପାଣିର ପତନରୁ ଅନେକ ହଜାର ଫୁଟ ଉଚ୍ଚରେ ଅଛି ଏବଂ ସମୁଦ୍ରରୁ ଗୋଟିଏ ନାଳ ଖଣି ଏହା ସମ୍ପାଦନ କରିବାର ଚେଷ୍ଟା ହୋଇଅଛି । ଏଥିରେ ଅନେକ ଖର୍ଚ୍ଚ ହେବ ମାତ୍ର ତହୁଁ ଅଧିକ ଟଙ୍କାର କ୍ଷତି ଏତଦ୍ୱାରା ଅବାଦ ହେବାର ଗଣନା କରା ଯାଉଅଛି । ଧନ୍ୟ ମନୁଷ୍ୟର ସାହସ ଓ ବୁଦ୍ଧି ।

ମେଲବୋର୍ଣଠାରୁ କଲିକତାକୁ ଆସୁଥିବା ଏକ ଜାହାଜ ବୁଡ଼ି ଯାଇଅଛି ଏବଂ ତହିଁରେ ଜଣେ ସାହେବ ଓ ୫୦୦ ଟି ଘୋଡ଼ା ବୁଡ଼ି ମରିଅଛନ୍ତି ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ଅମ୍ଭର ନିମ୍ନଲିଖିତ ଏ କେତେକ ପଂକ୍ତିକୁ ଆପଣଙ୍କ ଜ୍ଞାନବର୍ଦ୍ଧକ ପତ୍ରିକାର ଏକ କୋଣରେ ସ୍ଥାନଦାନ କଲେ, ବୈଜ୍ଞାନିକ ପାଠକମାନେ ଏ ପ୍ରଶ୍ନ ପଠନାନ୍ତର ଉତ୍ତର ଦ୍ୱାରା ଅମ୍ଭର ସନ୍ଦେହ ମୋଚନ କରି ଅମ୍ଭଙ୍କୁ କୃତାର୍ଥ କରିବେ । ଯଥା;—

ଆଧୁନିକ ବିଜ୍ଞାନବିତ୍ ପଣ୍ଡିତମାନଙ୍କ କାର୍ଯ୍ୟ ପ୍ରଣାଳୀ ଦର୍ଶନରେ ଅନୁମାନ କରାଯାଏ ଯେ ଏଦେଶୀୟ ପୂର୍ବାଚାର୍ଯ୍ୟମାନେ ଉତ୍ତମ ବୈଜ୍ଞାନିକ ଥିଲେ ; ସେମାନଙ୍କ କୃତ ବୈଦ୍ୟଶାସ୍ତ୍ରାଦିରୁ ସ୍ୱପ୍ରାୟୁକ୍ତ କାର୍ଯ୍ୟର, ଏବଂ ସେମାନଙ୍କ ପ୍ରାବର୍ତ୍ତିକ ଓ ନିବର୍ତ୍ତିକ ବାକ୍ୟମାନଙ୍କରୁ ସେମାନଙ୍କର ବିଜ୍ଞାନବତ୍ତ୍ୱର ବିଶେଷ ପରିଚୟ ମିଳଇ । ମାତ୍ର ସେମାନେ ଦେବାଳୟମାନଙ୍କରେ ଚକ୍ର ଓ ତ୍ରିଶୂଳ ଦେବାର ଯେଉଁ ବ୍ୟବସ୍ଥା କରି ଯାଇଅଛନ୍ତି ତଦ୍ଦର୍ଶନରେ ଅମ୍ଭମାନଙ୍କର ସମଧିକ ସନ୍ଦେହ ଜାତ ହୋଇଅଛି । ଆଧୁନିକ ବିଜ୍ଞାନବିତ୍ ପଣ୍ଡିତମାନେ, ବଜ୍ରପାତଦ୍ୱାରା ହର୍ମ୍ୟ ନଷ୍ଟ ନୋହିବା ସକାଶେ ଯେପରି ଲୌହଶଲାକାର ( ଶିକ୍‌ର ) ବ୍ୟବହାର କରୁଅଛନ୍ତି, ବୋଧ ହୁଏ ଉଚ୍ଚତମ ପ୍ରାସାଦମାନଙ୍କର, ସେହି ଦୋଷ ନିବାରଣାର୍ଥେ ସେ ଅମୋଘଦର୍ଶୀ ବୈଜ୍ଞାନିକମାନେ, ଦେଉଳର ଉପରିଭାଗରେ ଚକ୍ରାଦିଦାନର ବ୍ୟବହାର କରିଅଛନ୍ତି । ମାତ୍ର, ଲୌହଶଲାକା ବୈଦ୍ୟୁତାଗ୍ନିକୁ ଆକର୍ଷଣ ପୂର୍ବକ ଆପଣା ଶରୀରଦ୍ୱାରା, ଭୂଗର୍ଭକୁ ପ୍ରବେଶ କରାଏ ସୁତରାଂ ବଜ୍ରପାତଜନିତ ଅନିଷ୍ଟ ନିବାରିତ ହୁଏ । ଚକ୍ର, ତ୍ରିଶୂଳାଦି ସେପରି ଭୂମିସଂଲଗ୍ନ ନୁହେ ଯେ ବୈଦ୍ୟୁତାଗ୍ନିକୁ ବହିସ୍କୃତ କରି ଦେଇ ଉକ୍ତ ପ୍ରାସାଦାଦିର ବଜ୍ରପାତାନିଷ୍ଟ ନିବାରଣ କରିବ ତେବେ ଚକ୍ରାଦିର ବ୍ୟବହାର କି ନିମନ୍ତେ ବ୍ୟବସ୍ଥା ବଦ୍ଧ କଲେ ? ଏଥିରେ ଆମ୍ଭେ ଜିଜ୍ଞାସୁ ହୋଇ ପ୍ରଶ୍ନ କରୁଅଛୁଁ ଯେ ଚକ୍ରଦାନାଦିର ବ୍ୟବସ୍ଥା ବଜ୍ରପାତ ଜାତାନିଷ୍ଟ ନିବାରଣାର୍ଥେ କିମ୍ବା ପ୍ରାସାଦର ଅନ୍ୟ କୌଣସି ଉପକାରାର୍ଥେ ବ୍ୟବହୃତ ? ଏହା ପତ୍ରପାଠକ ବୈଜ୍ଞାନିକମାନେ ସ୍ଥିର କରି ଅନୁଗ୍ରହ ପୂର୍ବକ ଏହି ଦୀପିକାରେ ଉତ୍ତର ଦେଲେ, ତାହା ପାଠ କରି ଆମ୍ଭେମାନେ ଆପଣାକୁ ଚରିତାର୍ଥ ଜ୍ଞାନ କରିବୁଁ । ଇତି ।

୨୮।୯।୮୨ ଶ୍ରୀ ଚିନ୍ତାମଣି ମିଶ୍ର ଶର୍ମା ହେଡ୍ ପଣ୍ଡିତ
। କ । ବଡ଼ମ୍ବା ସ୍କୁଲ ।

---

ମାନ୍ୟବର ଶୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ଅମ୍ଭେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ନିମ୍ନଲିଖିତ ମହୋଦୟମାନେ କଟକ ଟାଉନ ଲାଇବ୍ରେରୀ ପାଇଁ ପୁସ୍ତକ ଓ ଅର୍ଥ ସାହାଯ୍ୟ କରି ବାଧିତ କରିଅଛନ୍ତି ।

ହାଜି ଅବଦୁଲ ରହମାନ ମୁନ୍ସୀ ୫୦ ଟଙ୍କା ।
ଅବଦୁଲ ରହମାନ ହାଜି କାଶିମ ୧୦ ଟଙ୍କା ।
ମହମ୍ମଦ ହାଜି ଅବଦୁଲ୍ଲା ୫ ଟଙ୍କା ।
ବାବୁ ଦର୍ପନାରାୟଣ ଦାସ ୧୦ ଟଙ୍କା ମଧ୍ୟରୁ ୩ ଟଙ୍କା
ବାବୁ ଗୋବିନ୍ଦଚନ୍ଦ୍ର ଦାସ ପଥରର ପେପର ଓ୍ୱେଟ ରଙ୍ଗୀନ ୧୫ ଗୋଟା ।
ବାବୁ ତାରଣୀଚରଣ ମୁଖୋପାଧ୍ୟାୟ ଗୋଟିଏ ସ୍ୱର୍ଣ୍ଣିତ ଦଣ୍ଡ ।

କଟକ ୩୦-୯-୮୨ } ଏକାନ୍ତ ବଶମ୍ବଦ ।
Hurry Charan Banerjee
*Offg. Secretary.*

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଗତ ପୂର୍ଣ୍ଣିମାଦିନ ରାତ୍ରରେ ଗୋଖାନା ପଡ଼ିଆରେ ବକ୍ସିବଜାର ଅଞ୍ଚଳର ଯେଉଁ ଗଣେଶ ମିଳନ ହୋଇଥିଲା ତହିଁରେ ଦ୍ୱାଦଶଗୋଟି ଗଣେଶ ଓ ଦୁଇଗୋଟି ମହାଦେବ ମୂର୍ତ୍ତି ଏକତ୍ରିତ ହୋଇଥିଲେ । ଜଡ଼ଉକର୍ମରେ ବକ୍ସି ଗଣେଶ ପ୍ରଥମ ଓ ଶିବପ୍ରସାଦ ଗଣେଶ ଦ୍ୱିତୀୟ ସ୍ଥାନର ଯୋଗ୍ୟ ଥିଲା । ସଦାଶିବ ଗଣେଶ ଭିନ୍ନ ପ୍ରକାରର ସୁତରାଂ ଏମାନଙ୍କ ସଙ୍ଗରେ ତାହାର ତୁଳନା ହୋଇ ନ ପାରେ । ତହିଁର ମେଢ଼ଟି ନୂତନ-କୋମଳ-ତୃଣପୂର୍ଣ୍ଣ ଗୋଟିଏ ପର୍ବତ । ଶିଖରଦେଶରେ ତୃଣମୟ ଉଚ୍ଚମଧ୍ୟରେ ଗଣେଶ ମୂର୍ତ୍ତି । ଗଣେଶଙ୍କର ପାଦପ୍ରଦେଶ ଅର୍ଥାତ୍ ଶିଖର ଭାଗରୁ ତଳ ପର୍ଯ୍ୟନ୍ତ, କାହାର ମସ୍ତକରେ ବସ୍ତ୍ର ପ୍ରତିମା, କାହା ହସ୍ତରେ ମାଳା, କାହା ହସ୍ତରେ କମଣ୍ଡଳୁ, କାହା ହସ୍ତରେ ଚିମୁଟା, କେଏ ଉପବିଷ୍ଟ, କେଏ ବା ଦଣ୍ଡାୟମାନ, ଏପରି ଦ୍ୱାବିଂଶଗୋଟି ତପସ୍ୱୀ ମୂର୍ତ୍ତିରେ ପର୍ବତଟି ପୂର୍ଣ୍ଣ ହୋଇଥିଲା ଏଥି ମଧ୍ୟରୁ ଗୋଟିଏ ଶୁକ୍ଳକେଶ ବୃଦ୍ଧତପସ୍ୱୀ କାହାର ପ୍ରଶ୍ନରେ ସମ୍ମତ ବା ଅସମ୍ମତ ପ୍ରକାଶ କଲା ପରି ମସ୍ତକ ଚାଳନ କରୁଥିଲା । ଦେଖିଲା ମାତ୍ରକେ ବୋଧ ହେଲା—ସତେ କି ଗଣେଶଦେବ କୈଳାସପର୍ବତ ଶିଖରରେ ତପସ୍ୱୀଗଣ ପରିବେଷ୍ଟିତ ହୋଇ ବସିଛନ୍ତି । ଏପ୍ରକାର ନୂତନ ବିଧିର ପ୍ରାକୃତିକ କାରିଗିରି ଅବଶ୍ୟ ପ୍ରଶଂସନୀୟ ଓ ଚକ୍ଷୁର ପ୍ରୀତିକର ଅଟଇ । ଏଥିପାଇଁ ଏଥିର କାରିଗରଙ୍କୁ ଆମ୍ଭେମାନେ ଆନ୍ତରିକ ଶ୍ରଦ୍ଧା ସହିତ ବିଶେଷ ଧନ୍ୟବାଦ ପ୍ରଦାନ କରୁଅଛୁଁ ଓ ବର୍ଷକୁ ବର୍ଷ ଏହିପରି ନୂତନ ନୂତନ ପ୍ରକାର ଶିଳ୍ପକାର୍ଯ୍ୟଦ୍ୱାରା ଆମ୍ଭମାନଙ୍କ ନୟନ ମନକୁ ସନ୍ତୁଷ୍ଟ କରାଉଥିବା ନିମିତ୍ତ ଅନୁରୋଧ କରୁଅଛୁଁ ।

୩।୧୦।୮୨ } ବଶମ୍ବଦ
କେତେକ ଦର୍ଶକ ॥

---

## ସ୍ୱାସ୍ଥ୍ୟରକ୍ଷା ପୁସ୍ତକ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଗବର୍ଣ୍ଣମେଣ୍ଟ ପ୍ରଜା ସାଧାରଣଙ୍କ ଉପକାର ନିମିତ୍ତ କନିଂହାମ ସାହେବଙ୍କ ଲିଖିତ ସ୍ୱାସ୍ଥ୍ୟରକ୍ଷା ପୁସ୍ତକ ପାଠଶାଳାମାନଙ୍କରେ ଚଳାଇ ଅଛନ୍ତି ମାତ୍ର ଓଡ଼ିଶାରେ ଗବର୍ଣ୍ଣମେଣ୍ଟଙ୍କର ମହତ୍ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣରୂପେ ସାଧିତ ହେଉ ନାହିଁ

Digitized by srujanika@gmail.com

Split by PDF Splitter



କାରଣ ଯେଉଁ ପୁସ୍ତକ ବାଳକମାନଙ୍କର ଭବିଷ୍ୟତ ସ୍ୱାସ୍ଥ୍ୟବିଧାନ ପକ୍ଷରେ ଏକମାତ୍ର ସମ୍ବଳ, ଯାହା ପାଠ କଲେ ବାଳକମାନେ ଅନ୍ୟାୟ୍ୟ କାର୍ଯ୍ୟରୁ କ୍ଷାନ୍ତ ହୋଇ ହୃଷ୍ଟପୁଷ୍ଟ ଓ ସବଳ ହେବେ ସେ ପୁସ୍ତକ ନଜେ ସବଳାଙ୍ଗ ହେବାର ଉଚିତ ଉତ୍ତମ କାଗଜରେ ପରିଷ୍କାରରୂପେ ଛପା ହେବାର ଆବଶ୍ୟକ ମାତ୍ର ଆମ୍ଭେମାନେ ୦/୩ ଦେଇ ଖଣ୍ଡିଏ ପୁସ୍ତକ କ୍ରୟ କରି ଦେଖିଲୁଁ ଯେ ପୁସ୍ତକ ଖଣ୍ଡି ଗୋଟିଏ ନଅକିଆ ଜଙ୍ଗାଲ ପରି ଦିଶୁ ଅଛି ପୁସ୍ତକ ଖଣ୍ଡ ପାଠ କରିବାକୁ ଅତ୍ୟନ୍ତ କଷ୍ଟ ହେଲା ଅନେକ ସ୍ଥାନରେ ଛପା ଏପରି କଦର୍ଯ୍ୟ ହୋଇଅଛି ଯେ ତାହା ପଢ଼ା ଯାଉ ନାହିଁ ଯେଉଁଠି ଅଛି ପ୍ରେସ ଯଦି ବିନା ପଇସାରେ ଏ ପୁସ୍ତକ ଛପାଇ ଦେଇଥିବେ ତେବେ ରକ୍ଷା ଅଛି ନଚେତ୍ କଛି ଟଙ୍କା ନେଇ ଛପାଇ ଦେଇଥିଲେ ଗବର୍ଣ୍ଣମେଣ୍ଟଙ୍କର ସେ ଟଙ୍କା ଦରିଆରେ ଭସି ଯାଇଅଛି ଅବଶ୍ୟ ସ୍ୱୀକାର କରିବାକୁ ହେବ। ଆମ୍ଭେମାନେ ଶିକ୍ଷାବିଭାଗର ପ୍ରତ୍ୟେକ କର୍ମଚାରୀଙ୍କି ଅନୁରୋଧ କରୁଅଛୁଁ ସେମାନେ ବାଳକମାନଙ୍କର ଏ ପୁସ୍ତକ ପଢ଼ିବାରେ କପରି କଷ୍ଟ ହେଉଅଛି ତାହା ଦେଖନ୍ତୁ ପଢ଼ା ସମୟରେ ଅନେକ ବାଳକ ଯେ ଅଟକାଇ ହେଉଥିନ୍ତି ତାହାର କାରଣ ସେମାନେ ପଢ଼ି ନ ଜାଣିବାର ନୁହେ ସେ କେବଳ ଛପାର ଦୋଷରୁ ଘଟିଅଛି ଏହି ଛପା ଦୋଷରୁ ଅନେକ ବାଳକ ଶିକ୍ଷକଙ୍କଠାରୁ ଅକାରଣ ପ୍ରହାର ଖାଉଥିବେ ପୁଣି ପରୀକ୍ଷା ନିକଟ ପରୀକ୍ଷାରେ ପଢ଼ା କମିବ ଯେ ନମ୍ବର ଦିଆଯିବ ତହିଁରେ ଅନେକ ଛାତ୍ର ଅକାରଣ ବଞ୍ଚିତ ହେବେ, ଅତଏବ ଉକ୍ତ ପୁସ୍ତକ ଖଣ୍ଡ ଯେ ପର୍ଯ୍ୟନ୍ତ ଭଲରୂପେ ଛପା ନ ହୋଇଅଛି ସେ ପର୍ଯ୍ୟନ୍ତ ତାହାର ପଢ଼ା ବନ୍ଦ କରିବାର ଉଚିତ ଆମ୍ଭେମାନେ ସରଶେଷରେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଉଁ ଅଛୁଁ ସେ ଯଦି ଏ ପୁସ୍ତକ ଛପା ପକ୍ଷରେ କିଛି ବ୍ୟୟ କରିଥିବେ ତେବେ ସେ ବ୍ୟୟ ଅକାରଣ ହୋଇଅଛି ସେଥି ପାଇଁ ଗବର୍ଣ୍ଣମେଣ୍ଟଙ୍କର ଖେସାରତ ଦାବି କରିବାର ପଥ ସ୍ପଷ୍ଟ ଦେଖା ଯାଉଅଛି। ଓଡ଼ିଶା ଇତିହାସରେ ଏକ ବାଙ୍ଗଳା ଶବ୍ଦ ଥିବାରୁ ଉକ୍ତ ପୁସ୍ତକ ବିଦ୍ୟାଳୟରୁ ବର୍ଜିତ ହେଲା ମାତ୍ର ଓଡ଼ିଶା ପେଟ୍ରିଅଟ ପ୍ରେସରେ ସ୍ୱାସ୍ଥ୍ୟରକ୍ଷା ପୁସ୍ତକ ଛପାଇ ଗବର୍ଣ୍ଣମେଣ୍ଟ କ ବଞ୍ଚିତ ହୋଇ ନାହାନ୍ତି ?

ଆପଣଙ୍କର

ଶ୍ରୀ ——————

ମିଶର ଯୁଦ୍ଧରେ ଶ୍ରୀ ଶ୍ରୀମତୀ ଭିକ୍ଟୋରିଆଙ୍କ ଜୟଲାଭ କରିବାରୁ ମୟୂରଭଞ୍ଜର ଶ୍ରୀ ବୃନ୍ଦାବନ ଭଞ୍ଜ ଦେଓ ଝେଟରାୟ ଖଣ୍ଡିଏ ଆନନ୍ଦସୂଚକ ପତ୍ର ଶ୍ରୀଯୁକ୍ତ ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ପଠାଇଅଛନ୍ତି। ତାହାଙ୍କ ଅନୁରୋଧକ୍ରମେ ଉକ୍ତ ପତ୍ର ଏବଂ ସେ ପ୍ରସ୍ତୁତ କରାଇଥିବା ଉକ୍ତ ଅଙ୍କଚିତ୍ରର ପୃଥକ୍ ପ୍ରତିମୂର୍ତ୍ତି ସର୍ବସାଧାରଣଙ୍କ ଅବଗତ ନିମିତ୍ତ ଏଠାରେ ପ୍ରକାଶ କଲୁଁ।





ଓଡ଼ିଶା ଡିଭିଜନର ଅନ୍ତର୍ବର୍ତ୍ତୀ ଗଡ଼ଜାତସମୂହର ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟ !

ଖୋଦାଓନ୍ଦ ନିୟାମତ ଦାମ ଏକବାଲ୍ ହୁ

ପ୍ରବଳପ୍ରତାପାନ୍ୱିତ ଶ୍ରୀ ଶ୍ରୀମତୀ ଭିକ୍ଟୋରିଆଙ୍କର ଦର୍ପିଣୀ ଜୟୀ ପତାକା ମିଶରଦେଶରେ ଉଡ୍ଡୀୟମାନ ହେବାର ଶୁଭସମ୍ବାଦ ଶ୍ରବଣମାତ୍ରେ ଆମ୍ଭେ ଅସୀମ ଆନନ୍ଦିତ ହୋଇ ଅମର ପ୍ରାଣାଧିକ ଭାଗ୍ୟଶାଳୀ ଅପ୍ରାପ୍ତବୟସ୍କ ରାଜା ମୟୂରଭଞ୍ଜାଧିପତିଙ୍କ ପକ୍ଷରୁ ତତ୍କ୍ଷଣାତ୍ ତାରଯୋଗେ ସମ୍ବାଦଦ୍ୱାରା ମହାମହିମ ରାଜପ୍ରତିନିଧି ଶୀଳ ଶ୍ରୀଯୁକ୍ତ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ହଜୁରରେ ସ୍ୱୀୟ ମନୋଗତ ଭାବ ପ୍ରକାଶ କରିଅଛୁଁ। କିନ୍ତୁ ଆମ୍ଭେ ଏ ପର୍ଯ୍ୟନ୍ତ ଆନନ୍ଦରେ ଅଭିଭୂତ ହୋଇ ଅଛୁଁ ଯେ ଆମର ହୃଦୟ ଏତେ ପ୍ରସନ୍ନ ହେବ ବାରମ୍ବାର ଲିଖିବାକୁ ହେଲା ତହିଁରେ ଅତ୍ୟନ୍ତ ଅନନ୍ତ ମହାପ୍ରତାପ ଧନଶାଳୀ ପଣ୍ଡିତ ମୂରି ଗାର୍ନେଟ ଓଲ୍ସଲି ମହାତ୍ମାଙ୍କ ମୁକ୍ତକଣ୍ଠରେ ଧନ୍ୟବାଦ ଦେଉଅଛୁଁ କାରଣ ସେ ଯେପ୍ରକାର ମିଶର ଦେଶର ବିଦ୍ରୋହ ଅତ୍ୟନ୍ତ ଆୟାସରେ ଏବଂ ଅଳ୍ପକାଳ ମଧ୍ୟରେ ନିବାରଣ କରିବାକୁ ପ୍ରଥମରୁ ହୋଇଥିଲେ କାର୍ଯ୍ୟରେ ତାହା ପରିଣତ ହୋଇଅଛି ପୂର୍ବେ ରଘୁବଂଶାବତଂସ ଶ୍ରୀରାମଚନ୍ଦ୍ରଙ୍କର ବଳବୀର୍ଯ୍ୟ ଓ ପ୍ରତିଜ୍ଞାର ମହିମା ଯଦ୍ରୂପ ଶୁଣା ଥିଲା ବର୍ତ୍ତମାନ କାଳରେ ସର୍ ଗାର୍ନେଟ୍ ଓଲ୍ସଲିଙ୍କ ଯୁଦ୍ଧକୌଶଳ ତଦ୍ରୂପ ଅନୁଭବରେ ଆସିଲା। ଆମ୍ଭେ ଏହା ହର୍ଷସୂଚକ ସ୍ୱରୂପ ଶ୍ରୀ ହଜୁରଙ୍କ ସମକ୍ଷରେ ଅର୍ପଣ କଲୁଁ।

ରାଗ ବଙ୍ଗଳାଶ୍ରୀ।

କୋ—ଥ,ଲୁ ଯା ତଇ ହେବ ହଇଶିଆ ଗ୍ରାହ କର୍ମିତ ଶ,ଗ—ର।
ଦେ—ନ୍ୟ,ଗବେ ଅନୁଗତ ହୋଇଥାନ୍ତି ଅଶେଷ ନର-ଇ,ଶ—ର ॥୧॥
ବ—ଲ୍ସ,ବସୁକର ପରମେ ବସ୍ତ୍ରାର ଯା ଶିର ମୁକୁଟ,ରେ—ଜ।
ଶ—ର,ଣ ଜନ ପରିତ୍ରାଣ ବିଧାନ କରଇ ଯା ପଦ,ର—ଜ ॥୨॥
ଖ୍ରୀ—ଷ୍ଟେ, ନ ରହି ସ୍ୱଚ୍ଛନ୍ଦେ ପ୍ରଜାବୃନ୍ଦେ ଯା ସୁଶାସନ ସୁ,ଖ—ରେ।
ବ—ର୍ଦ୍ଧ, ଭର ଯଶ କୀର୍ତ୍ତି ବିକାଶଇ ଯା ରାଜନୀତି ପ୍ର,ଚ୍ୟ—ରେ ॥୩॥
ପା—ଖି,ବ ରେ ଜାହୀ ମଗ୍ଗରେ ମହିମା ଯା ଶୈଳୀତା ଶଶ,ଧ—ର।
ଉର୍ଦ୍ଧ୍ୱ ସ୍ଥିତପାଦୁଁ ଧ୍ୱଜାଯୋଜନାଂଶାକର ଅଧୋର୍ଦ୍ଧ୍ୱ ବର୍ତ୍ତ୍ର ॥୪॥

ଆପଣଙ୍କର ଏକାନ୍ତ ଅନୁଗତ

ଶ୍ରୀ ବୃନ୍ଦାବନଚନ୍ଦ୍ର ଭଞ୍ଜ ଦେଓ ଝେଟରାୟ

ମୟୂରଭଞ୍ଜ।

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

# ଓଡ଼ିଆ ନାଟକ ।

## କାଞ୍ଚି କାବେରୀ

ବା

## ପ ଦ୍ମା ବ ତୀ ।

☞ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ୵ ଅଠଅଣା ମାତ୍ର । ମଫସଲକୁ ଡାକମାସୁଲ ଟ ୵୦ ।

---

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବିବେଚିତ । କଲିକତାର ପ୍ରଧାନ ପ୍ରଧାନ ଇଂରେଜୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୪ଆଉନ୍ସକୁ ଟ୨ଙ୍କା । ୮ ଆଉନ୍ସକୁ ଟ ୧୧ କା । ୧୬ ଆଉନ୍ସକୁ ଟ ୬।୦ ମୂଲ୍ୟ ଲାଗିବ ।

---

### ଦୁର୍ଗାପୂଜା ବଜାର ।

ଉତ୍କୋଳୀ ଶାସ୍ତ୍ରସ୍ୱ ବଳିତ ପ୍ରସ୍ତୁତ ଖେଟ ବସ୍ତ୍ର ସୂତା ରେସମ ଓ ପାଟଲୁଗାଓ ବିଲାତି ଗୁଡ଼ାଖୁ ଓ ସୁଗନ୍ଧିତ ଦ୍ରବ୍ୟ ଇତ୍ୟାଦି ଅତି ସୁଲଭ ମୂଲ୍ୟରେ ବିକ୍ରୟ କରିବା କାରଣ କଟକ ସହର ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟରେ ଦୋକାନ ଫିଟାଇଅଛୁଁ । ପ୍ରତିଦିନ ସକାଳ ୯ ଘ ଠାରୁ ରାତ୍ରି ୮ ଘ ପର୍ଯ୍ୟନ୍ତ ଦୋକାନ ଖୋଲା ଥାଏ । ଗ୍ରାହକମାନଙ୍କୁ ପ୍ରାର୍ଥନା ଯେ ଥରେ ପରୀକ୍ଷା କରି ଦେଖନ୍ତୁ ।

ଏପରି ନାନା ଦ୍ରବ୍ୟର ଅର୍ଡ଼ରମାନ କାର୍ଯ୍ୟ କରିବାର ମଧ୍ୟ ବନ୍ଦୋବସ୍ତ କରିଅଛୁଁ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ ଏଠା ବଜାର ଏବଂ କଲିକତାରୁ ଖରିଦ କରି ଅତି ଅଳ୍ପ କମିଶନରେ ଯୋଗାଇବୁଁ । ଏଥିସଙ୍ଗେ ସବିଶେଷ ନିୟମାବଳୀ ଯାହାଙ୍କର ପ୍ରୟୋଜନ ହେବ ପତ୍ର ଲେଖିଲେ ପଠାଇ ଦେବୁଁ ।

ସହର କଟକ<br>ଚଉଧୁରୀବଜାର ଦୋକାନ<br>୨୩।୯।୮୨ } ଶ୍ରୀ ଅଭୟବନ୍ଧୁ କର

---

### ଶଶାଙ୍କକିରଣ ରସ ।

ଏ ବଟିକାଦ୍ୱାରା ବାତଦୋଷ, ଉପଦଂଶ ଅର୍ଥାତ୍ ଗରମୀ ଓ ପରିଣାମଶୂଳ ଆରୋଗ୍ୟ ହୁଅଇ । ମା ୭ ମାତ୍ରାକୁ ଟ ୧୦ କା

### ଭୃଙ୍ଗାକର ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନିଶ୍ଚୟ ଭଲ ହୁଅଇ । ମା ୭ ମାତ୍ରା ଟ ୧୦ କା ।

### ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଶୂଳ ଭଲ ହୁଅଇ । ୧୪ ମାତ୍ରାକୁ ଟ ୧୦ କା ।

### ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସକ ଔଷଧ । ଅନୁପାନ ବିଶେଷରେ ବାୟୁବେଗ ଶାନ୍ତ ହୁଅଇ । ୪ ମାତ୍ରାକୁ ଟ ୧ କା

### କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଆଉ ଦଶ ବର୍ଷରୁ ନ୍ୟୂନ ପୁଂସତ୍ୱହୀନ ରୋଗ ଭଲ ହୁଅଇ । ୪ ମାତ୍ରାକୁ ଟ ୧୦ କା ।

ଏ ସବୁ ଆଉ ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୭।୮୨<br>ଖାନ୍ନାବଜାର<br>କଟକ } ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପଟ୍ଟନାୟକ ।

---

### NOTICE.

Wanted an English Teacher for the Cuttack Model School on a salary of Rs. 15 a month. None need apply who has not passed the Entrance Examination, or who is not competent to teach up to the minor scholarship standard. Applications with copies of testimonials should be forwarded to the undersigned without delay.

Cuttack<br>Normal School<br>5—10—82 } (Sd.) DWARKANATH CHACKRABURTY<br>*Superintendent.*

---

Wanted a clerk for the Angool Tehsil office, on Rs. 20 rising by biennial increment of Rupee 1 to Rs. 30. None need apply who does not possess a competent knowledge of Urya, and a fair knowledge of English. Applications will be received up to the 31st instant.

Office of Supdt<br>Trby. Mehals<br>Cuttack the<br>6th October 82 } N. K. DAS<br>*Asst. Superintendent*<br>*Tributary Mehals.*

---

## PUJAS 1882.

### CUTTACK SKY RACES.

To be run on the Chowliagunge Course, Saturday 21st and Tuesday 24th October.—Commencing at 6-30 A. M.

STEWARDS.

R. H. Pawsey, Esq. C. S.
Major Butler, XXXII. M. N. I.
G. Godfrey, Esq., C. S.
R. F. Guise, Esq.
A. P. Sandilands, Esq.
L. E. Desgratoulet, Esq. Honry. Secy. & Treasurer.

### FIRST DAY.

SATURDAY 21ST. OCTOBER.

*1st Race*—Open to all horses—Walers to carry 12 stone and over. Country Breds and Arabs to carry 10st. 7 lbs. and over. Distance ¾ mile on the flat—Entrance Rs. 8. 1st Horse to receive a PURSE of 100 and the Entrances—2nd Horse to save his Entrance.

*2nd Race.*—Open to all ponies, 13. 2 and under. Distance ½ mile on the Flat. Entrance Rs. 4. 13 hands to carry 10 stone 11 lbs. 13 hands to 13. 1 11 stone 2lbs. 13. 1 to 13. 2 11 stone 7 lbs. 1st Pony to receive Rs. 50 and the Entrances. 2nd Pony to save his Entrance.

*3rd Race.*—Open to all Galloways 14. 2 and under. Distance ¾ mile on the flat. Entrance Rs. 5. 14 hands to carry 10 stone 11 lbs. 14 to 14. 1 carry 11 stone 2 lbs. 14. 1 to 14. 2 carry 11 stone 7lbs. *1st* Horse to receive Rs. 100 and the Entrances. *2nd* Horse to save his Entrance.

*4th Race.*—Handicap open to all ponies 13. 2 and under. Distnnce ½ mile on the Flat. Entrance Rs. 3. *1st* Pony to receive Rs. 50 and the Entrances. *2nd* Pony to save his Entrance.

*5th Race.*—Scurry for all Tats—bona fide the property of natives to be ridden by Natives—Catch weights ½ mile heats without dismounting. *1st* Pony to receive Rs. 20. *2nd* Pony to receive Rs. 7. *3rd* Pony to receive Rs. 3.

### SECOND DAY.

TUESDAY 24TH OCTOBER.

*1st Race.*—Hurdle Race. Burdwan Purse—Open to all Horses—Walers to carry 12 stone and over. Country breds and Arabs 10 stone 7 lbs and over—Distance 1 ¼ miles over 7 flights of hurdles 3′ 9″ high. Entrance Rs. 8. *1st* Horse to receive a PURSE of Rs. 200 presented by H. H. the Maharaja of Burdwan. *2nd* Horse to receive Amount of the Entrances. *3rd* Horse to save his Entrance.

*2nd Race.*—Galloway Hurdle Race. open to Horses 14. 2 and under—Distance one mile over 5 flights of hurdles 3′, 3″ high. Entrance Rs. 5. *1st* Horse to receive Rs. 75 and Balance of Entrances after paying to. *2nd* Horse Rs. 25. *3rd* Horse saves his Entrance.

*3rd Race.*—Pony Hurdle Race. Ponies 13. 2 and under. Distance ½ mile over 4 flights of hurdles 2′, 9″ high. Entrance Rs. 4. *1st* Pony to receive Rs. 50. *2nd* Pony amount of Entrances. *3rd* Pony to save his Entrance.

Digitized by srujanika@gmail.com

Split by PDF Splitter



*4th Race.*—Consolation Race—for Horses and Galloways—Distance ¾ mile on the Flat. Entrance Rs. 5.
*1st* Horse to receive Rs. 75.
*2nd* Horse amount of Entrances.
*3rd* Horse to save his Entrance.

*5th Race.*—Scurry for horses bona fide—the property of Natives—to be ridden by Natives—Distance ½ mile Catch Weights,
*1st* Horse to receive Rs. 30.
*2nd* Horse Rs. 10.

*6th Race.*—Bare back Scramble for Tats—bona fide the property of Natives to be ridden by natives without saddles—Catch Weights ¼ mile heats without dismounting.
*1st* Pony to receive Rs, 20.
*2nd* Pony to receive Rs. 7.
*3rd* Pony to receive Rs. 3

—o—

## RULES.

The decision of the Stewards to be final. Three horses the bonafide property of different owners to start—or the public money will be withheld.

Horses to be measured at the Fort, the day before the Races, between 4 and and 6 P. M.

Entrances to be made for all but the Consolation Races in writing to Major Butler before noon of the days preceding the Races, accompanied by Amount of Entrance money. Entrances for the Consolation Races will be made on the Course.

Lotteries will be held at the Club the evenings before the Races, at 6 P. M. at which all are invited to attend.

Settling to be on Friday 27th October, at 6 P. M. at the Club.

Judge. R. H. Pawsey, Esq.
Handicappers, R. H, Pawsey, Esq. and Major Butler,
Starter
Hon, Secty. & Treasr. L, E, Desgratoulet, Esq,

## PUJAS 1882.

## PROGRAMME.

**OF ATHLETIC SPORTS TO BE HELD BY THE KIND PERMISSION OF COLONEL SWINEY, XXXII. M. N. I.**

**ON THE PARADE GROUND.**

Thursday 26th October, commencing at 3, p. m. Sharp.

COMMITTEE.

Major Butler, XXXII. M. N I
A, H, Dobbs, Esq Do.
P. A. Sandilands, Esq.
J, C. Smith, Esq.
A. native Officer XXXII. M. N. I.
L. E. Desgratoulet, Esq.
*Honry. Secty. & Treasurer.*

1. *Foot Race for Native*, nominated by Subscribers to the General Fund. Each subscriber to have one nomination only. No entrance Fee. The competetor to produce his nomination in writing to the Starter. Distance ¼ mile.
*1st.* Prize Rs. 15.
*2nd.* Prize Rs. 7.
*3rd.* Prize Rs. 3.
If less than 6 start, the 3rd Prize to be withheld.

2. *Regimental Foot Race.* For Sepoys and followers only. Distance ¼ mile
*1st.* Prize Rs. 10.
*2nd.* Prize Rs. 4.
*3rd.* Prize Rs. 2.

3. Foot Race for all other Natives. Distance ¼ mile.
*1st.* Prize Rs. 10.
*2nd.* Prize Rs. 4.
*3rd.* Prize Rs, 2.

4. Palki Race. 4 Bearers to each Palki Rider's catch weights over 10 stone. Committee to judge of weight Riders, without weighing. Distance ¼ mile.
*1st.* Prize Rs. 15.
*2nd.* Prize Rs. 7.
*3rd.* Prize Rs. 3.
If less than 6 start, the 3rd Prize will be withheld.
If less than 3 start, the 2nd Prize will be withheld.

5. Foot Race for all Europeans. Distance 150 yards. Entrance 1 Rupee
*1st.* Prize—PURSE of Rs. 32.
*2nd.* Prize—⅓rd of Entrance Money.
*3rd.* Prize—⅓rd of Do.
If less than 10 start, the whole of the Entrance money to go to the 2nd man. Entrance to be made in writing, accompanied by the Rupee, to Major Butler, before noon of the day preeding the Race.

6. Gurra Race. The winner to be He who reaches the Post first, with his gurra full.
*1st.* Prize Rs. 5.
*2nd.* Prize Rs. 3.
*3rd.* Prize Rs. 1.

7. Three-legged Race. For Europeans. Distance 100 yards. Entrance Rs. 2 per team.
*1st.* Prize PURSE of Rs. 16.
*2nd* Do. Entrances.

8. Three-legged Race. For Natives Distance 100 yards.
*1st* Team Rs. 6.
*2nd* Do. Rs. 4.

9. Hurdle Race. For Europeans. Distance 150 yards over 6 flights of hurdle, 3 feet high. Entrance Re. 1.
*1st* Prize—PURSE of Rs. 20.
*2nd* & *3rd* Prize same as in Race No. 4, and on the same conditions.
Entrance to be made in writing accompanied by the Rupee to Major Butler, before noon of the day preceding the Race.

10. Hurdle Race. For natives, over the same course—open to all.
*1st* Prize Rs. 10.
*2nd* Prize Rs. 6.
*3rd* Prize Rs. 4.

11. European Boys, Foot Race. Distance 100 yards. Age between 10 and 12.
*1st* Prize Rs. 5.
*2nd* Prize Rs. 2.

12. Do. Distance 80 yards. Age 10 and under.
*1st* Prize Rs. 5.
*2nd* Prize Rs. 2.

13 Native Boys, Foot Race. Distance 100 yards. Age between 10 and 12.
*1st* Prize Rs. 2.
*2nd* Prize Rs. 1.

14. Sack Race. Distance 100 yards.
*1st* Prize Rs. 7.
*2nd* Prize Rs. 3.

15. Obstacle Race, *1st* Prize Rs. 10.
*2nd* Prize Rs. 5.
*3rd* Prize Rs. 3.

16. Tug of War. 12 on each Side.
Right against Left Wing XXXII. M. N. I.
PRIZE. 12.

17. Do. Sepoys of XXXII M. N. I.
Versus
Police District ( and Gurjat )
PRIZE Rs. 12.

18. Do. WINNERS.
Versus
All comers.

PRIZES will be paid on the spot.—
A Polo Pony Race, with Balls, for a Prize provided from the Club Puja Subscriptions will take place in the course of the Afternoon.

ଶ୍ରୀ ୧୯୦୯ ୧୯୦ ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୭ ଶ }
ସଂ ୪୧ ସଂଖ୍ୟା }

ତା ୧୪ ଇଣ ମାହେ ଅକ୍ଟୋବର ସନ ୧୮୮୨ ମସିହା । ମୁ । ଆଶ୍ୱିନ ୨୮ ଂ ୨ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
| --- | --- | --- |
| ବାର୍ଷିକ | ଟ ୫ ୲ | ଟ ୬ ୲ |
| ଡାକମାସୁଲ | ଟ ୦ ॥ | ଟ ୧ ୲ |

ବାର୍ଷିକ ଶାରଦୀୟ ଦୁର୍ଗପୂଜା ଉପସ୍ଥିତ । ଅଦାଲତ କଚେରୀ ଗତ ମଙ୍ଗଳବାରଠାରୁ ବନ୍ଦ ହୋଇଅଛି ଆଗାମୀ ମଙ୍ଗଳବାରଠାରୁ ଦ ୧୨ ନ ଅନ୍ୟାନ୍ୟ କଚେରୀମାନ ବନ୍ଦ ହେବ । ଏତେବେଳେ ବାର୍ଷିକ ଉତ୍ସବର ଆୟୋଜନରେ ସମସ୍ତେ ବ୍ୟସ୍ତ । ଅନ୍ୟ ଚିନ୍ତା କାହାର ମନରେ ସ୍ଥାନ ପାଉ ନାହିଁ । ଅନ୍ୟାନ୍ୟ କର୍ମଚାରୀଙ୍କ ପରି ପ୍ରିଣ୍ଟିଂ କମ୍ପାନିର କର୍ମଚାରୀମାନେ ବାର୍ଷିକ ଅବସର କମିତ୍ ଲାଳାୟିତ ଏବଂ ତାହାଙ୍କ ଆଶାପୂର୍ଣ୍ଣ କରିବା ନିତାନ୍ତ ଆବଶ୍ୟକ ଅତଏବ ଆଗାମୀ ମଙ୍ଗଳବାରଠାରୁ ଦ ୧୨ ନ କଟକପ୍ରିଣ୍ଟିଂ–କମ୍ପାନିଙ୍କ କାର୍ଯ୍ୟାଳୟ ବନ୍ଦ ହେବ ସୁତରାଂ ଆଗାମୀ ଶନିବାର ଆମ୍ଭେମାନେ ପାଠକଙ୍କ ସହିତ ଭେଟ ପାଇବୁ ନାହିଁ । ପାଠକମାନଙ୍କ ଉଦାର ସ୍ୱଭାବ ଉପରେ ନିର୍ଭର କରି ଅଦ୍ୟ ସେମାନଙ୍କଠାରୁ ବିଦାୟ ଗ୍ରହଣ କଲୁଁ ।

---

ଇଣ୍ଡିୟା ଗଜେଟରେ ଘୋଷଣା ଦିଆଯାଇ ଅଛି କି ପ୍ରବଳ ପ୍ରତାପ ଶ୍ରୀ ଗବର୍ଣ୍ଣର ଜେନରଲ ସାହେବ ବାହାଦୁର ଆଗାମୀ ନବମ୍ବର ମାସ ତା ୬ ରିଖ ସୋମବାର ସିମଲାରୁ ଯାତ୍ରା କରିବେ ଏବଂ ଲାହୋର ଓ ଲକ୍ଷ୍ନୌରେ ଦୁଇ ଚାରି ଦିନ ଲେଖାଁଏ ମଠ କରି ଡିସମ୍ବର ମାସ ତା ୬ ଦିନ ଲେଖାଁଏ... ଡିସମ୍ବର ମାସ ତା ୬ ରିଖରେ କଲିକତାରେ ପହୁଞ୍ଚିବେ । ସେହି ସମୟରୁ ତିନି ଚାରି ମାସ କଲିକତାର ଶ୍ରୀ ବୃଦ୍ଧି ହେବ ।

---

କେତେକ ମାସ ହେଲା ପୁରୀକୁ ଏକ ମୌନୀ ବାବାଜୀ ଆସିଥିଲେ । ମୌନବ୍ରତ ହେତୁ କଥା କହୁ ନ ଥିଲେ କିଛି କଥା ନ କଲେ ପେଟ ପୂରେ କିପରି ? ସେ ଆପଣାର କରଣିର ଛଟା ବାହାର କଲେ ମାତ୍ର ସେ ଛଟା ହେତୁ ଏପରି ଅଠା ଲାଗିଲା ଯେ ବାବାଜୀଙ୍କୁ ଦୁଇବର୍ଷ କାରାବାସର ଦଣ୍ଡ ହେଲା । ଏଥିର ବୃତ୍ତାନ୍ତ ଏହି–ବାବାଜୀ ପ୍ଲୀହ ରୋଗୀର ହାତ ଗୋଡ ଟାଣି ଦେଇ ପ୍ଲୀହ ଉପରେ ଗୋଇଠା ମାରି ଦେଲେ ପ୍ଲୀହ ରୋଗ ଆରୋଗ୍ୟ ହୋଇଯିବାର କଥା କଲ କୌଶଳେ ପ୍ରକାଶ ହୋଇଗଲା । କୁସଂସ୍କାର ଓ ଅଜ୍ଞତା ହେତୁ ଏପରି ଅସମ୍ଭବ କଥାରେ ଏଦେଶୀୟ ଲୋକଙ୍କର ବଡ଼ ବିଶ୍ୱାସ । ଅନେକ ପ୍ଲୀହ ରୋଗୀ ବାବାଜୀଙ୍କଠାରୁ ଦଉଡ ଗୋଇଠା ଖାଇଲେ ମାତ୍ର କେହି ଆରୋଗ୍ୟ ଲଭିଲେ ନାହିଁ ବରଂ କାହାରି୨ ଅଧିକ ଅସୁଖ ହେଲା ଓ ଜଣେ ରୋଗୀର ପ୍ଲୀହରେ ଗୋଇଠା କିଛି ଜୋରରେ କଷିଯିବାରୁ ପ୍ଲୀହ ଫାଟିଯାଇ ତତ୍କ୍ଷଣାତ୍ ତାହାର ମୃତ୍ୟୁ ଘଟିଲା । ପୁଲିସ ବାବାଜୀଙ୍କୁ ଧରି ଚାଲାଣ କଲେ ତହୁଁ ବାବାଜୀର ମୌନ ଫିଟିଲା ଓ ବିଚାର ସମ୍ପର୍ଦ୍ଦ ହୋଇ ସେ ଉପରଉକ୍ତ ଦଣ୍ଡ ଲଭିଲା ।

---

କଲିକତା ଓ ଚାନ୍ଦବାଲି ମଧ୍ୟରେ ସମୁଦ୍ରବାଟେ ଯାତ୍ରୀ ଓ ଦ୍ରବ୍ୟାଦି ନେବା ଆଣିବା ବ୍ୟବସାୟ କାରଣ ଗୋଟିଏ ନୂତନ କମ୍ପାନୀ ସଂଗଠିତ ହୋଇଅଛି । ତହିଁର ଇଂରାଜୀ ବିଜ୍ଞାପନ ପାଠକମାନେ ସ୍ଥାନାନ୍ତରେ ଦେଖିବେ । ମଣ୍ଟୁରଗୋଁଙ୍କ ରଣ୍ଡଏନ୍ସ ନାମକ ଯେଉଁ ଧୂଆଁକଳ ଜାହାଜ ଅଛି ସେ ଜାହାଜ ସହିତ ସେଠାର ସମସ୍ତ କାରଖାନା ଏହି କମ୍ପାନୀଭୁକ୍ତ ହୋଇଅଛି ଏବଂ ବିଲାତରୁ ଆଉ ଗୋଟିଏ ବଡ଼ ଜାହାଜ ଆସୁଅଛି । ଏ ଦୁଇ ଜାହାଜଦ୍ୱାରା ସପ୍ତାହରେ ଦୁଇଥର ଯିବା ଆସିବା ହେବ ଏବଂ ଏକାଦିନରେ ପହୁଞ୍ଚାଇ ଦେବାର ଚେଷ୍ଟା ହେବ କମ୍ପାନିର ମୂଳଧନ ଚାରି ଲକ୍ଷ ଟଙ୍କା ଓ ପ୍ରତ୍ୟେକ ଅଂଶର ମୂଲ୍ୟ ଟ ୧୦୦୲ ଙ୍କା ଅଟଇ । ସୁତରାଂ ମୂଳଧନ ଚାରିହଜାର ଅଂଶରେ ବିଭକ୍ତ ହୋଇଅଛି ତହିଁ ମଧ୍ୟରୁ ୩ ହଜାର ଅଂଶ ଗ୍ରାହକମାନେ ନେଇଅଛନ୍ତି ଓ କେବଳ ଏକହଜାର ଅଂଶ ବିକ୍ରୟ ହେବାକୁ ଅଛି । ଆମ୍ଭେମାନେ ଆଶା କରୁଁ କି ଏ ଦେଶୀୟ କେହି୨ ବୁଝିବା ବ୍ୟକ୍ତି ଏ କମ୍ପାନିର ଅଂଶୀ ହେବେ । କାରଣ ଏଥିରେ ଶତକଡ଼ା ଟ ୧୬୲ ଙ୍କା ଲାଭ ହେବାର ଆଶା ଅଛି । ଯେଉଁମାନେ ଅଂଶ କ୍ରୟ କରିବା ଅଥବା ଅନ୍ୟ ସମ୍ବାଦ ଜାଣିବାକୁ ଇଚ୍ଛା କରିବେ ସେମାନେ ଏହି ନଗର ବକ୍ସୀ ବଜାର ତାରାପଦ ନିକଟରେ ଉକ୍ତ କମ୍ପାନିର ଏଜେଣ୍ଟ ବାବୁ ବାସୁଦେବ ଜଙ୍କ ସହିତ ସ୍ୱୟଂ ଅଥବା ପତ୍ରଦ୍ୱାରା ସାକ୍ଷାତ କରିବେ ।

---

ପୁନା ନଗରରେ ଦେଶୀୟ ସ୍ତ୍ରୀମାନଙ୍କର

Digitized by srujanika@gmail.com

Split by PDF Splitter



ଆର୍ଯ୍ୟମହିଳାସଭାନାମ୍ନୀ ଏକ ସଭା ଅଛି । ଏକ ମାସ ଅଥବା ଏକପକ୍ଷ ଅନ୍ତରରେ ତହିଁର ଅଧିବେଶନ ହୁଏ । ଗତମାସ ତା ୯ ରଖ ଶନିବାର ସନ୍ଧ୍ୟାସମୟରେ ଯେଉଁ ଅଧିବେଶନ ହୋଇଥିଲା ତହିଁରେ ଶିକ୍ଷା କମିଶନଙ୍କ ସଭାପତି ହଣ୍ଟର ସାହେବ ଉପସ୍ଥିତ ଥିଲେ । ସେ ଦିନର ଉପସ୍ଥିତ ସଭ୍ୟ ସଂଖ୍ୟା [illegible] । ଉମାବାଇ ଗୋଟିଏ ମରହଟ୍ଟୀ ଭାଷାରେ ବକ୍ତୃତା ଦେଇ କାର୍ଯ୍ୟାରମ୍ଭ କଲା ପରେ ସଭାପତିଙ୍କର ସ୍ୱାମୀ ମହାଦେବ ଗୋବିନ୍ଦ ରାନେଡ଼ି କହିଲେ ଯେ ସ୍ତ୍ରୀଶିକ୍ଷା ଓ ସ୍ତ୍ରୀ ସ୍ୱାଧୀନତା ସମ୍ବନ୍ଧରେ ଭାରତର ଅନ୍ୟାନ୍ୟ ଦେଶ ଅପେକ୍ଷା ବମ୍ବାଇ ସର୍ବପ୍ରଧାନ ଏବଂ ମରହଟ୍ଟୀ ସ୍ତ୍ରୀମାନେ ଯେତେଦୂର ସ୍ୱାଧୀନ ଏବଂ ସୁନ୍ଦରଭାବରେ ବ୍ୟବହୃତ ହୁଅନ୍ତି ତାହା ଅନ୍ୟ କୌଣସିଠାରେ ଦେଖାଯାଏ ନାହିଁ । ଅନ୍ୟାନ୍ୟ ଦେଶ ସଙ୍ଗେ ତୁଳନା କଲେ ବମ୍ବାଇ ଯେ କାହାଠାରୁ ଊଣା ହେବ ତାହା ସେ ସ୍ୱୀକାର କରନ୍ତି ନାହିଁ । ଏନ ବଙ୍ଗଦେଶ ସଙ୍ଗେ ତୁଳ ଏଥିର ଲୋକସଂଖ୍ୟା ତହିଁର ଏକଚତୁର୍ଥାଂଶ ହେଲେ ମଧ୍ୟ ବଙ୍ଗଦେଶର ପାଠକାରିଣୀ ସ୍ତ୍ରୀଙ୍କ ସଂଖ୍ୟାଠାରୁ ଏଠାରେ ଏକହଜାର ଜଣ ଅଧିକ ଅଛି । ହଣ୍ଟର ସାହେବ ତପୂରେ ଅନେକ ବିଷୟ କହି ସଭାର ଭୂୟସୀ ପ୍ରଶଂସା କଲା ଉତ୍ତାରୁ କହିଲେ ଯେ ସ୍ତ୍ରୀଙ୍କର ପଠନୋପଯୋଗୀ ପୁସ୍ତକ ପ୍ରଣୟନ କରିବା ନିତାନ୍ତ ଆବଶ୍ୟକ ହୋଇଅଛି ଏବଂ ସଭା ତହିଁରେ ବ୍ରତୀ ହେବାର ଉଚିତ । ସଭା ମରହଟ୍ଟୀ ଭାଷାରେ ପୁସ୍ତକ ଲେଖିଲେ ତାହା ଭାରତୀୟ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇ କାର୍ଯ୍ୟୋପଯୋଗୀ ହୋଇ ପାରିବ । ଭାରତୀୟ ସ୍ତ୍ରୀମାନଙ୍କର ଏଭଳି ଏକତା ଓ ସଦନୁଷ୍ଠାନ ଦେଖି ଆମ୍ଭେମାନେ ଯଥୋଚିତ ଆନନ୍ଦଲାଭ କଲୁଁ ।

---

ଆସାମୀ ଧୃତ ହେବାରୁ ନିରାପଦଭାବରେ ତାହାକୁ ଚାଲାଣ କରିବାକାରଣ ପୁଲିସରେ କେତେଗୁଡ଼ିଏ ହାତକେଡ଼ି ରଖାହୋଇଥାଏ ଯେ ଅଦୂରଦର୍ଶୀ ପୁଲିସ କର୍ମକାରିମାନେ ଯଥାରୂପରେ ଆପଣାର କ୍ଷମତା ଚଳାଇବାକୁ ଯାଇ ଅନେକ ସମୟରେ ଅକାରଣ ଲୋକଙ୍କୁ କଷ୍ଟ ପ୍ରଦାନ କରନ୍ତି । ଦୋଷ ସାବ୍ୟସ୍ତ ନ ହେବାପର୍ଯ୍ୟନ୍ତ ଅଭିଯୁକ୍ତବ୍ୟକ୍ତିପ୍ରତି କୌଣସିପ୍ରକାର ଅତ୍ୟାଚାର କରିବା ଏକକାଳେ ଅନ୍ୟାୟ ଅଟେ । ଆମ୍ଭମାନଙ୍କର ବଡ ଲାଟସାହେବ ଏ ସମ୍ବନ୍ଧରେ ସ୍ଥାନୀୟ ଗବର୍ଣ୍ମେଣ୍ଟ ଆଦିରୁ ରିପୋର୍ଟ ମଗାଇ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାର ରୀତି ପ୍ରଚଳିତ ଥିବାର ଦେଖି ସ୍ଥିର କରି ଅଛନ୍ତି ଯେ ପୁଲିସଗୃହୀତ ବ୍ୟକ୍ତିକି ହାତକଡ଼ି ଦେବା ସମ୍ବନ୍ଧରେ ବର୍ତ୍ତମାନ ଯେ ନିୟମ ଅଛି ତାହା ନିତାନ୍ତ କଠିନ ଓ ଅନ୍ୟାୟରୂପେ ଆପଣାର କ୍ଷମତା ଚଳାଇବାକାରଣ ପୁଲିସର ନିମ୍ନଶ୍ରେଣୀୟ କର୍ମଚାରୀଙ୍କ ପ୍ରତି ସୁବିଧାଜନକ ଥିଲେହେଁ ଏ ନିୟମର କୌଣସି ପରିବର୍ତ୍ତନ କରିବାର ବର୍ତ୍ତମାନ ପ୍ରୟୋଜନ ନାହିଁ ମାତ୍ର ଅପରାଧ ଅତ୍ୟନ୍ତ ଗୁରୁତର ଏବଂ ଆସାମୀ ପଳାୟନ ଏବଂ ବଳ ପ୍ରକାଶ କରିବାର ସମ୍ପୂର୍ଣ୍ଣ ସମ୍ଭାବନା ଥିବା ସ୍ଥଳ ଭିନ୍ନ ହାତକଡ଼ି ବ୍ୟବହୃତ ନ ହେବା ପ୍ରତି ସ୍ଥାନୀୟ ଗବର୍ଣ୍ମେଣ୍ଟ ଓ ବିଭାଗୀୟ କର୍ମଚାରୀମାନେ ଦୃଷ୍ଟି ରଖିଥିବେ ଏବଂ ଏରୂପ ପ୍ରଥା ଯେତେ ଅଳ୍ପସ୍ଥଳେ ବ୍ୟବହୃତ ହୁଏ ସେତେ ଭଲ । ଏ ଅତି ଉତ୍ତମକଥା ମାତ୍ର ଗବର୍ଣ୍ମେଣ୍ଟଙ୍କ ଭାବର ଗୌରବ କର୍ମଚାରୀଙ୍କଦ୍ୱାରା ରକ୍ଷିତ ହେବାର ଦେଖିଲେ ଯାଇଁ ମନ ତୃପ୍ତ ହେବ । ସାଧାରଣରେ ଅନେକ ଭଲକଥା ଉପରୁ ତଳକୁ ଖସୁଁ ଖସୁଁ ଯେଉଁଅଡ଼େ ବଙ୍କା ହୋଇ ଯାଏ ଯେ ଦୁଃଖିଲୋକେ ତାହା ଅନୁଭବ କରିପାରନ୍ତି ନାହିଁ ଶାସନପ୍ରଣାଳୀର ଏହି ଦୋଷପ୍ରତି ସମସ୍ତ ହାକିମଙ୍କର ଦୃଷ୍ଟି ରଖିବା ଉଚିତ ।

---

ବାଙ୍କୀ କିଲ୍ଲାର ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତ ଅତି କଡ଼ା ହୋଇଥିବା ବିଷୟରେ ବାଙ୍କୀ ବାସିମାନେ ଗବର୍ଣ୍ମେଣ୍ଟରେ ଆବେଦନ କରିଥିବା ପ୍ରସଙ୍ଗ ଆମ୍ଭେମାନେ ଏଥିପୂର୍ବେ ଉଲ୍ଲେଖ କରିଥିଲୁଁ । ବର୍ତ୍ତମାନ ଅବଗତ ହେଲୁଁ ଯେ ବାଙ୍କିର ସବ୍‌ଡେପୋଟୀ କଲେକ୍ଟର ହରବନ୍ଧୁ ପଟ୍ଟନାୟକ ଉପରେ ଟ ୫୦୦ ଙ୍କା ଟାକ୍ସ ଧାର୍ଯ୍ୟ କରିଥିଲେ । ସେ ଏଠାରେ ଭାରପ୍ରାପ୍ତ ଡେପୋଟୀ କଲେକ୍ଟରଙ୍କଠାରେ ଆପତ୍ତି କରିବାରୁ ସବ୍‌ଡେପୋଟୀ କଲେକ୍ଟର ତଦନ୍ତ କରି ତାହାର ଟ ୨୦୦ ଙ୍କା ଟାକସର ଆୟ ଥିବାର ଠିକ କରି ରିପୋର୍ଟ କରିବାରୁ ଡେପୋଟୀ କଲେକ୍ଟର ତାହା ଉପରେ ଟ ୨୦ ଙ୍କା ଟାକ୍ସ ଧାର୍ଯ୍ୟ କଲେ । ତହୁଁ ପଟ୍ଟନାୟକ କଲେକ୍ଟର ସାହେବଙ୍କଠାରେ ଅପୀଲ କରି ଆପଣାର ଆୟ ବାର୍ଷିକ ଟ ୧୮୪ ଙ୍କା ଥିବାର ହିସାବ କିତାବ ଓ ଉପଯୁକ୍ତ ଅଡ଼ ଦେଖାଇଲା ଏଥିରି ଟାକସ ଟ ୨୦ ଙ୍କା ଅଟଇ । ସାହେବ ପ୍ରଶଂସିତ ପୁନସ୍ତ ଉତ୍ତମରୂପେ ତଦନ୍ତ କରି ତାହାର ଅଧିକ ଆୟର ପ୍ରମାଣ ନ ପାଇବାରୁ ତାହା ଉପରେ ଟ ୨୦ ଙ୍କା ମାତ୍ର ଟାକ୍ସ ଧାର୍ଯ୍ୟ କଲେ । କଲେକ୍ଟର ସାହେବଙ୍କର ଏ କାର୍ଯ୍ୟଟି ଅତି ଯଥାର୍ଥ ଓ ସନ୍ତୋଷଜନକ ହୋଇଅଛି । ହରବନ୍ଧୁ ପଟ୍ଟନାୟକର କଥା ଆବେଦନରେ ବିଶେଷରୂପେ ଉଲ୍ଲେଖ ହୋଇଥିଲା ଓ ବିଶେଷ ତଦନ୍ତରେ ପ୍ରକୃତ ଅବସ୍ଥା ପ୍ରକାଶ ପାଇଲା । ଯଦି କଲେକ୍ଟର ସାହେବ ଅନ୍ୟ ଅପୀଲ ସବୁରେ କେବଳ ସବ୍‌ଡେପୋଟୀଙ୍କ ରିପୋର୍ଟ ଉପରେ ନିର୍ଭର ନ କରି ନିଜେ ତଦନ୍ତ କରନ୍ତେ ତେବେ ଅନେକ ସ୍ଥଳେ ଅନ୍ୟାୟ ଟାକ୍ସ ହୋଇଥିବାର ପ୍ରକାଶ ହୋଇଥାନ୍ତା । ତାହା ହୋଇ ନ ଥିବାରୁ ବର୍ତ୍ତମାନ ବାଙ୍କିର ଟାକ୍ସ ବନ୍ଦୋବସ୍ତକୁ ସମୁଦାୟ ସଂଶୋଧନ କରିବାର ଅବଶ୍ୟକ । ବାଙ୍କିବାସିମାନେ ଏପର୍ଯ୍ୟନ୍ତ ଟାକ୍ସ ପଥକର ଷ୍ଟାମ୍ପରସୁମ ଇତ୍ୟାଦି କିଛି କେବେ ଦେଇ ନ ଥିଲେ ବର୍ତ୍ତମାନ ତାହା ମୋଗଲବନ୍ଦୀ ଅନ୍ତର୍ଗତ ହେବାରୁ ସବୁ ପ୍ରକାର ଟାକ୍ସ ଏକାବେଳକେ ସେମାନଙ୍କ ଉପରେ ପଡ଼ିଅଛି । ଏ ସ୍ଥଳେ ଲାଇସେନ୍ସ ଟାକ୍ସର ବନ୍ଦୋବସ୍ତ କୋହଳ ହେବାର ଉଚିତ ଥିଲା ତହିଁର ବିପରୀତ କଡ଼ା ଓ ଅନ୍ୟାୟ ବନ୍ଦୋବସ୍ତ ସେମାନଙ୍କ ପକ୍ଷରେ ବିଶେଷ କଷ୍ଟକର ଅଟେ ଏହା ସହଜରେ ଅନୁମାନ ହୋଇ ପାରେ । ଅତଏବ ସେମାନଙ୍କ ଆବେଦନର ଯଥେଷ୍ଟ କାରଣ ଦେଖାଯାଏ ଓ ତହିଁପ୍ରତି ବିହିତ ବିବେଚନା କରିବା କର୍ତ୍ତୃପକ୍ଷଙ୍କର ଉଚିତ ।

---

ବର୍ତ୍ତମାନ ଆକାଶରେ ଯେଉଁ ଧୂମକେତୁ ଅଥବା ଲଞ୍ଜାତାରା ଉଦୟ ହେଉଅଛି ତହିଁ ସମ୍ପର୍କରେ ଲୋକଙ୍କ ମନରେ ନାନାବିଧ ଭୀତି ଜାତ ହେଉଅଛି ଏବଂ ଏଥି ମଧ୍ୟରେ ବୃଷ୍ଟିର କିଛି ଅଭାବ ଦେଖା ଯିବାରୁ କେହି କେହି ଦୁର୍ଭିକ୍ଷର ଆଶଙ୍କା କରୁଅଛନ୍ତି । ବାସ୍ତବରେ ମେଘର ପାଳିବା କାର୍ଯ୍ୟରେ ଅବଶ୍ୟ ଏପ୍ରକାର ତ୍ରୁଟି ହୋଇ ନାହିଁ ଯଦ୍ଦ୍ୱାରା ବିସ୍ତୀର୍ଣ୍ଣ ଭୂମିଖଣ୍ଡରେ ଶସ୍ୟନାଶର କଳ୍ପନା କରି ଯାଇ ପାରେ । ବାସ୍ତବରେ ଆକାଶର ଲକ୍ଷଣ ଦେଖି ବୃଷ୍ଟିର ଆଶା ହେଉଅଛି ଏବଂ କ୍ଷେତର ଅବସ୍ଥା ଯେପରି ହୋଇଅଛି ତହିଁରେ କସ୍ମିଣ୍ଣ ଦୁର୍ଭିକ୍ଷର ଭୟ ନାହିଁ । ଫଳତଃ ଧୂମକେତୁ ଉଦୟରେ ଶାସ୍ତ୍ରାନୁସାରେ ଆମ୍ଭମାନ-

Digitized by srujanika@gmail.com

Split by PDF Splitter



ଙ୍କର ଯେଉଁ ଅମଙ୍ଗଳ ଘଟିପାରେ ତାହା ଦୁର୍ଭିକ୍ଷ ନୁହଇ ଓ ସେ ଅମଙ୍ଗଳର କେତେକ ପରିଚୟ ସ୍ଥାନାନ୍ତରେ ପ୍ରକାଶିତ ହୋଇଥିବା ପ୍ରେରିତ ପତ୍ରରୁ ପାଠକମାନେ ପାଇବେ । ଗ୍ରହ ନକ୍ଷତ୍ରାଦିର ଗତିସଙ୍ଗେ ଆମ୍ଭମାନଙ୍କ ଶୁଭାଶୁଭ ଘଟଣାର ସମ୍ବନ୍ଧ ଅବଶ୍ୟ ଅବ୍ୟର୍ଥରୂପେ ପ୍ରମାଣିତ ହୋଇ ନାହିଁ ସୁତରାଂ ତହିଁରେ ଦୃଢ଼ ବିଶ୍ୱାସ କରିବା ଅବିଧେୟ । ପରନ୍ତୁ ଧୂମକେତୁ ବିଷୟରେ ଏ ପର୍ଯ୍ୟନ୍ତ ଅଳ୍ପ କଥା ଜ୍ୟୋତିଷଶାସ୍ତ୍ରରେ ପ୍ରକାଶ ପାଇଅଛି ଏବଂ ଗ୍ରହପଣ୍ଡିତମାନେ ତହିଁର ଅନୁସନ୍ଧାନରେ ସର୍ବଦା ବ୍ୟସ୍ତ । ମାନ୍ଦ୍ରାଜ ମେଲରେ ଜଣେ ପଣ୍ଡିତ ପ୍ରକାଶ କରିଅଛନ୍ତି କି ତାହାଙ୍କ ବିବେଚନାରେ ଫରାସି ପଣ୍ଡିତ ପଁସ ସାହେବ ସନ ୧୮୧୨ ମସିହା ତା ୨୦ ରିଖ ଜୁଲାଇରେ ମାର୍ସେଲ ନଗରଠାରେ ଯେଉଁ ଧୂମକେତୁ ଆବିଷ୍କାର କରିଥିଲେ ସେହି ଧୂମକେତୁ ବର୍ତ୍ତମାନ ଉଦୟ ହୋଇଅଛି । ତେତେବେଳେ ଅନ୍ୟ ଏକଜଣ ପଣ୍ଡିତ ଏହାର ଗତିମାର୍ଗ ଗଣନା କରି କହିଥିଲେ କି ଏହା ୭୧ ବର୍ଷରେ ଏକଥର ଭ୍ରମଣ କରି ସନ ୧୮୮୩ ସାଲ ଜାନୁଏରି ମାସ ଆରମ୍ଭରେ ପୁନର୍ବାର ଦର୍ଶନ ଦେବ । କିନ୍ତୁ ଧୂମକେତୁର ଗତି ଅନେକ କାରଣରୁ ବିଚଳିତ ହେବା ଦୃଷ୍ଟିରେ ଅନ୍ୟାନ୍ୟ ପଣ୍ଡିତମାନେ ଉକ୍ତ ସମୟର ଦୁଇ ଏକ ବର୍ଷ ପୂର୍ବେ ବା ପରେ ଉଦୟ ହେବବୋଲି ଅନୁମାନ କରିଥିଲେ । ମାନ୍ଦ୍ରାଜ ମାନମନ୍ଦିରରେ ଧୂମକେତୁ ଗତ ସେପ୍ଟେମ୍ବର ମାସ ତା ୬ ରିଖରେ ସୂର୍ଯ୍ୟୋଦୟର କିଛି ପୂର୍ବେ ପ୍ରଥମେ ଦେଖାଗଲା । ତହିଁ ଉତ୍ତାରୁ ଗଣନାଦ୍ୱାରା ଜଣାଗଲା ଯେ ପ୍ରତିଦିନ ମି ୭ ନିଟ ଶୀଘ୍ର ଉଦୟ ହେଉଅଛି । ଗତ ସେପ୍ଟେମ୍ବର ମାସ ତା ୨୪ ରିଖରେ ଏହି ଧୂମକେତୁ ସୂର୍ଯ୍ୟଙ୍କଠାରୁ ୭,୭୪,୭୭,୦୦୦ ମାଇଲ ଏବଂ ପୃଥିବୀଠାରୁ ୯,୬୩,୮୮,୦୦୦ ମାଇଲ ଅନ୍ତରରେ ଥିଲା ଏବଂ ଅତ୍ୟନ୍ତ ପ୍ରଖର ବେଗରେ ପୃଥିବୀଠାରୁ ଘୁଞ୍ଚିଯାଇ ସୂର୍ଯ୍ୟଙ୍କ ଦିଗକୁ ଧାବିତ ହେଉଅଛି ।

---

ପୁନାଠାରେ ଶିକ୍ଷା କମିଶନରେ ସାକ୍ଷ୍ୟ ଦେଲା ବେଳେ ବିଖ୍ୟାତ ନାମ୍ନୀ ରମାବାଈ ଏହି ପ୍ରକାରେ ଆପଣାର ପରିଚୟ ଦେଇଅଛନ୍ତି ଯେ ସେ ୧୮୫୮ ମସିହା ଅପ୍ରେଲ ମାସରେ ମଙ୍ଗାଲୋର ଜିଲ୍ଲାନ୍ତର୍ଗତ ପଶ୍ଚିମଘାଟ ପର୍ବତର ଉପତ୍ୟକାସ୍ଥ ଗଙ୍ଗାମଲ ନାମକ ଜଙ୍ଗଲରେ ଜନ୍ମ ଲଭିଥିଲେ । ତାଙ୍କ ପିତାଙ୍କ ନିବାସ ସ୍ଥାନ ପୂର୍ବେ ମଲହରାଞ୍ଜି ନାମକ ଗ୍ରାମରେ ଥିଲା ମାତ୍ର ପଛକୁ ସେ ଆପଣା ଘର ସେଠାରୁ ଉଠାଇ ନେଇଥିଲେ । ସେ ଜଣେ ପଣ୍ଡିତ ଓ ସଂସ୍କୃତ ବିଦ୍ୟାରେ ବିଶାରଦ ଥାଇ ଆପଣା ପତ୍ନୀଙ୍କି ପଢ଼ାଇଥିଲେ ଏବଂ ପତ୍ନୀ ମଧ୍ୟ ତହିଁରେ ବିଶେଷ ବ୍ୟୁତ୍ପନ୍ନା ହୋଇଥିଲେ । ରମାବାଈଙ୍କି ନବମବର୍ଷ ବୟଃକ୍ରମରୁ ତାଙ୍କର ମାତା ତାଙ୍କୁ ସଂସ୍କୃତ ଶିକ୍ଷାରେ ନିଯୁକ୍ତ କଲେ ଏବଂ ପିତା ମାତାଙ୍କ କଥାବାର୍ତ୍ତାରୁ ସେ ମରହଟ୍ଟୀ ଭାଷା ଶିକ୍ଷା କରିଥିଲେ । ପରିଶେଷରେ ନାନାସ୍ଥାନ ଭ୍ରମଣରେ ସେ କ୍ରମେ କନାଡ଼ି, ହିନ୍ଦୁସ୍ଥାନୀ ଓ ବଙ୍ଗଳାଭାଷା ଶିକ୍ଷା କଲେ । ପ୍ରଥମରୁ ତାଙ୍କର ପୁସ୍ତକପ୍ରତି ଶ୍ରଦ୍ଧା ଥିଲା ଏବଂ ତାଙ୍କର ପିତାମାତା ବାଲ୍ୟବିବାହର ବିରୋଧୀ ଥିବାରୁ ସେମାନେ ତାଙ୍କୁ ସନ ୧୮୭୪ ମସିହା ଅର୍ଥାତ୍ ତାଙ୍କର ବ ୧୬ ର୍ଷ ବୟଃକ୍ରମ ପର୍ଯ୍ୟନ୍ତ ଶିକ୍ଷା ଦେଇଥିଲେ । ଏହି ସମୟରେ ସେମାନଙ୍କର ପ୍ରାଣତ୍ୟାଗ ହେଲା ଏବଂ ଦେଢ଼ ମାସ ମଧ୍ୟରେ ଉଭୟେ କାଳକବଳରେ ପତିତ ହେଲେ । ସଂସାରରେ ଏହିପରି ଏକାକିନୀ ହୋଇ ପଡ଼ିବାରୁ ପରିଶେଷରେ ସେ ଆପଣା ଭାଇ ସଙ୍ଗରେ ଦେଶଭ୍ରମଣ କରିବାକୁ ଗଲେ । ପଞ୍ଜାବ, ରାଜପୁତାନା, ମଧ୍ୟପ୍ରଦେଶ, ଆସାମ, ବଙ୍ଗଦେଶ ଏବଂ ଅନ୍ୟାନ୍ୟ ସ୍ଥାନରେ ଭ୍ରମଣ କରି ପ୍ରଧାନ୨ ନଗରମାନଙ୍କରେ ସ୍ତ୍ରୀଶିକ୍ଷା ସମ୍ବନ୍ଧରେ ବକ୍ତୃତାମାନ କରୁଥିଲେ । ତାଙ୍କର ମତ ଯେ ବିବାହ ପୂର୍ବରୁ ବାଳିକାମାନଙ୍କୁ ଶାସ୍ତ୍ରାନୁଯାୟୀ ସଂସ୍କୃତ ଓ ସେମାନଙ୍କର ନିଜ ଭାଷାରେ ଶିକ୍ଷା ଦେବା ଉଚିତ । ଇତ୍ୟବସରେ ତାଙ୍କର ଭାଇ ମାନବଲୀଳା ସମ୍ବରଣ କଲେ । ସୁତରାଂ ରମାବାଈ ନିଃସହାୟ ଅବସ୍ଥାରେ ପଡ଼ି ଶେଷକୁ ବିବାହ ହେଲେ ଏବଂ ବିବାହର ଷୋଳମାସ ପରେ ଅର୍ଥାତ୍ ଗତ ଫିବ୍ରୁଆରି ମାସ ତା୪ରିଖରେ ତାଙ୍କର ସ୍ୱାମୀ ଓଲାଉଠା ରୋଗରେ ପ୍ରାଣତ୍ୟାଗ କଲେ, ତାଙ୍କର ଶିଶୁକନ୍ୟାର ବର୍ତ୍ତମାନ ଏକ ବର୍ଷ ମାତ୍ର ବୟଃକ୍ରମ ଅଟେ, ତାଙ୍କର ସ୍ୱାମୀ ଜଣେ ଏମ୍, ଏ, ଏଲ୍ ଏଲ୍ ବି ପାସ କରିଥିଲେ ସୁତରାଂ ତାଙ୍କର ସମସ୍ତେ ପଣ୍ଡିତ ଓ ସ୍ତ୍ରୀଶିକ୍ଷା ସମ୍ବନ୍ଧରେ ମତାମତ ସ୍ଥିର କରିବା କାରଣ ତାଙ୍କର ଅନେକ ସୁବିଧା ଥିଲା । ବମ୍ବାଇ ପ୍ରଦେଶରେ ଦୁଇ ତିନିଜଣ ଛଡ଼ା ଆଉ ପଣ୍ଡିତା ସ୍ତ୍ରୀ ନ ଥିବାରୁ ସେ କହିଲେ ମାତ୍ର ଆମ୍ଭେମାନେ କହୁଁ ଯେ ଏକା ପଣ୍ଡିତା ରମାବାଈ ଭାରତରେ ଅବଶ୍ୟ ଉନ୍ନତନାମା ହୋଇଅଛନ୍ତି ।

---

କଟକ ବାଳିକାବିଦ୍ୟାଳୟ ।

ଗତ ସୋମବାରର ସକାଳ ଘ ୭ ଣ୍ଟା ସମୟରେ ଏହି ବିଦ୍ୟାଳୟର ବାର୍ଷିକ ପୁରସ୍କାର ଦାନ ନିମିତ୍ତ ରେଭେନସା କଲେଜ ଗୃହରେ ସଭା ହୋଇଥିଲା । ପ୍ରାୟ ଜ ୨୦ ଣ ଦେଶୀୟ ଏବଂ ସଭାପତି ଛଡ଼ା ଜଣେ ମାତ୍ର ୟୁରୋପୀୟ ଭଦ୍ରଲୋକ ଓ ତିନିଜଣ ୟୁରୋପୀୟ ଭଦ୍ର ମହିଳା ସଭାକୁ ଆଗମନ କରିଥିଲେ । ନଗରବାସୀ ୟୁରୋପୀୟଙ୍କର ଏପରି ସଭାରେ ଅନୁପସ୍ଥିତ ହେବା ବଡ଼ ଦୁଃଖର ବିଷୟ ହୋଇଅଛି । ସ୍ତ୍ରୀଶିକ୍ଷା ଭାରତବର୍ଷରେ ଆଦୌ ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ସମାଜ ଉନ୍ନତି ସକାଶେ ଏହା କେଡ଼େ ଆବଶ୍ୟକ ତାହା ୟୁରୋପୀୟମାନେ ଏକା ବୁଝି ଅଛନ୍ତି ଏବଂ ଆମ୍ଭମାନଙ୍କୁ ଏ ବିଷୟରେ ଉତ୍ସାହିତ କରିବାକୁ ଏକା ସେହିମାନେ ସମର୍ଥ । ସେମାନେ ଉପସ୍ଥିତ ହେବାଦ୍ୱାରା ଅଧିକ ସହାନୁଭୂତି ଦେଖାଇ ଥିଲେ ବଡ଼ ଶୁଭଙ୍କର ହୋଇଥାନ୍ତା । ଅନ୍ୟର କଥା କି ବୋଲିବା ଜିଲ୍ଲାର କଲେକ୍ଟର ସ୍ୱୟଂ ପ୍ରତିଦିନ ସକାଳେ ନଗରରେ ଭ୍ରମଣ କରୁଥିବା ପ୍ରତ୍ୟକ୍ଷେ ଏ ସଭାକୁ ଆସିବାର କଷ୍ଟ ସ୍ୱୀକାର କଲେ ନାହିଁ ।

ଶ୍ରୀଯୁକ୍ତ କମିଶନର ସାହେବ ସଭାପତିର ଆସନ ଗ୍ରହଣ ପୂର୍ବକ ବାର୍ଷିକ ବିଜ୍ଞାପନୀ ପାଠ କରିବା କାରଣ ସେକ୍ରେଟେରୀ ବାବୁ ରାମଦାସ ଚକ୍ରବର୍ତ୍ତିଙ୍କୁ ଆଦେଶ କଲେ । ବିଜ୍ଞାପନୀ ପାଠ ହେଲା ଉତ୍ତାରୁ ସଭାପତି ମହାଶୟ ପୁରସ୍କାର ବଣ୍ଟନ କଲେ । ବିଦ୍ୟାଳୟର ଶ୍ରେଷ୍ଠ ଶ୍ରେଣୀର ଛାତ୍ରୀମାନେ ଗୋଟିଏ୨ ରୂପାର ଫୁଲ ସହିତ ପୁସ୍ତକ ପାଇଲେ ଓ ଦ୍ୱିତୀୟ ଓ ତୃତୀୟ ଛାତ୍ରୀମାନେ କେବଳ ପୁସ୍ତକ ପାଇଲେ । ନିତାନ୍ତ ସାନ ପିଲାଙ୍କୁ ଚିନାକଣ୍ଢାଇମାନ ଦିଆଗଲା ଏବଂ ବାବୁ କାଳୀପଦ ବାନାର୍ଯ୍ୟା ପ୍ରାୟ ଖ ୩୫ ଣ୍ଡ ଓଡ଼ିଆ ପୁସ୍ତକ ପୁରସ୍କାର ଦେବା ନିମିତ୍ତ ପଠାଇ ଥିଲେ ତାହା ଅନ୍ୟାନ୍ୟ ଛାତ୍ରୀଙ୍କି ଦିଆ ଗଲା । ଯେଉଁମାନେ ବୁଣିବା କାର୍ଯ୍ୟ ଭଲ କରିଥିଲେ ସେମାନଙ୍କୁ ପଶମୀ ସୂତା ଦିଆଗଲା । ପୁରସ୍କାର ବଣ୍ଟନ ଉତ୍ତାରୁ କେତେଜଣ ଛାତ୍ରୀ ମୁଖସ୍ଥ ପାଠ ଶୁଣାଇଲେ ତହିଁରେ ଦର୍ଶକଙ୍କର ବଡ଼ ଆମୋଦ ହୋଇଥିଲା । ଛାତ୍ରୀମାନଙ୍କ ବୁଣିବା କାର୍ଯ୍ୟ ମଧ୍ୟ ଅତ୍ୟନ୍ତ ପ୍ରୀତିକର ହୋଇଥିଲା । ମୌଳ କର୍ଣ୍ଣରର

Digitized by srujanika@gmail.com

କାର୍ପେଟ୍ ବୁଣା ଇତ୍ୟାଦି ଉତ୍ତମ କାର୍ଯ୍ୟମାନ ଦେଖାଇ ଥିଲେ । ସିଲାଇ କାର୍ଯ୍ୟ ମଧ୍ୟରେ କେବଳ ଏକଜଣ ଛାତ୍ରୀ ଖଣ୍ଡିଏ କୁରୁତା ଦେଖାଇ ଥିଲା ସିଲାଇ କାର୍ଯ୍ୟର ଶିକ୍ଷା ଅଧିକ ପରିମାଣରେ ହେବାର ଉଚିତ ।

ଏହି ସମସ୍ତ କାର୍ଯ୍ୟ ଶେଷ ହେଲାରୁ ଶ୍ରୀଯୁକ୍ତ ସଭାପତି ମହାଶୟ ଇଂରାଜୀରେ ଆପଣା ମନ୍ତବ୍ୟ ସଭାରେ ବ୍ୟକ୍ତ କଲେ ଏବଂ ବାବୁ ଜଗନ୍ମୋହନ ଲାଲ ତହିଁର ଅର୍ଥ ଓଡ଼ିଆ ଭାଷାରେ ବୁଝାଇ ଦେଲେ । ଆମ୍ଭେମାନେ ତହିଁର ସାରାଂଶ ସର୍ବସାଧାରଣଙ୍କ ଗୋଚରାର୍ଥେ ନିମ୍ନେ ପ୍ରକାଶ କରୁଅଛୁଁ ଯଥା;—

ଏ ଦେଶରେ ସ୍ତ୍ରୀ ଶିକ୍ଷାର ଅଭାବ ଯେପରି ଲକ୍ଷିତ ହୁଅଇ ପ୍ରାୟ ଆଉ କେଉଁ ସେପରି ନୁହଇ ସ୍ତ୍ରୀ ଶିକ୍ଷା ଯେତେ ବିସ୍ତାର ହେବ ତେତେ ମଙ୍ଗଳର ବିଷୟ ଅଟଇ । ପୁରୁଷଙ୍କ ଶିକ୍ଷା କାର୍ଯ୍ୟ ଏକପ୍ରକାର ଅଗ୍ରସର ହେଉଅଛି ମାତ୍ର ସ୍ତ୍ରୀ ଶିକ୍ଷା ନିତାନ୍ତ ହୀନାବସ୍ଥାରେ ରହି ଅଛି । ଏହି ବିଦ୍ୟାଳୟ ଏଠାରେ ସ୍ତ୍ରୀ ଶିକ୍ଷାର ଆରମ୍ଭ ମାତ୍ର । ଗତବର୍ଷ ଛାତ୍ରୀଙ୍କ ସଂଖ୍ୟା ୬୫ ଥିଲା ଏ ବର୍ଷ ୪୫ ହୋଇଅଛି ଏ ବୃଦ୍ଧି ସନ୍ତୋଷଜନକ ଅଟଇ ଏବଂ ଯେଉଁମାନେ ଏ ବିଦ୍ୟାଳୟର ଭାର ଗ୍ରହଣ କରିଅଛନ୍ତି ତାହାଙ୍କର ପ୍ରଶଂସାର ବିଷୟ ଅଟଇ ଆମ୍ଭେ ଆଶା କରୁଁ କି ଏହିପରି ବର୍ଷକୁବର୍ଷ ଛାତ୍ରୀ ସଂଖ୍ୟା ବୃଦ୍ଧି ହେବ ଏବଂ ତଦ୍ଦ୍ୱାରା ଆମ୍ଭେ ପରମ ସନ୍ତୋଷ ଲାଭ କରିବୁଁ । ଯେଉଁମାନେ ଭଲ ପଢା କରି ଅଛନ୍ତି ସେମାନେ ପୁରସ୍କାର ପାଇଲେ ମାତ୍ର ନିୟମିତରୂପେ ଉପସ୍ଥିତ ଏବଂ ସଦାଚାର ନିମିତ୍ତ ପୃଥକ୍ ପୁରସ୍କାର ଦିଆ ନ ଯିବା ଭଲ ହୋଇ ନାହିଁ । ଉପସ୍ଥିତ ହେବାରେ ତ୍ରୁଟି ହେଲେ ଶିକ୍ଷା ଲାଭ ଭଲ ହୁଅଇ ନାହିଁ ଏବଂ ସମସ୍ତ ଶିକ୍ଷାର ମୂଳ ସଦାଚାର ହୋଇଅଛି । ଏହି ଦୁଇ ବିଷୟରେ ଅଧିକ ମନୋଯୋଗୀ ହେବାର ଉଚିତ । ସଦାଚାର କେବଳ ପଠନାବସ୍ଥାରେ ପ୍ରୟୋଜନୀୟ ଏମନ୍ତ ନୁହେ ତାହା ଚିରକାଳର ବନ୍ଧୁ ବିଦ୍ୟାଳୟରେ ତହିଁର ଶିକ୍ଷା ହେଲେ ଯାବଜ୍ଜୀବନ ଛାତ୍ରୀମାନେ ତଦ୍ଦ୍ୱାରା ଉପକୃତ ହେବେ ( ଏଠାରେ ବାବୁ ଜଗନ୍ମୋହନ ଲାଲ କହିଲେ କି କଳ କରିବା ଅସ୍ମଦ୍ଦେଶୀୟ ସ୍ତ୍ରୀମାନଙ୍କର ଗୋଟିଏ ପ୍ରଧାନ ଦୋଷ ଏବଂ ଶିକ୍ଷାର ଅଭାବ ତହିଁର କାରଣ ଅଟଇ । ସ୍ତ୍ରୀମାନେ ଶିକ୍ଷିତା ହେଲେ ସେମାନେ ଆପଣା ଅବକାଶକୁ ପୁସ୍ତକ ପାଠ ବୁଣିବା କାର୍ଯ୍ୟ ଇତ୍ୟାଦରେ ଲାଭକରରୂପେ ଅତିବାହିତ କରିବେ ଓ ଭଲ ମନ୍ଦ ସବୁ ଜାଣି ପାରିବେ ସୁତରାଂ ଅକାରଣ କଳ କରିବାରେ ସମୟ ନଷ୍ଟ କରିବେ ନାହିଁ ) ସେକ୍ରେଟରିଙ୍କଠାରୁ ଆମ୍ଭେ ଦୁଃଖର ସହିତ ଅବଗତ ହେଲୁଁ ଯେ ଛାତ୍ରୀମାନେ ଅଳ୍ପ ବୟସରେ ବିବାହ ହୋଇ ସ୍କୁଲ ତ୍ୟାଗ କରିବାରୁ କେହି ଏପର୍ଯ୍ୟନ୍ତ ନିମ୍ନଶ୍ରେଣୀର ଛାତ୍ରବୃତ୍ତି ପରୀକ୍ଷା ଦେବାକୁ ସମର୍ଥ ହୋଇ ନାହିଁ ଏବଂ ଏପରି ରୀତ ଥିବାରୁ କୌଣସି କାଳରେ ତାହା ହେବା ଦୁରୂହ । ଆମ୍ଭେ ଏଥିପାଇଁ ଛାତ୍ରୀମାନଙ୍କୁ ଦୋଷ ଦେଉ ନାହୁଁ ଏ ଦୋଷ ସେମାନଙ୍କ ପିତାମାତା ଏବଂ ରକ୍ଷକଙ୍କର ଅଟଇ । ଅଳ୍ପ ବୟସରେ ବିବାହ ଦେବା ସର୍ବତ୍ରରେ ଦୂଷଣୀୟ ପ୍ରଥା ଏବଂ ଭାରତବର୍ଷରେ ବିଧବାବିବାହ ପ୍ରଚଳିତ ନ ଥିବାରୁ ତାହା ଅଧିକତର ଶୋଚନୀୟ । ରକ୍ଷକମାନଙ୍କର ଏ କଥା ବିଶେଷରୂପେ ଆଲୋଚନା କରିବାର ଉଚିତ । ଆପଣା ୨ କନ୍ୟାମାନଙ୍କୁ ବିବାହସୂତ୍ରରେ ଆବଦ୍ଧ କରି ସଂସାର ଯାତ୍ରାର ପଥିକ କରିବା ପୂର୍ବେ ସେମାନଙ୍କୁ ଉତ୍ତମରୂପେ ଶିକ୍ଷିତା କରିବା ଉଚିତ ବଙ୍ଗଳାର କୌଣସି ୨ ସ୍ଥଳରେ ଏ ରୀତି ଶିଥିଳ ହେବାର ଆରମ୍ଭ ହୋଇଅଛି ଅର୍ଥାତ୍ ସ୍ତ୍ରୀମାନେ ବାଲ୍ୟାବସ୍ଥାରେ ବିବାହ ନ ହୋଇ ଆଗେ ଶିକ୍ଷାଲାଭ କଲା ଉତ୍ତାରୁ ଉପଯୁକ୍ତ ବୟସରେ ବିବାହ ହେଉ ଅଛନ୍ତି । ଆମ୍ଭେ ଭରସା କରୁଁ ଛାତ୍ରୀମାନେ ଉଚିତ ସମୟ ପର୍ଯ୍ୟନ୍ତ ବିଦ୍ୟାଳୟରେ ଶିକ୍ଷା କରି ପରୀକ୍ଷୋତ୍ତୀର୍ଣ୍ଣ ହେବେ ଏବଂ ଆମ୍ଭେ ପ୍ରତିବର୍ଷ ଏ ବିଦ୍ୟାଳୟର ଉନ୍ନତି ଦେଖିବୁଁ ।

ଏଥି ଉତ୍ତାରୁ ସଭାଭଙ୍ଗ ହେଲା ଏବଂ ପିଲାମାନେ ମିଷ୍ଟାନ୍ନ ଭୋଜନ କରି ଆପଣା ଘରକୁ ଗୃହଗଲେ ।

ବାଲ୍ୟବିବାହ ବିରୁଦ୍ଧରେ କମିଶନର ସାହେବ ଯାହା କହିଅଛନ୍ତି ତାହା ଯଥାର୍ଥ ଅଟଇ ତହିଁରେ ଦ୍ୱିମତ ନାହିଁ । ଶିକ୍ଷିତ ଲୋକମାନେ କାର୍ଯ୍ୟଦ୍ୱାରା ଏହି ଉପଦେଶକୁ ସାର୍ଥ କରନ୍ତୁ ଆମ୍ଭମାନଙ୍କର ଏହିକ ପ୍ରାର୍ଥନା ।

---

# ସାପ୍ତାହିକ ସଂବାଦ ।

କୋବ ମୁହରେ ଲୁଣ ଦେଲେ ସେ ଯନ୍ତ୍ରଣା । କୃଷ୍ଣନଗରର ଲୋକେ ଅତ୍ୟଧିକ ଗୁହାଳ । ଜଣେ ଅବୈତନିକ ମେଜିଷ୍ଟ୍ରେଟମାନ ଗୃହାସ୍ତ । ଜଣେ ବିଚାର କହିଲେ "ମେଜିଷ୍ଟ୍ରେଟ ପୋଷ୍ଟରେ " ମେଜିଷ୍ଟ୍ରେଟମାନେ କଇବେ ଏରୂପ ଲୋକ କମିଶନରଙ୍କୁ କାହାନ୍ତି ?—ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ପାଲ ଚୌଧୁରୀ ମହାଶୟ ଛଦରେ ହାଜମାଣ କହିଲେ "ଅମ୍ଭେ" ହଜୁର ଅବାକ ହେଲେ—ତାହାଙ୍କର ମୁଖପଦ୍ମ ଶୁଖିଗଲା । ସେ ସମୟରେ ଗେଜେଟ ବାହାରିଲ ସତହିଁ ଥିଲେ । ସେ ମୁହୁ ହସ ହମିଥିଲେ । ପାଠକେ ହସ ହିଙ୍କବର ଅର୍ଥ ବୁଝି ନେବନ୍ତୁ ।

ଏହିମଧ୍ୟରେ ଦକ୍ଷିଣେଶ୍ୱରର ଶ୍ରୀରାମକୃଷ୍ଣ ପରମହଂସ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ସଙ୍ଗରେ ସାକ୍ଷାତ୍ କରିବାକୁ ଯାଇଥିଲେ । ଦେଖାହେଲାରୁ ପରମହଂସ କହିଲେ " ଅମ୍ଭେ ଲୋଟିଏ କ୍ଷୁଦ୍ର ପଙ୍କିଳ ସ୍ରୋତସ୍ୱତୀ ପ୍ରକାଣ୍ଡ ସାଗରରେ ଅସି ପଡ଼ିଅଛୁଁ " ବିଦ୍ୟାସାଗର କହିଲେ, "ପ୍ରଭୋ ! ଯାହା ଦେଖୁଛନ୍ତି ସମୁଦ୍ର ଲବଣଜଳରେ ପରିପୂର୍ଣ୍ଣ, ମଧୁରଜଳା ସ୍ରୋତସ୍ୱତୀ ତହିଁରେ ସଙ୍ଗତହେଲେ ସେ ମଧ୍ୟ ଲବଣାକ୍ତ ଏବଂ ସ୍ୱୀୟ ମାଧୁର୍ଯ୍ୟ ପରିଶୂନ୍ୟ ହୁଏ " ପରମହଂସ କହିଲେ " ଏହା ଭବଦୀୟ ସାଗର ନୁହେ, ଏସେ ବିଦ୍ୟାସାଗର ଏହାର ଜଳ ସ୍ପର୍ଶକରି ଅମ୍ଭେ କୃତାର୍ଥ ହେଲୁଁ " ବିଦ୍ୟାସାଗର କହିଲେ " ସାଗରରେ ରତ୍ନାକରତ୍ୱ ଓ ବିପଦର ସମ୍ଭାବନା, ତହିଁର ଲବଣ ଜଳରେ ଭୀଷଣ ଜଳଜନ୍ତୁ ସବୁ ବାସ କରନ୍ତି ।" ପରମହଂସ କହିଲେ "ସମୁଦ୍ରର ଗର୍ଭରେ କି ରତ୍ନ ନାହିଁ ? ସେହିସବୁ ରତ୍ନ ଅନ୍ୱେଷଣ କରିବାପାଇଁ ଅମ୍ଭେ ଏଠାକୁ ଆସିଅଛୁଁ ସାଗର ତାହାର ଗୁପ୍ତ ରତ୍ନରାଶି ଆମକୁ ପ୍ରଦାନ କର । ବିଦ୍ୟାସାଗର ଅପଣଙ୍କର ମୂଲ୍ୟ ଉପଦେଶ ।"

ପ୍ରଚାରୀ

ମସ୍କୋଠାରେ ଗୋଟମାନ ଘଟିତ ହୋଇଥିବାର ସମ୍ବାଦ ମିଳଇ । ସନ ୧୮୮୦ ମସିହା ମାର୍ଚ୍ଚ ମାସ ତା ୧୪ ଦିବସରେ ମସ୍କୋର ପ୍ରଧାନ ସେରିଫ ଏଲଡ୍ରେମେନ ଜେଡ଼ାଠାରେ ହାଣ ହେବାକୁ ଭୂରସ୍ତ ( ଭୂମ ) ରଜ ସମସ୍ତ ପାଇ ଅପଣା ପକ୍ଷର ଜଣେ ଲୋକକୁ ନିଯୁକ୍ତ କଲେ । ତାହାର ନାମ ଅବତର ମିତାଲିଭ । ଏ ଅବତର ମିତାଲିଭ ତେବେ ସେକ୍ରେଟରୀ ନୂତନ ସୁତରାଂ ଅଭିବାସୀମାନେ ମନେ କଲେ ଯେ ଲୁମସ୍କ ହିଂସା ବହି ଏଲଡ୍ରେମେନଙ୍କୁ ମାରି ପକାଇ ନିଜ ସ୍ୱାର୍ଥ ସନ୍ତୋଷ ନିମନ୍ତେ ଅପଣା ପକ୍ଷୀୟ ଲୋକ ତାଙ୍କ ସ୍ଥାନରେ ନିଯୁକ୍ତ କଲେ । ବର୍ତ୍ତମାନ ଅଭିବାସୀମାନେ ଏକମେଳ ହୋଇ ଅବତର ମିତାଲିଭଙ୍କୁ ପଦଚ୍ୟୁତ କରି ଜାମବାସଙ୍କୁ ଭଣି ତାହା ସ୍ଥାନରେ ଏଲଡ୍ରେମେନର ଭାଇ ଅଜଦୂଷ୍ଟା ଦାଉଦଙ୍କୁ ନିଯୁକ୍ତ କରିଅଛନ୍ତି । ଭୂରସ୍ତ ଗୃହଦଣ୍ଡକୁ ବିଷ୍ଟରେ ପଡ଼ିଅଛି ।

ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ମିଶରଯୁଦ୍ଧ ଶେଷ ଭାରତକୁ ଫେରିଆସି ହେବାକୁ ପଡ଼ିଥିବା ହେତୁରୁ ବାଦଶାହଙ୍କ ମାଣ୍ଡବ ଦର୍ଶନର କେତେକ ଅର୍ଦ୍ଧ ବା ଯାହା ସ୍ଥାନୀୟ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଥିଲେ ତାହା ବର୍ତ୍ତମାନ ଭାରତର ରାଜସ୍ୱ ଉଠିବ । କେବଳ ନିତାନ୍ତ ଅବଶ୍ୟକୀୟ କାର୍ଯ୍ୟମାନ ବଳାଯିବ । ମିଶର ଯୁଦ୍ଧରେ ଭାରତର ଏହି ପ୍ରଥମ ଅନିଷ୍ଟ ଏଥିଉତ୍ତାରୁ ଆଉ କି ହେବ କିଏ ଜାଣେ ?

ଲଣ୍ଡନ ନଗରର ଡାକଘରର କରଣୀ ନିଯୁକ୍ତ ହେବା ସମ୍ବନ୍ଧରେ ଏକ୍ଜାମିନ ହେବ ସେଥିରେ ପରୀକ୍ଷା ଗ୍ରହଣ ହୋଇଥିଲା ତହିଁରେ ନ ୧୪୦୦ ଣ ସ୍ତ୍ରୀଲୋକ ପରୀକ୍ଷାର୍ଥୀ ହୋଇଥିଲେ । ଭାରତର କଥା ଭଲସା — ଏଥର ନାରୀଜାତିମାନେ ଅର୍ଜନ କରି ଆଣିବାକୁ ଗଲେ ମିଶିପେ ପୁଅ କାନ୍ଦେଇ ବୁଲିବେ ।

---

ଏହି ଉତ୍କଳଦୀପିକା ପତ୍ର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

ଏକ ବମ୍ବାଇ କାଗଜରେ ଲେଖାଅଛି ଯେ ମିଶର ଯୁଦ୍ଧ ସଂପୃକ୍ତ ଭାରତବର୍ଷରୁ ଗୋ ୫୧ ଟି ଧୂଆଁକଳ ଜାହାଜ ସୈନ୍ୟ ଓ ଆବଶ୍ୟକୀୟ ଦ୍ରବ୍ୟାଦି ନେଇ ଯାଇଥିଲା । ଏହା ପାଣି ଦଶହଜାର ଟନ ଯାଇଥିଲା । ଘୋଡ଼ା ଇତ୍ୟାଦିଙ୍କ ଖାଇବାର ଘାସ କେବଳ ୧୧୬୦୦୦ ବିଡ଼ା ଯାଇଥିଲା ଯେ ପ୍ରତି ବିଡ଼ାର ଓଜନ ୮୦ ପାଉଣ୍ଡ । ବଡ ଘରର ବଡ଼ କାରଖାନା !

ଜୟପୁରଠାରେ ଗୋଟିଏ ବ୍ରାହ୍ମନଗର ନିର୍ମାଣ କରିବା ପକ୍ଷେ ସେଠା ମହାରାଜା ଟ ୧୦୦ ଙ୍କା ଚାନ୍ଦା ଦେଇଅଛନ୍ତି ।

କୋଇମ୍ବାଟୁରର ଜଜ ବାଇଗ୍ରାମ ସାହେବ ସାଲେମର ସମୁଦାୟ ଫୌଜ ମୋକଦ୍ଦମା ଓ ଅପୀଲ ମୋକଦ୍ଦମା ବିଗ୍ରହ କରିବା କାରଣ ଅଧିକା ଫୌଜ ଜଜ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

ଅବଗତ ହେଲୁଁ ଯେ ହିନ୍ଦୁ ବିଧବାଙ୍କ ବିବାହ ବିରୁଦ୍ଧରେ ମାନ୍ଦ୍ରାଜର ପଣ୍ଡିତମାନେ ଯଥାସାଧ୍ୟ ଚେଷ୍ଟା କରୁଥିଲେହେଁ ତହିଁ ସ୍ୱପକ୍ଷରେ ଅନେକ ପ୍ରକାର କାର୍ଯ୍ୟ ହେଉଅଛି । ନେଗାପଟ୍ଟାମରେ ଗୋଟିଏ ବଡ଼ ସଭା ଅଛି, ତହିଁର ମତ ଯେ ହିନ୍ଦୁ ଶାସ୍ତ୍ରାନୁଯାୟୀ ବାଲ୍ୟବିବାହ ନିଷିଦ୍ଧ, ମାନ୍ଦ୍ରାଜର ପଣ୍ଡିତମାନେ ଯେ ଶୀଘ୍ର ଯଥେଷ୍ଟ ପ୍ରତିବାଧା ପ୍ରାପ୍ତ ହେବେ ତହିଁରେ ସନ୍ଦେହ ନ ଥିଲା ଏବଂ ବାଲ୍ୟବିବାହ ଶାସ୍ତ୍ରତଃ ନିଷିଦ୍ଧ ହେଉ ବା ନ ହେଉ ତହିଁରେ ଅନେକ ଅନିଷ୍ଟ ଜାତ ହୁଏ । ବର୍ତ୍ତମାନ ଯେପରି କାର୍ଯ୍ୟ ଗତି ଚଳୁଅଛି ତହିଁରେ ବାଲ୍ୟ ବିବାହ ପ୍ରଥା ରହିତ ହୋଇ ବିଧବା ବିବାହ ପ୍ରଥା ଶୀଘ୍ର ପ୍ରଚଳିତ ହେବାର ଭରସା ହେଉଅଛି । କେତେବେଳେ ଭାରତୀୟ ମହିଳାମାନେ ସୁଖରେ ନିଃଶ୍ୱାସ ତ୍ୟାଗ କରିବେ ଏହିକି ଦେଖିବାକୁ ବାଞ୍ଛା ରହିଲା ।

ଏ ଦେଶରେ ଶିକ୍ଷାଲାଭ କରି ଉତ୍ତୀର୍ଣ୍ଣ ହେଉଥିବା ଇଞ୍ଜିନିୟରମାନେ ନାନାପ୍ରକାର ଗୃହ ନିର୍ମାଣ କୌଶଳରେ ଅପଟୁ ଥିବା ଦୃଷ୍ଟିରେ ବର୍ତ୍ତମାନ ପଞ୍ଜାବ ଗବର୍ଣ୍ଣମେଣ୍ଟ ପ୍ରତିବର୍ଷ ୬ ୨ ଜ ୩ ଣ ଏଭଳି ଛାତ୍ର ବିଲାତକୁ ଏ ବିଷୟରେ ଭଲତ ଲାଭ କରିବା ସକାଶେ ପଠାଇବାର ମନସ୍ଥ କରିଅଛନ୍ତି । ସେମାନେ ବିଲାତରେ ନାନାସ୍ଥାନରେ ଭ୍ରମଣ କରିବାଦ୍ୱାରା ଆପଣାର ଶିକ୍ଷା ପୂର୍ଣ୍ଣ କରିବେ । ଏଥିରେ ପ୍ରତ୍ୟେକ ବାଳକ ପ୍ରତି ଟ ୧୨୦୦୦ ଙ୍କା ଖର୍ଚ୍ଚ ପଡିବାର ଅନୁମାନ ହୋଇଅଛି । ଏ ଅତି ସୁନ୍ଦର ପ୍ରସ୍ତାବ—ଅମ୍ଭେମାନେ ଏଥିର ସମ୍ପୂର୍ଣ୍ଣ ଅନୁମୋଦନ କରୁଅଛୁଁ ଏବଂ ଭରସା କରୁଁ ଏ ପ୍ରସ୍ତାବ ଶୀଘ୍ର କାର୍ଯ୍ୟରେ ପରିଣତ ହେବାଦ୍ୱାରା ଅସ୍ମାନଙ୍କର ଗୋଟିଏ ପ୍ରଧାନ ଅଭାବ ଦୂରୀଭୂତ ହେବ ।

ଭେଲନ୍ସିଅରୁ ଅବଗତ ହେଲୁଁ ଯେ ଗତ ସେପ୍ଟେମ୍ବର ମାସ ତା ୧୩ ରାତ୍ରରେ ବାର୍ଣ୍ଣିଇଠାରେ ଭୂମିକମ୍ପ ହୋଇଥିଲା । ତହିଁର ସ୍ଥିତି ୩୦ ସେକେଣ୍ଡ । ମିଭୂକମ୍ପ ହେଲା ପୂର୍ବରେ ଘୋର ବୃଷ୍ଟି ହୋଇଥିଲା ।

ଏକାଉଣ୍ଟାଣ୍ଟ ଜେନେରଲ ସାହେବଙ୍କ ଅଫିସର କାର୍ଯ୍ୟ ଅତ୍ୟନ୍ତ ଠିକ ଏବଂ ନିୟମିତରୂପେ ସୃଙ୍ଖଳ ହୁଏ, ଏମନ୍ତ କ ପ୍ରଚଳନ ଭଲ୍ଲ କରେଇର ସଞ୍ଚାଳିତ, ଅପରିଇତ୍ୟାଦି ଦେଖି ୨ କର୍ମକାରକମାନେ ବିରକ୍ତ ହୋଇଯାନ୍ତି । ବର୍ତ୍ତମାନ ଏକ ସରକ୍ୟୁଲର ବାହାରିଅଛି ଯେ ବ ୫୫ ଓ ବୟଃକ୍ରମ ଏକାଉଣ୍ଟାଣ୍ଟ ହେବାର ଦୁଇବର୍ଷ ପୂର୍ବରୁ କର୍ମଗ୍ରହମାନେ ଏକାଉଣ୍ଟାଣ୍ଟ କଚେରିଠାରୁ ତହିଁର ସମ୍ବାଦ ପଠାଇବେ । ଏଥିରେ ସେହି କର୍ମସ୍ଥଳର କାର୍ଯ୍ୟରେ ଅନ୍ୟ ଲୋକ ନିଯୁକ୍ତ ହେବା ଓ ସନ କର୍ମଚ୍ୟୁତର ଶୂନ୍ୟଯାୟୀ ପୂର୍ବବୟଃକ୍ରମପ୍ରାପ୍ତ କର୍ମଗ୍ରହୀ କର୍ମରୁ ଅପସୃତ ହେବା ପକ୍ଷେ ଆଦେଶ ପ୍ରସ୍ତୁତ କରିବା କାରଣ ଏକାଉଣ୍ଟାଣ୍ଟ କଚେରିକୁ ଅନେକ ସୁବିଧା ମିଳିବ ।

ବଙ୍ଗବାସୀରେ ଲେଖାଅଛି ଯେ ଉତ୍ତରପୂର୍ବର ଅନ୍ତର୍ଗତ ହଙ୍ଗେରି ପ୍ରଦେଶର କୌଣସି ନଗରରେ ଗୋଟିଏ ଜିପ୍‌ସୀ ବୁଢ଼ୀ ଧରା ପଡିଅଛି । ଜିପ୍‌ସୀମାନେ ଏଠା କର୍ଣ୍ଣପିଶୁଣିଙ୍କ ପରି ନାନା ସ୍ଥାନରେ ବୁଲନ୍ତି ଚୌର୍ଯ୍ୟାଦି ପାପରେ ଲିପ୍ତ ଥାନ୍ତି, ହାତଗଣନ୍ତ ଜାଣିବା ଲୋକ ପରି ନକୋଷ ସ୍ତ୍ରୀଙ୍କ ହାତ ଦେଖି ଭବିଷ୍ୟତ ଭଲ ମନ୍ଦ କହୁଥାନ୍ତି । ଏହି ଜିପ୍‌ସୀ ବୁଢ଼ୀ ହଙ୍ଗେରୀର ଏକ ନଗରରେ ରହି ବର୍ଷ ବର୍ଷ ବିକ୍ରୟ କରୁଥିଲା । ଏହାର ବିଷରେ ମନୁଷ୍ୟର ପାକସ୍ଥଳୀ ଜୀର୍ଣ୍ଣ ହୋଇଯାଏ, କିନ୍ତୁ କେହି ତହିଁର କାରଣ ଜାଣିପାରନ୍ତି ନାହିଁ, ସୁତରାଂ ବିଷ ପ୍ରୟୋଗର ସନ୍ଦେହ ଶବଚ୍ଛେଦକ ଚିକିତ୍ସକମାନଙ୍କ ମନରେ ଉଦୟ ହୁଏ ନାହିଁ । ହଙ୍ଗେରୀୟ ଅନେକ ସୁନ୍ଦରୀ ଏହାଠାରୁ ବିଷ ନେଇ ପତିହତ୍ୟା କରିଅଛନ୍ତି । ବିଗତ ଦୁଇବର୍ଷ ମଧ୍ୟରେ ଏହାର ବିଷ ବଳରେ ଶତାଧିକ କୋମଳହୃଦୟା ରମଣୀ ପତିରୂପ କଣ୍ଟକରୁ ଆପଣାକୁ ମୁକ୍ତ କରିଅଛନ୍ତି । ବୁଢ଼ୀର ଝିଅ ଯେବେ ରାଜପୁରୁଷମାନଙ୍କୁ ସରଳ ଖବର ଦେଇ ନ ଥାନ୍ତା ତେବେ ଯଦ୍ୟପି ଅନେକ ରମଣୀ ପତିଘାତିନୀ ହୋଇ ଆପଣା ମନର ସାଧ ମନପୂରାଇ ମେଣ୍ଟାଇ ପାରିଥାନ୍ତେ । ପାଶ୍ଚାତ୍ୟ ପାତିବ୍ରତ୍ୟ ! ତୁମ୍ଭ ପଦେ ନମସ୍କାର !

ଫରାସୀ ପାଚକମାନେ ଆଗାମୀ ଅକ୍ଟୋବରରେ ଗୋଟିଏ ପାକପ୍ରଦର୍ଶନୀର ଅନୁଷ୍ଠାନ କରିବେ । ନାନାବିଧ ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ । ପୃଥିବୀ ମଧ୍ୟରେ ଆଜି କାଲି ଫରାସୀ ପାଚକମାନଙ୍କର ପାକପଟୁତା ସର୍ବାପେକ୍ଷା ଅଧିକ ।

ଏ ଦେଶୀୟ ଯେସବୁ ସୈନ୍ୟ ଇଜିପ୍ଟରେ ଯୁଦ୍ଧ କରିଅଛନ୍ତି ସେମାନଙ୍କର ଜେତେଗୁଡିଏ ଦେଶୀୟ ଅଫିସରଙ୍କୁ ମହାରାଣୀ ନିଜ ହସ୍ତରେ ମେଡାଲ ଦେବେ, ସେଥିପାଇଁ ସେମାନଙ୍କୁ ଇଂଲଣ୍ଡକୁ ଯିବାକୁ ହେବ । ଏଥିରେ ଏଠାର ଦେଶୀୟ ସୈନ୍ୟମାନେ ଉତ୍ସାହ ପାଇବେ ।

ଉତ୍ତର କିଁଆଟ୍ସଠାରୁ ଡାକ୍ତର ରାଧାନାଥ ଦତ୍ତ ସମ୍ବାଦପତ୍ରରେ ଲେଖିଅଛନ୍ତି, ଦେହର କୌଣସି ସ୍ଥାନ ଅଗ୍ନି ଦଗ୍ଧ ହେଲେ ତହିଁରେ କୌଣସି ଉଷ୍ଣଦ୍ରବ୍ୟଦ୍ୱାରା ପୋଡି ଗଲେ ଜ୍ୱାଳା ନିବାରଣାର୍ଥେ ଘୃତକୁମାରୀର ରସ ପୋଡା ସ୍ଥାନ ଉପରେ ଦୁଇ ତିନଥର ଲଗାଇ ଦେଲେ ଆରୋଗ୍ୟ ହୁଏ । ଘୃତକୁମାରୀ ଅଭାବରେ ଗୋଲ ଆଳୁର ରସ ଦେଲେ ମଧ୍ୟ ଭଲ ହୁଏ ।

ଆମେରିକାରେ ଜନ୍‌ସନ ନାମକ ଜଣେ ପ୍ରସିଦ୍ଧ ବଦମାସକୁ ତିନଥର ଫାଶୀ କାଠରେ ଝୁଲାଇ ଦିଆ ହୋଇଥିଲା, କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ, ତିନଥର ଯାକ ତାହାର ଜୀବନ ରକ୍ଷା ହୋଇଅଛି । ସେ କି କୌଶଳରେ ଜୀବନ ରକ୍ଷା କରଇ, ତାହା କେହି ଜାଣନ୍ତି ନାହିଁ, ପଚାରିବାରୁ କହୁଅଛି ଯେ, ସେ ଯେତେବେଳେ ଅଚେତନ ଅବସ୍ଥାରେ ଥାଏ ସେତେବେଳେ ଅନେକ ପ୍ରକାର ସୁନ୍ଦର ୨ ବସ୍ତୁ ତାହାର ଦୃଷ୍ଟିପଥରେ ଆବିର୍ଭୂତ ହୁଏ ସେ ସବୁ ଦେଖି ତାକୁ ସୁଖବୋଧ ହୁଏ । ଫାଶୀ ମୋଚନ କରିବା ବେଳେ କେବଳ ତାହାର କିଛିଏ କଷ୍ଟ ହୁଏ ।

ଡାକ୍ତର ରାଧାନାଥ ଦତ୍ତ ପ୍ରଭାତରେ ଲେଖିଅଛନ୍ତି ସମୟେ ୨ ହିକ୍କା ଅର୍ଥାତ୍ ହାକୁଟି ହେବା ଲୋକେ ସୁଦ୍ଧତର କଷ୍ଟ ଭୋଗ କରନ୍ତି । ଏହିରୂପ ହିକ୍କାଗ୍ରସ୍ତ ରୋଗୀ ଜଳପାନ କଲେ କୌଣସି ୨ ହିକ୍କା ନିବାରଣ ହୁଏ । କୌଣସି ୨ ସମୟରେ ପାଣିରେ ମଧ୍ୟ କୌଣସି ଉପକାର ହୁଅଇ ନାହିଁ । ଏରୂପ ଅବସ୍ଥାରେ କେତେ ଗୁଡିଏ କର୍ପୂର ହାତ ମଧ୍ୟରେ ଜମା ଚିପି ମଧ୍ୟରେ ରଖି ପାଞ୍ଚ ମିନିଟ କାଳ ଆଘ୍ରାଣ କରି ନେଲେ ହିକ୍କା ଆରୋଗ୍ୟ ହୁଏ ।

## ପ୍ରେରିତପତ୍ର ।

ମହାଶୟ !

ଅମ୍ଭର ନିମ୍ନଲିଖିତ ବ୍ୟବସ୍ଥାକୁ ଆପଣଙ୍କ ଦୀପିକାରେ ଲିପିବଦ୍ଧ କରି ଆହ୍ଲାଦିତ କରିବା ହେବେ । ଇଦାନୀଂ ପୂର୍ବଦିଗ୍‌ସୂଚକ କେତୁଲକ୍ଷଣଂ ବକ୍ଷ୍ୟେ ଶବ୍ଦକଳ୍ପଦ୍ରୁମେ । ହାରମଣି ହେମରୂପାଃ କରଣାଖ୍ୟାଃ ପଞ୍ଚବିଂଶତିଃ ସ ଶିଖାଃ । ପ୍ରାଗପରଦିଶୋଦୃଶ୍ୟା ନୃପତିବିରୋଧାବହାର କାଃ ॥ ହାରେମୁକ୍ତାହାରଃ । ମଣୟୃଷ୍ଟନ୍ଦ୍ରକାନ୍ତ ପ୍ରଭୃତୟଃ, ହେମ ସୁବର୍ଣ୍ଣଂ, ତତ୍ସମାନ ବର୍ଣ୍ଣା ଯେ କେ ତବସ୍ତେ କ ରଶ୍ମ୍ୟାଃ କରଣସଞ୍ଜ୍ଞକାଃ । ସଶିଖାଃ ସଚୂଳାଃ, ତେ ଚ ପଞ୍ଚବିଂଶତିର୍ବକାଃ । ସୂର୍ଯ୍ୟସୂତାଃ, ପ୍ରାଗପରୟୋଃ ଦିଶୋର୍ଦୃଶ୍ୟାଃ । ପ୍ରାଚ ପୂର୍ବସ୍ୟାଂ, ଅପରସ୍ୟାଂ ପଶ୍ଚିମାୟାଂ ଦିଶି ଦୃଶ୍ୟନ୍ତେ । ଏତେଷାଂ ମଧ୍ୟାଦେକ ଏବ ଦୃଶ୍ୟତେ ନ ଯୁଗପଦିତି । ସର୍ବତ୍ରେୟଂ ପରିଭାଷା । ତେ ଚ ନୃପତେ ସ୍ତ୍ରେଶ୍ଚ ବିରୋଧପ୍ରଦା ଅନିଷ୍ଟା ଇତ୍ୟର୍ଥଃ । ତଥାଚ ଗର୍ଗଃ । ଶୁଦ୍ଧସ୍ଫଟିକ ସଙ୍କାଶା ମୃଣାଲ ରଜତପ୍ରଭାଃ । ମୁକ୍ତାହାର ସୁବର୍ଣ୍ଣାଭାଃ ସଶିଖାଃ ପଞ୍ଚବିଂଶତିଃ । କରଣାଖ୍ୟା ରବେଃ ପୁତ୍ରା ଦୃଶ୍ୟନ୍ତେ ପ୍ରାଗ୍‌ଦିଶି ସ୍ଥିତାଃ । ତଥାଚ ପରଶ୍ଚାତ୍ସ୍ଥା ନୃପତେର୍ଭୟଦା ସ୍ମୃତେ । ଏ ପ୍ରମାଣରୁ ବର୍ତ୍ତମାନ ଉଦୟ ହେବା କେତୁ କରଣାଖ୍ୟ । ଏହା ଉଦୟରୁ ନୃପତିମାନଙ୍କୁ ଭୟ ହୁଏ ଇତି ।

୧୦।୧୦।୮୨ } କଟକ } ଶ୍ରୀ କାଶୀନାଥଦାସଶର୍ମ୍ମଣା ଲିଖିତମିଦଂ

---

ମହାଶୟ !

ପ୍ରତ୍ୟହ ରାତ୍ରି ଘ ୪ ଟା ସମୟରେ ଯେଉଁ ଲାଞ୍ଜିତାରା ପଡୁଅଛି ତାକୁ ଦେଖି ସମସ୍ତଙ୍କ ମନରେ ଆଶଙ୍କା ହେଉଅଛି ଓ ଦି ୧୫ ନ ହେଲା ଏ ଅଞ୍ଚଳରେ ବୃଷ୍ଟି ହେଉ ନାହିଁ ଖଜଣାସକାଶେ ବଡ ଭୟ ଲାଗିଅଛି ଫସଲର ନୋକ୍‌ସାନୀ ଓ ଖଜଣାର ଭୟ ଅମ୍ଭମାନଙ୍କ ଓରଡ ଦଳବେହେରା ନାବାଳଗ ଶ୍ୟାମସୁନ୍ଦର ମଙ୍ଗରାଜ ତାଙ୍କ ମାତାଙ୍କୁ କହି ଅମ୍ଭମାନଙ୍କର କେତେକ ଖଜଣା ମାଫ ଦେଇ ବନ୍ଦୋବସ୍ତରେ ଚେକପାଟ ଦେଇଅଛନ୍ତି ଓ ସେ ନିଜେ ହାତରୁ ସରକାରକୁ ଟଙ୍କା ପରିଶୋଧ କରିବେବୋଲି ପ୍ରକାଶ କଲେ । ଅମ୍ଭେମାନେ ଆନ୍ତରିକ ଭକ୍ତିସହିତ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ ଯେ ମଙ୍ଗରାଜମହାଶୟ ଦିନକୁଦିନ ଉନ୍ନତି ଲାଭ

Split by PDF Splitter

Digitized by srujanika@gmail.com

Split by PDF Splitter



କର ଧାର୍ଯ୍ୟକାର୍ଯ୍ୟ ହୋଇ ସମସ୍ତଙ୍କର ହିତାହିତ ବିଚାର କରନ୍ତୁ ଓ ଯେ ବର୍ତ୍ତମାନ ଇଂରାଜୀ ଓଡ଼ିଆ ଓ ବଙ୍ଗଳା ପଠନ କରୁଅଛନ୍ତି ଅମ୍ଭମାନଙ୍କ କୁନ୍ତଡ଼ ଛଗଡ଼ ମଧ୍ୟରେ ଏପରି କେହି କରନାହାନ୍ତି ଏପରି କେହି ବାଳକ ଦେଖାଯାଇ ନାହାନ୍ତି ଆମ୍ଭେମାନେ ସମସ୍ତ ଛାତ୍ରମାନେ ଏହି ପ୍ରାର୍ଥନା କରୁଅଛୁଁ ଆପଣ ଅନୁକମ୍ପାପୂର୍ବକ ଆପଣଙ୍କ ଉତ୍କଳଦୀପିକାରେ ସ୍ଥାନଦାନ ଦେଇ ବାଧିତ କରିବାହେବେ ସିଙ୍ଗରମାମଡ଼ିଙ୍କ ଭୁକ୍ତି ବଳ ବନ୍ଧ ବିଷୟ ଆପଣ ଛପା କରାଇଥିଲେ ତାହା ଶୁଣି ଆନନ୍ଦିତ ହେଲୁଁ ଅମ୍ଭମାନଙ୍କ ଏଠା ସ୍ଥାନୀୟ ହାକିମମାନେ ବନ୍ଧ ପକାଇବା ବିଷୟରେ ଅନୁସନ୍ଧାନ କରୁଅଛନ୍ତି ।

ବଶମ୍ବଦ
ଏଠା ସମସ୍ତ ଛାତ୍ରମାନ

---

TO THE EDITOR OF THE UTKAL DIPICA

SIR,

Our warmest thanks are due to Babu Gobinda Rath for the gift of a copy each of almost all his works to our association. We feel doubly grateful to him for this kind aid in as much as it comes to us quite unasked, and is a sign of practical sympathy with our aims and aspirations as well as, an act of great encouragement to those for whom our association is intended.

Cuttack
3—10—82.

GOPAL CHARAN BANERJEA
*President "Boys Private Association"*

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଦାଶରଥୀ ପଣ୍ଡିତ | କଟକ | ଅନ୍ତିମ | ଟ ୬ ୲ |
| ,, କୃଷ୍ଣମୋହନ ପଟ୍ଟନାୟକ | ,, | ବଙ୍କୀ | ଟ ୧ ୲ |
| ,, ଦାଶରଥୀ ଦାସ | ,, | ,, | ଟ ୪ ୲ |
| ,, ଗଣେଶପ୍ରସାଦ ସିଂହ | ,, | ,, | ଟ ୫ ୲ |
| ,, ଗୋପାଳଚନ୍ଦ୍ର ମିତ୍ର | କେନ୍ଦ୍ରାପଡ଼ା | ଅନ୍ତିମ | ଟ ୬।୰ |
| ମୁନସି ସେଖଜାଫର | କଟକ | ବଙ୍କୀ | ଟ ୩ ୲ |
| ବାବୁ କୃଷ୍ଣମୋହନ ଘୋଷ | ,, | ,, | ଟ ୨ ୲ |
| ,, ହରେକୃଷ୍ଣ ମିତ୍ର | ,, | ,, | ଟ ୧ ୲ |

---

## ADVERTISEMENTS.

## ORISSA COASTING STEAM NAVIGATION COMPANY, "LIMITED."

### PROSPECTUS.

The primary object of forming the company has been to develope more fully the present Passenger and Goods traffic between Calcutta and Chandbally, with the ulterior view of extending the same to Cuttack by means of the Government Canal.

In view of the increasing number of Native passengers that avail themselves of this route towards the shrine at Juggernath, and who it is expected will increase if better accomodation, and, by a fast steamer, quicker passage can be obtained. It has been decided to order a new steamer built for this special purpose from England, or if a suitable one can be obtained ready made, to purchase the same, and to run such a vessel in conjunction with the existing Steamer "Reliance," so as to constitute a regular service twice a week.

The Capital fixed for such a purpose is Rs. 400,000, in Shares of Rs. 100 each, of which Rs. 20 is to be paid on application, and Rs. 30 by 15th October next; further calls shall be made when necessary, but it is calculated that not more than 75 per cent. of the entire Capital will be called up during the next 6 months. Of this amount the payment to Baboo Ramkissen will absorb Rs. 71,000, and the estimated amount for the new steamer Rs. 200,000, total Rs. 271,000, which would leave an ample balance for working capital or towards future requirements of the Company.

The profits hitherto obtained by working the Steamer "Reliance" alone, shew during the last 6 months a nett profit equal to a dividend of 8½ per cent, upon a Capital of Rs. 300,000, but with the addition of the proposed steamer to form the Company's property hereafter, considerable increase of earnings may be expected, which after providing a 'Reserve' and 'Wear and Tear' Fund, will considerably add to the dividend, whilst the additional expense to the Establishment will be comparatively trifling, and the security of the undertaking placed upon a broader basis.

Native passengers by this route will value speed above all things, and will readily pay a small extra fare, if the voyage can be accomplished in one day, with a minimum of personal discomfort.

The personal influence and connection of Baboo Ramkissen, who has practically worked this business for some time, insures for it a certain amount of success, and the board is glad to have secured his services and large interest in the undertaking by appointing him Managing Agent, who is so sanguine as to the success of the undertaking that he guarantees to the shareholders a dividend equal to interest at 12 per cent per annum for two years certain, on their actual outlay. The Steamer "Relience" is now in good working order, and will be delivered over to the Company with her present certificate, so that her earnings will commence as soon as the Company is formed.

HAJEE NOOR MOHOMED JACKERIAH
J. KHUNNAH,
B. D. MEHTY,
*Directors.*

For further information apply to Bosu Deoji, Agent at Buxi Bazar opposite to the Telegraph office, Cuttack.

---

## ବିଜ୍ଞାପନ ।

ଅଦ୍ୟଠାରୁ ଅଗ୍ରିମ ଉତ୍କଳଦୀପିକାର [illegible] ୨ ମାସର ଟ ୦ ।୰ ଏବଂ ୬ ମାସର ଟ ୦ ।୰ ଏବଂ ଉତ୍କଳଦୀପିକାର ସମ୍ବତ୍ସର ବର୍ଷ ଟ ୨ ଙ୍କା ମୂଲ୍ୟରେ [illegible] ହେବ ।

୧୦।୧୦।୮୨

ଶ୍ରୀ [illegible]
ଉତ୍କଳଦୀପିକାର କର୍ତ୍ତା ଓ
ସମ୍ପାଦକ ।

---

## NOTICE.

The large Pucca House with outbuildings situated at Tulsipore West of the Kanika Rajah's residence, will be sold by auction without any reserve to the highest bidder, on the Tuesday morning next the 18th. instant. Sale to commence at 8 oclock.

CUTTACK
12-10-82.

W. Miller
Anam C. Das
Executors to the Estate of the late Babu Shem Nauth.

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଗୋଚର କରାଯାଉଅଛି ଯେ ଚଳିତ ମାସ ତା ୧୮ ରିଖ ବୁଧବାର ଦିନ ସକାଳ ସ ୮ ଘଣ୍ଟା ସମୟରେ ମାନସିଂହପାଟଣା ବିଦ୍ୟାଧର ଭଞ୍ଜଙ୍କ ପୂର୍ବ ତରଫରେ ମୃତ ଶେଖନାଥ ବାବୁଙ୍କର ପତ୍ତାଘର ନିଲାମ ହେବ । ଉକ୍ତ ପତ୍ତାଘରର କୌଣସି ନିର୍ଦ୍ଧାରିତ ମୂଲ୍ୟ ନାହିଁ ପୁଣି ଯାହାର ବେଶି ଡାକ ହେବ ତାହାକୁ ନିଷ୍ପତ୍ତି ଦିଆଯିବ ।

କଟକ }
୧୨।୧୦।୮୨ }

W. MILLER
BABU A. C. DAS
*Executor of the Estates.*

## ବିଜ୍ଞାପନ ।

## ଓଡ଼ିଆ ନାଟକ ।

## କାଞ୍ଚି କାବେରୀ

ବା

## ପ ଦ୍ମା ବ ତୀ ।

☞ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ୵ ଅଠଅଣା ମାତ୍ର । ମଫସଲକୁ ଡାକମାସୁଲ ଟ ୦୵୭ ।

## ଗଭର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ । କଲିକତା ବୋଟାନିକାଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍ସକୁ ଟ ୬ ଙ୍କା । ୮ ଅଉନ୍ସକୁ ଟ ୧୨ ଙ୍କା । ୧୬ ଅଉନ୍ସକୁ ଟ ୨୦୵ ମୂଲ୍ୟ ଲାଗେ ।

## ଦୁର୍ଗାପୂଜା ବଜାର ।

ଚନ୍ଦ୍ରକୋଣା ଶାନ୍ତିପୁର କଳପ ପ୍ରଭୃତି ଖେଟ ବଡ଼ ସୂତା ଚଉସ ଓ ପାଟକୁରାଓ ଲୁଗା ସୂତାଖିଆ ଓ ସୁଗନ୍ଧ ଦ୍ରବ୍ୟ ଇତ୍ୟାଦି ଅତି ସୁଲଭ ମୂଲ୍ୟରେ ବିକ୍ରୟ କରିବା କାରଣ କଟକ ସହର ଚୌଧୁରୀ ବଜାର ବାବୁ ଗୌରଚନ୍ଦ୍ରଙ୍କର ସ୍ୱୟଂ ବସା ନିକଟରେ ଦୋକାନ ଫିଟାଇଅଛୁଁ । ପ୍ରତିଦିନ ଦିବା ସ ୯ ଘ ଠାରୁ ରାତ୍ର ସ ୮ ଘ ପର୍ଯ୍ୟନ୍ତ ଦୋକାନ ଖୋଲା ଥାଏ । ଗ୍ରାହକମାନଙ୍କୁ ପ୍ରାର୍ଥନା ଯେ ଥରେ ପରୀକ୍ଷା କରି ଦେଖନ୍ତୁ ।

ଏପରି ନାନା ଦ୍ରବ୍ୟର ଅତିରିକ୍ତ କାର୍ଯ୍ୟ କରିବାର ମଧ୍ୟ ବନ୍ଦୋବସ୍ତ କରିଅଛୁଁ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ ଏଠା ବଜାର ଏବଂ କଲିକତାରୁ ଖରିଦ କରି ଅତି ଅଳ୍ପ କମିଶନରେ ଯୋଗାଇବୁଁ । ଏଣୁ ସବିଶେଷ ନିୟମାବଳୀ ଯାହାଙ୍କର ପ୍ରୟୋଜନ ହେବ ପତ୍ର ଲେଖିଲେ ପଠାଇ ଦେବୁଁ ।

ସହର କଟକ }
ଚଉଧୁରୀବଜାର ଦୋକାନ } ଶ୍ରୀ ଅଭୟଚରଣ କର
୨୨।୧୦।୮୨ }

## ଯଶାଙ୍କୁକରଣ ରସ ।

ଏ ବଟିକାଦ୍ୱାରା ବାତଦୋଷ, ଉପଦଂଶ ଅର୍ଥାତ ଗରମୀ ଓ ପନ୍ଥଶାମଣ୍ଡଳ ଆରୋଗ୍ୟ ହୁଏ । ମା ୭ ମାତ୍ରାକୁ ଟ ୧୦ ଙ୍କା

## ଶ୍ରୀମୃଦ୍ଧାଙ୍କର ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ରକ୍ତମେହ ନଷ୍ଟ ହୁଏ । ମା ୭ ମାତ୍ରାକୁ ଟ ୧୦ ଙ୍କା ।

## ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଶୂଳ ଭଲ ହୁଏ । ୧୫ ମାତ୍ରାକୁ ଟ ୧୦ ଙ୍କା ।

## ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସକ ଔଷଧ । ଅନୁପାନ ବିଶେଷରେ କାମୋଦ୍ରେକ ଶାନ୍ତି ହୁଏ । ୫ ମାତ୍ରାକୁ ଟ ୧ ଙ୍କା

## କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ବଟିକାଦ୍ୱାରା ଧ୍ୱଜଭଙ୍ଗ ଅର୍ଥାତ ବହୁ ବର୍ଷରୁ ହୀନ ପୁଂସତ୍ୱହୀନ ରୋଗ ଭଲ ହୁଏ । ୪ ମାତ୍ରାକୁ ଟ ୫ ଙ୍କା ।

ଏ ସବୁ ଆଉ ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଗ୍ରହଣ ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୬।୮୨ }
କାଜିବଜାର } ଶ୍ରୀ ରାମଚନ୍ଦ୍ର ବେବର୍ତ୍ତ ପଟ୍ଟନାୟକ ।
କଟକ }

Wanted a clerk for the Angool Tehsil office, on Rs. 20 rising by biennial increment of Rupee 1 to Rs. 30. None need apply who does not possess a competent knowledge of Urya and a fair knowledge of English. Applications will be received up to the 31st instant.

Office of Supdt. }
Trby. Mehals }
Cuttack the }
6th October 82 }

N. K. DAS
*Asst. Superintendent Tributary Mehals.*

## PUJAS 1882.

## CUTTACK SKY RACES.

To be run on the Chowliagunge Course, Saturday 21st and Tuesday 24th October.— Commencing at 6-30 A. M.

STEWARDS.

R. H. Pawsey, Esq. C. S.
Major Butler, XXXII. M. N. I.
G. Godfrey, Esq., C. S.
R. F. Guise, Esq.
A. P. Sandilands, Esq.
L. E. Desgratoulet, Esq. Honry. Secy. & Treasurer.

### FIRST DAY.

SATURDAY 21ST. OCTOBER.

*1st Race*—Open to all horses—Walers to carry 12 stone and over. Country Breds and Arabs to carry 10st. 7 lbs. and over. Distance ⅝ mile on the flat—Entrance Rs. 8.
1st Horse to receive a PURSE or 100 and the Entrances—
2nd Horse to save his Entrance.

*2nd Race.*—Open to all ponies, 13. 2 and under. Distance ½ mile on the Flat. Entrance Rs. 4. 13 hands to carry 10 stone 11 lbs. 13 hands to 13. 1 11 stone 2 lbs. 13. 1 to 13. 2 11 stone 7 lbs.
1st Pony to receive Rs. 50 and the Entrances.
2nd Pony to save his Entrance.

*3rd Race.*—Open to all Galloways 14. 2 and under. Distance ¾ mile on the flat. Entrance Rs. 5. 14 hands to carry 10 stone 11 lbs. 14 to 14. 1 carry 11 stone 2 lbs. 14. 1 to 14. 2 carry 11 stone 7 lbs.
1st Horse to receive Rs. 100 and the Entrances.
2nd Horse to save his Entrance.

*4th Race.*—Handicap open to all ponies 13. 2 and under. Distance ½ mile on the Flat. Entrance Rs. 3.
1st Pony to receive Rs. 50 and the Entrances.
2nd Pony to save his Entrance.

*5th Race.*—Scurry for all Tats—bona fide the property of natives to be ridden by Natives—Catch weights ¼ mile heats without dismounting.
1st Pony to receive Rs. 20.
2nd Pony to receive Rs. 7.
3rd Pony to receive Rs. 3.

### SECOND DAY.

TUESDAY 24TH OCTOBER.

*1st Race.*—Hurdle Race. Burdwan Purse— Open to all Horses—Walers to carry 12 stone and over. Country breds and Arabs 10 stone 7 lbs and over—Distance 1 ¼ miles over 7 flights of hurdles 3′ 9″ high. Entrance Rs. 8.
1st Horse to receive a PURSE of Rs. 200 presented by H. H. the Maharaja of Burdwan.
2nd Horse to receive Amount of the Entrances.
3rd Horse to save his Entrance.

*2nd Race.*—Galloway Hurdle Race. open to Horses 14. 2 and under— Distance one mile over 5 flights of hurdles 3′, 3″ high. Entrance Rs. 5.
1st Horse to receive Rs. 75 and Balance of Entrances after paying to. 2nd Horse Rs. 25.
3rd Horse saves his Entrance.

*3rd Race.*—Pony Hurdle Race. Ponies 13. 2 and under. Distance ½ mile over 4 flights of hurdles 2′, 9″ high. Entrance Rs. 4.
1st Pony to receive Rs. 50.
2nd Pony amount of Entrances.
3rd Pony to save his Entrance.

Digitized by srujanika@gmail.com

*4th Race.*—Consolation Race—for Horses and Galloways—Distance ¾ mile on the Flat. Entrance Rs. 5.
*1st* Horse to receive Rs. 75.
*2nd* Horse amount of Entrances.
*3rd* Horse to save his Entrance.

*5th Race.*—Scurry for horses bona fide—the property of Natives—to be ridden by Natives—Distance ¾ mile Catch Weights.
*1st* Horse to receive Rs. 30.
*2nd* Horse Rs. 10.

*6th Race.*—Bare back Scramble for Tats—bona fide the property of Natives to be ridden by natives without saddles—Catch Weights ½ mile heats without dismounting.
*1st* Pony to receive Rs, 20.
*2nd* Pony to receive Rs. 7.
*3rd* Pony to receive Rs. 3

—o—

## RULES.

The decision of the Stewards to be final. Three horses the bonafide property of different owners to start—or the public money will be withheld.

Horses to be measured at the Fort, the day before the Races, between 4 and and 6 P. M.

Entrances to be made for all but the Consolation Races in writing to Major Butler before noon of the days preceding the Races, accompanied by Amount of Entrance money. Entrances for the Consolation Races will be made on the Course.

Lotteries will be held at the Club the evenings before the Races, at 6 P. M. at which all are invited to attend.

Settling to be on Friday 27th October, at 6 P. M. at the Club.

Judge. R. H. Pawsey, Esq.
Handicappers, R. H, Pawsey, Esq. and Major Butler,
Starter
Hon, Secty. & Treasr, L, E, Desgratoulet, Esq.

---

## PUJAS 1882.

—o—

### PROGRAMME.

**OF ATHLETIC SPORTS TO BE HELD BY THE KIND PERMISSION OF COLONEL SWINEY, XXXII. M. N. I.**

**ON THE PARADE GROUND.**

Thursday 26th October commencing at 3, p. m. Sharp.

COMMITTEE.

Major Butler, XXXII. M. N. I.
A. H. Dobbs, Esq Do.
P. A. Sandilands, Esq.
J, C. Smith, Esq.
A. native Officer XXXII. M. N. I.
L. E. Desgratoulet, Esq.
*Honry. Secty. & Treasurer.*

1. *Foot Race for Native,* nominated by Subscribers to the General Fund. Each subscriber to have one nomination only. No entrance Fee. The competetor to produce his nomination in writing to the Starter. Distance ¼ mile.
*1st.* Prize Rs. 15.
*2nd.* Prize Rs. 7.
*3rd.* Prize Rs. 3.
If less than 6 start, the 3rd Prize to be withheld.

2. *Regimental Foot Race.* For Sepoys and followers only. Distance ½ mile
*1st.* Prize Rs. 10.
*2nd.* Prize Rs. 4.
*3rd.* Prize Rs. 2.

3. Foot Race for all other Natives. Distance ½ mile.
*1st.* Prize Rs. 10.
*2nd.* Prize Rs. 4.
*3rd.* Prize Rs. 2.

4. Palki Race. 4- Bearers to each Palki Rider's catch weights over 10 stone. Committee to judge of weight Riders, without weighing. Distance ¼ mile.
*1st.* Prize Rs. 15.
*2nd.* Prize Rs. 7.
*3rd.* Prize Rs. 3.
If less than 6 start, the 3rd Prize will be withheld.
If less than 3 start, the 2nd Prize will be withheld.

5. Foot Race for all Europeans. Distance 150 yards. Entrance 1 Rupee
*1st.* Prize—PURSE of Rs. 32.
*2nd.* Prize—⅔rd of Entrance Money.
*3rd.* Prize—⅓rd of Do.
If less than 10 start, the whole of the Entrance money to go to the 2nd man. Entrance to be made in writing, accompanied by the Rupee, to Major Butler, before noon of the day preeding the Race.

6. Gurra Race. The winner to be He who reaches the Post first, with his gurra full.
*1st.* Prize Rs. 5.
*2nd.* Prize Rs. 3.
*3rd.* Prize Rs. 1.

7. Three-legged Race. For Europeans. Distance 100 yards. Entrance Rs. 2 per team.
*1st.* Prize PURSE of Rs. 16.
*2nd* Do. Entrances.

8. Three-legged Race. For Natives Distance 100 yards.
*1st* Team Rs. 6.
*2nd* Do. Rs. 4.

9. Hurdle Race. For Europeans. Distance 150 yards over 6 flights of hurdle, 3 feet high. Entrance Re. 1.
*1st* Prize—PURSE of Rs. 20.
*2nd* & *3rd* Prize same as in Race No. 4, and on the same conditions.
Entrance to be made in writing accompanied by the Rupee to Major Butler, before noon of the day preceding the Race.

10. Hurdle Race. For natives, over the same course—open to all.
*1st* Prize Rs. 10.
*2nd* Prize Rs. 6.
*3rd* Prize Rs. 4.

11. European Boys, Foot Race. Distance 100 yards. Age between 10 and 12.
*1st* Prize Rs. 5.
*2nd* Prize Rs. 2.

12. Do. Distance 80 yards. Age 10 and under.
*1st* Prize Rs. 5.
*2nd* Prize Rs. 2.

13. Native Boys, Foot Race. Distance 100 yards. Age between 10 and 12.
*1st* Prize Rs. 2.
*2nd* Prize Rs. 1.

14. Sack Race. Distance 100 yards.
*1st* Prize Rs. 7.
*2nd* Prize Rs. 3.

15. Obstacle Race, *1st* Prize Rs. 10.
*2nd* Prize Rs. 5.
*3rd* Prize Rs. 3.

16. Tug of War. 12 on each Side. Right against Left Wing XXXII. M. N. I.
PRIZE. 12.

17. Do. Sepoys of XXXII M. N. I.
Versus
Police District ( and Gurjat )
PRIZE Rs. 12.

18. Do. WINNERS.
Versus
All comers.

PRIZES will be paid on the spot.—

A Polo Pony Race, with Balls, for a Prize provided from the Club Puja Subscriptions will take place in the course of the Afternoon.

---

ବିଜ୍ଞାପନ ଶେଷ ।

Split by PDF Splitter

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୭ ଶ
ସଂ ୪୨ ସଂଖ୍ୟା

ତା ୨୮ ରଖ ମାହେ ଅକ୍ଟୋବର ସନ ୧୮୮୨ ମସିହା । ମୁ । କାର୍ତ୍ତିକ ଦ ୧୪ ଜ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
| --- | --- | --- |
| ବାର୍ଷିକ | ଟ [illegible] ୧ | ଟ ୬ ୧ |
| ଡାକମାସୁଲ | ଟ ୦ ୱ | [illegible] ୧ |


ବାର୍ଷିକ ଦୁର୍ଗୋତ୍ସବପର୍ବ ଶେଷ ହେଲା ଏବଂ ଆମ୍ଭେମାନେ ଏଥିରୁ ଅବସର ଭୋଗାନ୍ତେ ପୁନର୍ବାର କର୍ମକ୍ଷେତ୍ରରେ ଉପସ୍ଥିତ ହୋଇ ଅଗ୍ରେ ପ୍ରାଚୀନପଦ୍ଧତି ଅନୁସାରେ ଅସ୍ମାନଙ୍କର ବନ୍ଧୁ ପ୍ରତିପାଳକ ପାଠକବର୍ଗଙ୍କୁ ଆଲିଙ୍ଗନ କରୁଅଛୁଁ । ଦୁର୍ଗାପୂଜା ପର୍ବ ଏବର୍ଷ ଅତ୍ୟନ୍ତ ସୁଖରେ ଅତିବାହିତ ହୋଇଅଛି । ପୂଜା ଦ ୪ ନ ଆଗୁଁ ଯେଉଁ ବୃଷ୍ଟି ବତାସ ହୋଇଥିଲା ତାହା ଏକପ୍ରକାର ପ୍ରବଳ ଓ ମାନ୍ଦ୍ରାଜ ଉପକୂଳରୁ ଦାର୍ଜିଲିଂ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲେହେଁ ତଦ୍ୱାରା କୌଣସି ବିଶେଷ ଅନିଷ୍ଟ ହୋଇ ନାହିଁ । ବତାସର ବେଗ ସମୁଦ୍ରରେ ଶେଷ ହୋଇଗଲା ବରଂ ଚାଷୀମାନଙ୍କ ଅଧିକ ପରିମାଣରେ ବୃଷ୍ଟି ହୋଇ ଫସଲ ପ୍ରତି ବିଶେଷ ଉପକାର କଲା । ଏଥିଯୋଗୁଁ ଲୋକେ ଅଧିକ ପ୍ରଫୁଲ୍ଲିତା ସହିତ ପୂଜାର ଆମୋଦ ଉପଭୋଗ କଲେ ଏବଂ ପୂଜା ମଧ୍ୟରେ ଶୁଖିଲା ପାଗ ହେବାରୁ ଯାତ୍ରିଙ୍କର ଯଥୋଚିତ ସୁବିଧା ହୋଇଥିଲା । ଏ ନଗରରେ ବିଜୟା ଦଶମୀ ପରେ ଯାଇ ପରଦିନ ସକାଳ ଆଠଘଣ୍ଟା ସମୟରେ ମେଢ଼ମାନ ଜଳଶାୟୀ ହେଲେ । ଏଥିମଧ୍ୟରେ ଶାନ୍ତିରକ୍ଷକଙ୍କର ଅନୁଷ୍ଠିତ ଘୋଡ଼ଦୌଡ଼ ମନୁଷ୍ୟ ଦୌଡ଼ କୁସ୍ତି ପ୍ରଭୃତି ଆମୋଦ କ୍ରିୟାମାନ ଚାଲିଥିଲା ଯେ ଗତ କାଲି ତାହା ଶେଷ ହେଲା । ଇଂରାଜ ଓ ଦେଶୀୟ ଲୋକ ଏକତ୍ରିତ ହୋଇ ପୂଜାର ଛୁଟୀକୁ ବଡ଼ ଆନନ୍ଦରେ କଟାଇଅଛନ୍ତି ଏବଂ ଏ ସମସ୍ତ ଆମୋଦ କ୍ରିୟାର ଭାର ଯାହାଙ୍କ ଉପରେ ଥିଲା ସେମାନେ ଅତ୍ୟନ୍ତ ସନ୍ତୋଷଜନକରୂପେ କାର୍ଯ୍ୟ ନିର୍ବାହ କରିଥିବାରୁ ଆମ୍ଭେମାନେ ତାହାଙ୍କର ମଙ୍ଗଳବାଦ କରୁଅଛୁଁ ।

---

✓ ଗୋପାଳଜିଉ ମଠର ଦଙ୍ଗା ମୋକଦ୍ଦମା ଚଳିତମାସ ତା ୧୭ ରିଖରେ ଫଇସଲ ହେଲା । କେବଳ ଏକଜଣ ଆସାମୀପ୍ରତି ଏକବର୍ଷ କାରାବାସ ଓ ଟ ୨୦ ଙ୍କା ଅର୍ଥଦଣ୍ଡ ହେଲା ଆଉ ସମସ୍ତ ଆସାମୀ ଖଲାସ ପାଇଲେ । ଜଏଣ୍ଟମାଜିଷ୍ଟ୍ରେଟ ମାନ୍ସ୍କି ସାହେବ ଯେପରି ଭାବରେ ଏ ମୋକଦ୍ଦମାକୁ ଧରି ବସିଥିଲେ ତହିଁରେ ଏପରି ଫଳ କେହି ପ୍ରତ୍ୟାଶା କରି ନ ଥିଲେ । ଏହି ହେତୁରୁ ତାହାଙ୍କର ଆଜ୍ଞା ଅଧିକ ସନ୍ତୋଷଜନକ ହୋଇଅଛି । ଆମ୍ଭେମାନେ ରାୟ ଦେଖି ନ ଥିବାରୁ ତଦ୍ବିଷୟରେ କୌଣସି ମତାମତ ବର୍ତ୍ତମାନ ପ୍ରକାଶ କରି ନ ପାରୁଁ । ଏଥି ଉତ୍ତାରୁ ତାହା କରିବାର ଇଚ୍ଛା ରହିଲା । ସମ୍ପ୍ରତି ଏତିକି ବୋଲିବୁ ଯେ ସାହେବଙ୍କ ଆଜ୍ଞା ସର୍ବସାଧାରଣଙ୍କ ମନକୁ ନେଇବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁଁ ଯେ ଅନଗୁଳର ଅବସର ପ୍ରାପ୍ତ ତହସିଲଦାର ବାବୁ ବିଷ୍ଣୁ ପଟ୍ଟନାୟକ ଚଳିତ ମାସ ତା ୧୯ ରିଖ ବେଳ ଦୁଇ ହର ସମୟରେ ଇହଲୋକରୁ ଅପସୃତ ହୋଇଅଛନ୍ତି । ସେ ଦୀର୍ଘକାଳରୁ ଜ୍ୱର ଓ ପୀହାରୋଗରେ ପୀଡ଼ିତ ଥିବାରୁ ଛୁଟୀ ନେଇ ଚକଡ଼ାରେ ରହି ଥିଲେ କିନ୍ତୁ ସେ ରୋଗମାନ ସାଂଘାତିକ ନ ହୋଇ ଅକସ୍ମାତ ଓଲଉଠା ରୋଗ ତାହାଙ୍କୁ ଆକ୍ରମଣ କଲା ଏବଂ ଅଳ୍ପକ୍ଷଣ ମଧ୍ୟରେ ତାହାଙ୍କର ପ୍ରାଣ ନେଇ ଗଲା । ଏ ମହାଶୟ ଜଣେ ଶିକ୍ଷିତ ସାହସୀ ଏବଂ ସ୍ୱାଧୀନ ଚିନ୍ତାଶୀଳ ଓଡ଼ିଆ ଥିଲେ ଏବଂ ମୃତ୍ୟୁ ସମୟରେ ପ୍ରାୟ ୪୫।୪୬ ବର୍ଷ ବୟସ ହୋଇଥିଲା । ଏହାଙ୍କର ମୃତ୍ୟୁ ଓଡ଼ିଶାର ସାଧାରଣ କ୍ଷତିର ବିଷୟ ଅଟଇ । ବାସ୍ତବରେ ଓଡ଼ିଶା ଅତ୍ୟନ୍ତ ହତଭାଗିନୀ ନୋହିଲେ ଏହାର ଉପଯୁକ୍ତ ସନ୍ତାନମାନେ ଅକାଳରେ କାଳଗ୍ରାସରେ ପଡ଼ନ୍ତେ କାହିଁକି ?

---

*କଳକତ୍ତାରେ ଯେପରି ବୃହତ୍ କାର୍ଯ୍ୟମାନ ସାଧିତ ହୁଅଇ ତାହା ସମସ୍ତେ ଜାଣନ୍ତି । ଏଠି କଳ ମନୁଷ୍ୟ ଓ ପଶୁ ଏବଂ ପବନ ଗ୍ରୋତକଳ ଓ ବାଷ୍ପ ବଳରେ ଚାଳିତ ହୁଅଇ । ମନୁଷ୍ୟ ଓ ପଶୁଦ୍ୱାରା ବଡ଼ ବଡ଼ କଳମାନ ଚାଲି ପାରନ୍ତି ନାହିଁ ଏବଂ ପବନ ସବୁ ସମୟରେ ମିଳଇ ନାହିଁ ।

Digitized by srujanika@gmail.com

Split by PDF Splitter



ବାସ୍ତବିକ ସର୍ବାପେକ୍ଷା ଉତ୍ତମ କଳ ଇଂଲଣ୍ଡରେ ମଧ୍ୟ ପଥରକୋଇଲା ଜମା ଜାଳ କାଠର ଖର୍ଚ୍ଚଅଛି ସ୍ରୋତଜଳର ବଳ ବିନା ଖର୍ଚ୍ଚରେ ସ୍ଥାନ ବିଶେଷରେ ସର୍ବଦା ମିଳିପାରେ ଏବଂ ଏହାଦ୍ୱାରା କଳ ଚଳାଇବାର ଯେଉଁଠାରେ ସୁବିଧା ଅଛି ସେଠାରେ ଅଳ୍ପ ବ୍ୟୟରେ ଅନେକ କାର୍ଯ୍ୟ ହେବାର ସମ୍ଭବ । ବମ୍ବେର କେତେ ସ୍ଥଳରେ ଏପରି ସ୍ଥାନ ଅଛି ଯେଉଁଠାରେ ନଦୀ ବା ନାଳ ସ୍ରୋତ ଯୋଗେ ଅନାୟାସରେ କଳ ଚାଳିତ ହୋଇପାରେ । ଆମ୍ଭମାନଙ୍କର ଭାରତର ଗବର୍ଣ୍ଣର ଜେନେରଲ ଲର୍ଡ଼ ଡଫରିନ ସାହେବ ଏହା ଜାଣିପାରି ବମ୍ବେଇ ଗବର୍ଣ୍ଣମେଣ୍ଟଙ୍କ ଏଥିର ଅନୁସନ୍ଧାନ କରିବା କାରଣ ଆଜ୍ଞା ଦେଇଅଛନ୍ତି ଗବର୍ଣ୍ଣର ଜେନେରଲ ବାହାଦୁର କହନ୍ତି କି ଆଗତଃ କାଗଜର କଳ ଏ ସବୁ ସ୍ଥାନରେ ବସିଯାଉ ଏବଂ କେହି କମ୍ପାନି ଯେବେ ଏପ୍ରକାର କଳ ପ୍ରସ୍ତୁତ କରିବାକୁ ଇଚ୍ଛା କରନ୍ତି ତେବେ ଗବର୍ଣ୍ଣମେଣ୍ଟ ତାଙ୍କୁ ଉତ୍ସାହ ଦେବା କାରଣ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କର ଖର୍ଚ୍ଚ ପରିମାଣରେ କାଗଜ ସେମାନଙ୍କଠାରୁ ନେବା କରିବା ସକାଶେ ପାଞ୍ଚବର୍ଷକୁ ଚୁକ୍ତି ଦେବାକୁ ପ୍ରସ୍ତୁତ ହେବେ ଏହି ଚୁକ୍ତିରେ କେବଳ ଏତିକି ବିଶେଷ ନିୟମ ରହିବ କି କଳର ଅଧିକାରୀମାନେ ଯେଉଁ କାଗଜ ଯୋଗାଇବେ ତାହାର ଗୁଣ ଏବଂ ମୂଲ୍ୟ ଯେମନ୍ତ ବର୍ତ୍ତମାନ ବିଦେଶରୁ ଆସୁଥିବା କାଗଜର ସମାନ ହେବ । ଲର୍ଡ଼ ଡଫରିନ ଏ ଦେଶର ବାଣିଜ୍ୟ ବ୍ୟବସାୟର ଉନ୍ନତି ପକ୍ଷରେ ଯଥାସାଧ୍ୟ ଚେଷ୍ଟା କରୁଅଛନ୍ତି ତାହାଙ୍କ ସମାନ ହିତକାରୀ ଗବର୍ଣ୍ଣର ଜେନେରଲ ବହୁଦିନରୁ ଦେଖିବାକୁ ଆସି ନାହିଁ । ଏଥିର ତାହାଙ୍କ ଚେଷ୍ଟା ସଫଳ ହେବା ପକ୍ଷରେ ଆମ୍ଭମାନେ ଯଥାସାଧ୍ୟ ତତ୍ପର ହେବାର ଉଚିତ ନୋହିଲେ ଆମ୍ଭମାନଙ୍କର ଅନ୍ନ ଅପରଦେଶୀୟମାନେ କାଢ଼ିନେବେ ।

---

## ଭାରତବର୍ଷର ଲୌହ ବ୍ୟବସାୟ ।

କେତେଦିନ ହେଲା ଏ ବିଷୟରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ନିର୍ଦ୍ଧାରଣ ଇଣ୍ଡିଆ ଗେଜେଟରେ ପ୍ରକାଶିତ ହୋଇଅଛି ଏବଂ ତହିଁର ସାରାଂଶ ପାଠକମାନଙ୍କ ଅବଗତ ନିମନ୍ତେ ଆମ୍ଭେମାନେ ନିମ୍ନେ ପ୍ରକାଶ କରୁଅଛୁଁ ।

ଲୌହର ବ୍ୟବସାୟ କେତେ ଦୂର ଲାଭର ହୋଇଥାଏ ସେ ବିଷୟ କାହାରିକୁ ଅବିଦିତ ନାହିଁ । ନାନାବିଧ ବ୍ୟବସାୟର କଳ ଓ ଯନ୍ତ୍ରମାନ ଲୌହନିର୍ମିତ । ବିଶେଷରେ ରେଲବାଟ ନିର୍ମାଣ ଏବଂ ସଂରକ୍ଷଣ ଏହା ଲୁହା ଉପରେ ନିର୍ଭର କରଇ । ବର୍ତ୍ତମାନ ଭାରତବର୍ଷରେ ଯେତେ ଲୁହା ଖର୍ଚ୍ଚ ହେଉଅଛି ପ୍ରାୟ ସମସ୍ତ ଇଂଲଣ୍ଡରୁ ଆମଦାନୀ ହୁଅଇ । ତହିଁରେ ଭାରତବର୍ଷର ଅନେକ ଟଙ୍କା ବିଦେଶୀୟ ବ୍ୟବସାୟୀଙ୍କ ହାତକୁ ଚାଲି ଯାଏ । ଲୁହାର ବ୍ୟବସାୟ ଭାରତବର୍ଷର ପ୍ରୟୋଜନାନୁସାରେ ଏଠାରେ ହୋଇ ପାରନ୍ତେ ଯେମନ୍ତ ସରକାରଙ୍କର ତେମନ୍ତ ଦେଶୀୟ ଲୋକଙ୍କର ଲାଭ ହେବ ବିଶେଷତଃ କୃଷି ଛଡ଼ା ଅନ୍ୟାନ୍ୟ ବ୍ୟବସାୟର ବିସ୍ତାର ପକ୍ଷରେ ଏହା ଅଧିକ ପରିମାଣରେ ସାହାଯ୍ୟ କରିବ । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଅନୁସନ୍ଧାନ କରି ଦେଖିଅଛନ୍ତି କି ଯେଉଁ ମୂଲ୍ୟରେ ବିଲାତରୁ ଏଠାକୁ ଲୁହା ଆମଦାନୀ ହେଉଅଛି ତହିଁରୁ ଊଣା ନ ହେଉ ପଛକେ ଅନ୍ତତଃ ସେହି ମୂଲ୍ୟରେ ଏଠାରେ ଲୁହା ଓ ଇସ୍ପାତର ଦ୍ରବ୍ୟ ପ୍ରସ୍ତୁତ ହୋଇ ପାରେ ଏବଂ ଭାରତବର୍ଷରେ ଲୁହାର ଅଭାବ ମଧ୍ୟ ନାହିଁ । ଆସାମ କୁଚବେହାର ବ୍ରହ୍ମ ଏବଂ କମାୟୁନ ଅଞ୍ଚଳରେ ପ୍ରଚୁର ଲୁହା ମିଳିବାର ସମ୍ଭାବନା । ବଙ୍ଗଳାରେ ରାଣୀଗଞ୍ଜ ସନ୍ତାଳପ୍ରଗଣା ଏବଂ ଛୋଟନାଗପୁର ମଧ୍ୟପ୍ରଦେଶରେ ସମ୍ବଲପୁର ଓ ଚାନ୍ଦା ଏବଂ ମଧ୍ୟ ଭାରତବର୍ଷରେ ଗ୍ୱାଲିୟର ଏପରି ପଞ୍ଜାବର ଅନେକ ସ୍ଥଳରେ ପ୍ରଚୁର ପରିମାଣରେ ଲୌହଖଣିମାନ ଅଛି ସେ ଖଣିମାନ ପଥର କୋଇଲା ଅଥବା ଜାଳକାଠ ମିଳିବାର ସ୍ଥାନରେ ଅବସ୍ଥିତ ହୋଇ ଥିବାରୁ ଏବଂ ଯେ ସମସ୍ତ ସ୍ଥାନ ଦେଇ ରେଲବାଟ ନିର୍ମାଣ ହୋଇଅଛି ତହିଁର ନିକଟ ଥିବାରୁ ବ୍ୟବସାୟର ସମ୍ପୂର୍ଣ୍ଣ ସୁଯୋଗ ରହିଅଛି । ଏ ସବୁ ଖଣିରୁ ଯେଉଁ ଲୁହା ପାଇ ଯାଏ ତାହା ଅତି ଉତ୍କୃଷ୍ଟ ଏବଂ ଯେଉଁଠାରେ ଲୌହମୟ ପଥର ସଙ୍ଗେ ଅନ୍ୟାନ୍ୟ ଦ୍ରବ୍ୟ ଅଧିକ ମିଶିଅଛି ସେ ସବୁ ଯନ୍ତ୍ରଯୋଗେ ଅଲଗା କରିବାର ପ୍ରକ୍ରିୟା ବର୍ତ୍ତମାନ ସହଜ ହୋଇ ଅଛି । ଏହି ସମସ୍ତ କାରଣରୁ ଗବର୍ଣ୍ଣମେଣ୍ଟଙ୍କର ଧାରଣା ହୋଇଅଛି ଯେ ଭାରତବର୍ଷରେ ସକଳ ପ୍ରକାର ଲୌହଦ୍ରବ୍ୟ ନିର୍ମାଣ କରିବାର ସୁବିଧା ଅଛି ଏବଂ ଯେ କେହି ଲାଭ ମାନସରେ ଏ ବ୍ୟବସାୟରେ ଲିପ୍ତ ହେବ ତାହାର ମାନସ ସଫଳ ହେବ । ଗବର୍ଣ୍ଣମେଣ୍ଟ ସ୍ୱୟଂ ଏ କାର୍ଯ୍ୟ କରି ପାରନ୍ତି ମାତ୍ର ତାହା ନାନା କାରଣରୁ ଉଚିତ ହେବା ଆବଶ୍ୟକ ନୁହଇ । ଲୋକମାନେ ବ୍ୟବସାୟ କଲେ ସେମାନଙ୍କର ଲାଭ ହୋଇ ଦେଶର କଲ୍ୟାଣ ହେବ ଅଥଚ ଗବର୍ଣ୍ଣମେଣ୍ଟ ଆପଣା ପ୍ରୟୋଜନୀୟ ଲୌହକାର୍ଯ୍ୟ ସୁଲଭ ମୂଲ୍ୟରେ ପାଇ ପାରିବେ ।

କଲିକତା ନିକଟରେ ଏକ କମ୍ପାନି ସ୍ଥାପିତ ହୋଇ ଲୁହାର କାରଖାନା ଗୋଟିଏ ଫିଟାଇ ଥିଲେ ମାତ୍ର କେତେ କାରଣରୁ ଅଳ୍ପଦିନରେ ଉକ୍ତ କମ୍ପାନି ଦେବାଳିଆରେ ପଡ଼ି ଗଲେ ଆଉ ତାହାଙ୍କର ବ୍ୟବସାୟ ଲାଭକରରୂପେ ଚାଲିଲା ନାହିଁ । ଗବର୍ଣ୍ଣମେଣ୍ଟ ଏପ୍ରକାର ହିତକର ବ୍ୟବସାୟ କମ୍ପାନିଦ୍ୱାରା ହୋଇ ନ ପାରିବାର ଦେଖି ଉକ୍ତ ବ୍ୟବସାୟକୁ ଉନ୍ନତ କରିବା ଉଦ୍ଦେଶରେ କମ୍ପାନିଠାରୁ ଉକ୍ତ କାରଖାନାକୁ ୪ ଲକ୍ଷ ୬୦ ହଜାର ଟଙ୍କାରେ କିଣି ନେଲେ ଏବଂ ବ୍ୟବସାୟ ଉନ୍ନତି ଉଦ୍ଦେଶରେ କେତେକ ଅନୁସନ୍ଧାନ ପୂର୍ବକ ଉପରଲିଖିତ ବିଷୟମାନ ସ୍ଥିର କଲେ ବର୍ତ୍ତମାନ ସେହି କାରଖାନାକୁ ଅନ୍ୟ କେହି ବ୍ୟକ୍ତି ବା କମ୍ପାନିକୁ ସେହି ମୂଲ୍ୟରେ ବିକ୍ରୟ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି ଏବଂ ଯେଉଁମାନେ ଲୁହାର ବ୍ୟବସାୟ କରିବା କାରଣ କାରଖାନା ସ୍ଥାପନ କରିବାକୁ ଇଚ୍ଛା କରିବେ ସେମାନଙ୍କୁ ସାଧ୍ୟମତ ସକଳ ପ୍ରକାର ସାହାଯ୍ୟ ଦେବାକୁ ଇଚ୍ଛୁକ ଅଛନ୍ତି । ସାଧାରଣଙ୍କ ଜାଣିବା କାରଣ ଗବର୍ଣ୍ଣମେଣ୍ଟ ଅନୁସନ୍ଧାନ ପୂର୍ବକ ଯେତେ କଥା ଜାଣି ପାରିଅଛନ୍ତି ତାହା ଗେଜେଟରେ ପ୍ରକାଶ କରି ଦେଇଅଛନ୍ତି । ଇଣ୍ଡିଆ ଗବର୍ଣ୍ଣମେଣ୍ଟ କହୁଅଛନ୍ତି କି ଆଗାମୀ ଦଶ ବର୍ଷରେ ଯେତେ ଓଜନର ଲୁହାର କାର୍ଯ୍ୟ ସରକାରଙ୍କର ରେଲବାଟ ଏବଂ ଅନ୍ୟାନ୍ୟ ବିଭାଗରେ ଖର୍ଚ୍ଚ ହେବ ସେ ସମସ୍ତ ନିରୂପିତ ମୂଲ୍ୟରେ କ୍ରୟ କରିବା କାରଣ ସ୍ୱୀକାରପତ୍ର ଲେଖି ଦେବେ ଏବଂ ଏଥି ଉପରେ ଅପର ଲୋକମାନେ ଅନେକ ଦ୍ରବ୍ୟ କ୍ରୟ କରି ପାରନ୍ତି । ଗବର୍ଣ୍ଣମେଣ୍ଟ ଆଶା ପ୍ରକାଶ କରିଅଛନ୍ତି କି ଯେ ମନୋଯୋଗ ସହିତ ଏହି ବ୍ୟବସାୟ ଉନ୍ନତି ପକ୍ଷରେ ଅବଶ୍ୟ ଅନୁସନ୍ଧାନରେ ନିଯୁକ୍ତ ଅଛନ୍ତି ଯେତେବେଳେ ଯାହା ଜଣା ପଡ଼ିବ ତାହା ଗେଜେଟଦ୍ୱାରା ସମସ୍ତଙ୍କୁ ଜଣାଇ ଦିଆ ଯିବ । ଯେଉଁମାନେ ଏ ବ୍ୟବସାୟପ୍ରତି ମନ ବଳାଇବେ ସେମାନେ ସେ ସମସ୍ତ କଥା ଜାଣି ପାରି ଏ ବ୍ୟବସାୟ କଲେ ତହିଁର ବିଷୟ ଜାଣିଲେ

Digitized by srujanika@gmail.com

Split by PDF Splitter



ହେବ ତାହା ଅନାୟାସରେ ହୃଦୟଙ୍ଗମ କରି ପାରିବେ ।

ମହାମତି ଲର୍ଡ ରିପନ ଭାରତବର୍ଷର ପ୍ରକୃତ ବନ୍ଧୁ ଅଟନ୍ତି । ଯେ ଉପାୟରେ ଭାରତବର୍ଷରେ ନାନା ବାଣିଜ୍ୟ ଓ ବ୍ୟବସାୟ ସୃଷ୍ଟି ଓ ପରିବର୍ଦ୍ଧିତ ହେବ ସେଥି ପକ୍ଷରେ ସେ ନିୟତ ଚିନ୍ତିତ ଅଛନ୍ତି । ତାହାଙ୍କ ଶାସନ ଆରମ୍ଭରୁ ସେ କୃଷି ବାଣିଜ୍ୟ ସମ୍ବନ୍ଧରେ ଅନେକ ଉପାୟ ବାହାର କରିଅଛନ୍ତି ମାତ୍ର ଲୌହର କାରବାର ଏ ଦେଶରେ ସ୍ଥାପନ କରିବା ଆମ୍ଭମାନଙ୍କ ବିବେଚନାରେ ସର୍ବାପେକ୍ଷା ମହତ ଅଟଇ ଏବଂ ଏହି ଏକ ବ୍ୟବସାୟରେ ଭାରତବର୍ଷର ବହୁତ ଲାଭର କଥା ଅଛି । ଏ ବ୍ୟବସାୟ ଭାରିପଣିର କାର୍ଯ୍ୟ ଅଟଇ ଅଳ୍ପ ଟଙ୍କାରେ ଚଳିବାର ନୁହଇ କିନ୍ତୁ ଧନୀ ଲୋକମାନେ ପ୍ରଥମରେ ଯୋଗ ନ ଦେଲେ କେବଳ କଳିକତା କମ୍ପା ବମ୍ବେଇରେ ଏ ବ୍ୟବସାୟ ନିମନ୍ତେ ଲୋଡ଼ା ହେବା ଟଙ୍କା ଉଠି ନ ପାରେ କିନ୍ତୁ ଏକଥର ବ୍ୟବସାୟର ଚଳଣା ହୋଇ ପାରିଲେ ଏ ଦେଶୀୟମାନେ ଯେ ସେ ପ୍ରକାର କାର୍ଯ୍ୟପ୍ରତି ମନୋଯୋଗୀ ହେବେ ଏପରି ଆଶା କରିବା ଅଯୁକ୍ତ ନୁହଇ । ଓଡ଼ିଶା ଗଡ଼ଜାତମାନଙ୍କରେ ଲୁହାର ଖଣି କେତେ ସ୍ଥାନରେ ଅଛି ଏବଂ ବର୍ତ୍ତମାନ ସୁଦ୍ଧା ଅନୁଗୁଳ ଓ ଢେଙ୍କାନାଳରେ କେତେ ଲୋକ ଲୁହା ବାହାର କରୁଅଛନ୍ତି । ମାତ୍ର ଲୁହା ପ୍ରସ୍ତୁତ କରିବା ସହଜ କାର୍ଯ୍ୟ ନୁହଇ ତହିଁପାଇଁ ବହୁତ ଧନ ଓ ଶିକ୍ଷାର ଆବଶ୍ୟକ । ଯେତେବେଳେ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନରେ ଦୁଇ ଗୋଟି ବଡ଼୨ ଲୁହାର କାରଖାନା ଫିଟିବ ଏବଂ କିଛିକାଳ ତହିଁର କାର୍ଯ୍ୟ ଦେଖି ଲୋକଙ୍କ ଜ୍ଞାନ ବୃଦ୍ଧି ହେବ ସେତେବେଳେ ଓଡ଼ିଶା ଗଡ଼ଜାତରେ ମଧ୍ୟ ଲୁହାର କାରଖାନା ଫିଟି ପାରେ । ଅମ୍ଭମାନଙ୍କର ଉନ୍ନତିର ଅନେକ ଉପାୟ ଆମ୍ଭମାନଙ୍କ ହାତ ପାଖରେ ରହି ଅଛି କେବଳ ଅମ୍ଭମାନଙ୍କ ଅଯୋଗ୍ୟତା ହେତୁରୁ ଆମ୍ଭେମାନେ ସେ ସମସ୍ତ ଅବଲମ୍ବନ କରି ନ ପାରି ଦୁଃଖଭୋଗ କରୁ ଅଛୁଁ । ମହାମତି ଲର୍ଡ ରିପନ ଉଚିତ ସମୟରେ ଆମ୍ଭମାନଙ୍କ ପଥପ୍ରଦର୍ଶକ ହୋଇ ଅଛନ୍ତି ଏଥିର ଆମ୍ଭମାନଙ୍କର କର୍ତ୍ତବ୍ୟ ଯେ ତାହାଙ୍କୁ ଶତ୨ ଧନ୍ୟବାଦ ଦେଇ ତାହାଙ୍କ ପ୍ରଦର୍ଶିତ ପଥରେ ଅଗ୍ରସର ହେବାକୁ କୃତସଙ୍କଳ୍ପ ହେଉଁ ।

---

## ଓଡ଼ିଶା ଗଡ଼ଜାତର ଅବସ୍ଥା ।

ସନ ୧୮୮୧।୮୨ ସାଲ ବାବତ ଓଡ଼ିଶା ଗଡ଼ଜାତ ମାହାଲର ବାର୍ଷିକ ବିଜ୍ଞାପନୀ ସମ୍ପର୍କରେ ବଙ୍ଗ ପ୍ରଦେଶର ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କର ନିବରଣ କଳିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଏହାକୁ ପାଠ କଲେ ଗଡ଼ଜାତର ଅବସ୍ଥା ସମ୍ବନ୍ଧରେ ଅନେକ କଥା ଜଣାଯାଏ କିନ୍ତୁ ସ୍ଥାନାଭାବରୁ ଆମ୍ଭେମାନେ ଏଥି ଲିଖିତ ସକଳ ବିଷୟ ପ୍ରକାଶ ନ କରି କେବଳ ପ୍ରଧାନ କଥାମାନ ଉଦ୍ଧୃତ କଲୁଁ ।

ଓଡ଼ିଶା ଗଡ଼ଜାତ ମଧ୍ୟରେ ଗୋ ୨୦ ଟି ମାହାଲ ଥିଲା ଏଥି ମଧ୍ୟରୁ ବାଙ୍କି ସମ୍ପ୍ରତି ବାହାର ଯାଇଅଛି । ଅବଶିଷ୍ଟ ମହାଲ ମଧ୍ୟରୁ ଗୋ ୧୫ ଟା ସ୍ୱରାଜାଙ୍କ ଅଧୀନରେ ଦୁଇଗୋଟା ଗବର୍ଣ୍ଣମେଣ୍ଟଙ୍କର ଖାସ ଏବଂ ଦୁଇଗୋଟା କୋର୍ଟଅଫ୍‌ଓ୍ୱାର୍ଡସ ଅଧୀନରେ ରହିଅଛି । ଏ ସମସ୍ତ ମାହାଲର ମୋଟ ସରକାରୀ ରାଜସ୍ୱ ଟ୩୩୨୪୫ଙ୍କା ବିଜ୍ଞାପନୀ ବର୍ଷ ମଧ୍ୟରେ ସମସ୍ତ ରାଜସ୍ୱ ଆଦାୟ ହୋଇ ଆଗଭୁରା ଦଶହଜାର ଟଙ୍କା ଦାଖଲ ହୋଇଥିଲା । ଏଥିରୁ ସମସ୍ତ ରାଜ୍ୟର ସଚ୍ଛଳ ଅବସ୍ଥା ଦେଖାଯାଏ ଏବଂ ଏହା ସନ୍ତୋଷଜନକ ଅଟଇ ।

ବିଜ୍ଞାପନୀ ବର୍ଷରେ ସମସ୍ତ ପ୍ରକାର ମୋକଦମାର ସଂଖ୍ୟା ଅଧିକତର ବୃଦ୍ଧି ହୋଇଅଛି । ଦେବାନୀ ଓ ଖଜଣା ମୋକଦମା ପୂର୍ବବର୍ଷ ପ୍ରାୟ [illegible]ହଜାର ଥିଲା ଏବର୍ଷ ୬୩୬୭ ହୋଇଅଛି ଏବଂ ଫଉଜଦାରୀ ମୋକଦମା ପୂର୍ବବର୍ଷ ୧୧୯୯ ଥିଲା ଏବର୍ଷ ୨୧୬୫ ହୋଇଅଛି । ମୋଗଲବନ୍ଦୀରେ ମୋକଦମାମାନ ଊଣା ପଡ଼ିବା ସ୍ଥଳେ ଗଡ଼ଜାତରେ ଏତେ ବୃଦ୍ଧି ହେବା ଅବଶ୍ୟ ଚମତ୍କାର ବୋଧ ହେଉଅଛି ମାତ୍ର ଗବର୍ଣ୍ଣମେଣ୍ଟ ସିଦ୍ଧାନ୍ତ କରିଅଛନ୍ତି କି ସୁଶାସନ ଓ ସୁପ୍ରଣାଳୀ ହେତୁ ଲୋକଙ୍କର ଧନ ଓ ଅବସର ହେବାରୁ ମାମଲା କରିବାରେ ପ୍ରବୃତ୍ତ ହେଉଅଛନ୍ତି ବିଶେଷତଃ ଖୁନ ଇତ୍ୟାଦି ଗୁରୁତର ଅପରାଧ ଊଣା ପଡ଼ିବା ସ୍ଥଳେ ଅନ୍ୟାୟ ବଳପ୍ରକାଶ ସମ୍ପର୍କୀୟ ମୋକଦମାର ଅଧିକ ବୃଦ୍ଧି ଏହି ମତକୁ ସମର୍ଥକରୂପେ ସମର୍ଥ କରୁଅଛି । ବାସ୍ତବରେ ମୋଗଲବନ୍ଦିଆମାନେ ମାମଲା କରି ଥକି ଗଲେଣି ଓ ମାମଲା ଝଗଡ଼ା ତାହାଙ୍କ ବୃତ୍ତି ବଣା କରିଦେଲଣି ଗଡ଼ଜାତିଆମାନେ ପୂର୍ବ ଚଳର ଅଭ୍ୟାସରୁ [illegible] ପାଇ ଏଣିକି ନୂଆ ମନ୍ତ୍ର ଶିଖୁଅଛନ୍ତି ସୁତରାଂ ମାମଲା ବିଷୟ ତାହାଙ୍କୁ ଅଧିକ ବ୍ୟସ୍ତ କରିବ ଏଥିରେ ସନ୍ଦେହ କି ? ଫଳତଃ ଏ ଘଟଣାକୁ ଆମ୍ଭେମାନେ ଆଶାପ୍ରଦ ବିବେଚନା କରୁଁ କେବଳ ଏତିକି ଦୁଃଖର ବିଷୟ ଯେ ଫଉଜଦାରୀ ଅଦାଲତର ବିଚାରାଧୀନରେ ୨୫୮୬ ଜଣ ଆସିଥିବା ପ୍ରତ୍ୟେକ୍ଷେ ତହିଁ ମଧ୍ୟରୁ ୧୪୪୬ ନିର୍ଦ୍ଦୋଷୀ ବୋଲି ଖଲାସ ପାଇଲେ ବିଶେଷତଃ ଢେଙ୍କାନାଳରେ ୨୦୬ ଜଣ ଖଲାସ ପାଇଥିବା ସ୍ଥଳେ କେବଳ ୨୯୧ ଜଣ ଦଣ୍ଡ ପାଇଥିଲେ । ଏଥିର ଫଳ କେବଳ ମିଛ ମାମଲା ବୃଦ୍ଧିର ପରିଚୟ ଦେଉଅଛି ଏବଂ ଏହି ସମୟଠାରୁ ତହିଁର ପ୍ରତୀକାର କରିବା ଉଚିତ । ଗବର୍ଣ୍ଣମେଣ୍ଟ କମ୍ପା ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏ ବିଷୟରେ କିଛି ଉପଦେଶ ଦେଇ ଥାଆନ୍ତେ । ଅପୀଲର ଫଳ ବାବୁ ନନ୍ଦକିଶୋର ଦାସ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ପକ୍ଷରେ ବଡ଼ ପ୍ରଶଂସନୀୟ ଅଛି । ତାହାଙ୍କ ଆଜ୍ଞା ବିରୁଦ୍ଧରେ ହୋଇଥିବା ଅପୀଲ ମଧ୍ୟରୁ ଗୋ ୨୪ ଟା ବିଚାରିତ ହୋଇଥିଲା ଏବଂ ସମସ୍ତରେ ରାୟ ବାହାଲ ହୋଇଅଛି ।

ଗଡ଼ଜାତ ମୋକଦମା ସମ୍ପର୍କରେ ଗୋଟିଏ ଜଟିଳ ବିଷୟ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନରେ ଅଛି । ଏକ ମୋକଦମାରେ ହାଇକୋର୍ଟ ଓଡ଼ିଶା ଗଡ଼ଜାତକୁ ବ୍ରିଟିସ ଭାରତବର୍ଷର ଏକଅଂଶ ବୋଲି ସ୍ଥିର କଲେ ମାତ୍ର ହାଇକୋର୍ଟର ପୂର୍ଣ୍ଣ ଅଧିବେଶନରେ ଉକ୍ତ ନିଷ୍ପତ୍ତି ରହିତ ହୋଇ ଗଡ଼ଜାତମାନ ବ୍ରିଟିସ ଭାରତବର୍ଷ ଅନ୍ତର୍ଗତ ନ ଥିବାର ଧାର୍ଯ୍ୟ ହେଲା । ଏଥିକୁ ସୁପରିଣ୍ଟେଣ୍ଡେଣ୍ଟ ସାହେବ ହାଇକୋର୍ଟର ପୂର୍ବମତକୁ ଯୁକ୍ତିଯୁକ୍ତ ଜ୍ଞାନ କରି ଶାସନ ବିଭାଗରେ ଏଥିର [illegible] ସ୍ୱତନ୍ତ୍ର ଆଇନର ପ୍ରାର୍ଥନା କରିଅଛନ୍ତି ଏବଂ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଏ ସମ୍ପର୍କରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ପତ୍ର ଲେଖିବେ ବୋଲି କହିଅଛନ୍ତି । ଅମ୍ଭମାନଙ୍କ ବିବେଚନାରେ ସ୍ୱତନ୍ତ୍ର ଆଇନଦ୍ୱାରା ଏ କଥା ନିଶ୍ଚିତରୂପେ ମୀମାଂସା କରିବାର ଉଚିତ ।

ଜଙ୍ଗଲ ବିଭାଗଙ୍କ ସଂ[illegible]ଶ ବିଷୟରେ ଗବର୍ଣ୍ଣମେଣ୍ଟ ଯେଉଁ ନିୟମମାନ ଜାରି କରିଅଛନ୍ତି ମୟୂରଭଞ୍ଜ ଏବଂ କେଉଁଝରର ମହାରାଜାମାନେ ତହିଁର ପ୍ରତିବାଦ କରିବାରୁ ସେ ବିଷୟ ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନରେ ଅଛି । ଗଡ଼ଜାତମାହାଲମାନ କି ପରିମାଣରେ ଆଇନର ଅନ୍ତର୍ଗତ ଏହା ସ୍ଥିର ହେବା ପର୍ଯ୍ୟନ୍ତ ଏ

Digitized by srujanika@gmail.com

Split by PDF Splitter



ବିଷୟର ମୀମାଂସା ହୋଇ ନ ପାରେ ଏବଂ ମାନ୍ୟବର ଛୋଟଲାଟ ସାହେବ କହି ଛନ୍ତି ସେପର୍ଯ୍ୟନ୍ତ ଉକ୍ତ ନିୟମାବଳୀ ସମ୍ପର୍କରେ କିଛି ଆଦେଶ ହୋଇ ନ ପାରେ । ଆମ୍ଭମାନଙ୍କ ବିବେଚନାରେ ଏ ଅ... ଦଶ ... ହେଲା ନାହିଁ । ଯେତେବେଳେ ... ହେବ ହେଲା ତାହା ... ହେବା ପର୍ଯ୍ୟନ୍ତ ନିୟମାବଳୀ ସ୍ଥଗିତ ରଖିବାର ଉଚିତ ।

ମୂଲ୍ୟବାନ ବୃକ୍ଷ ସଂରକ୍ଷଣର ନିୟମ ଅନୁଗୁଳରେ ପ୍ରଚଳିତ ହୋଇ ଅଛି ମାତ୍ର ରାଜାମାନଙ୍କ ଅଧୀନ ରାଜ୍ୟ ସମ୍ପର୍କରେ ସେପରି ନିୟମ କିଛି ହୋଇ ନ ପାରେ ଏବଂ ରାଜାମାନେ ଯେତେ ଦୂର ଅବଶ୍ୟ ବୋଲି ନାହାନ୍ତି ଯେ ବୃକ୍ଷ ସଂରକ୍ଷଣ ନିୟମମାନ ସ୍ୱ ରାଜ୍ୟରେ ଆପଣା ଇଚ୍ଛାରେ ପ୍ରଚଳିତ କରିବେ । ଯେବେ ଟ୍ରିବ୍ୟୁଟାରିସ ଅଧୀନରେ ଥିବା ମୟୂରଭଞ୍ଜ ଢେଙ୍କାନାଳ ଏବଂ କେଉଁଝରରେ ଏଥିର ଚେଷ୍ଟା କରିବା ଉଚିତ ବୋଲି ଗବର୍ଣ୍ଣମେଣ୍ଟ କହି ଅଛନ୍ତି

ବକ୍ଷପଣ ବର୍ଷରେ ଗୋଟିଏ ନୂତନ ସଡ଼କ ନିର୍ମାଣ ହୋଇ ନାହିଁ କେବଳ ପୂର୍ବରୁ ରହିଥିବା ସଡ଼କମାନଙ୍କ ମରାମତି କାର୍ଯ୍ୟ ଉତ୍ତମ ରୂପେ ହୋଇଅଛି । ସମ୍ବଲପୁରଠାରୁ କଟକ ଓ ପୁରୀକୁ ରେଲବାଟ ନିର୍ମାଣ ହେବା ପ୍ରସ୍ତାବ ସମ୍ପର୍କରେ ବାଣିଜ୍ୟର ଉନ୍ନତି ସୂଚିତ ହୋଇ ଅଛି ଏବଂ କଟକଠାରୁ ପୁରୀକୁ କେନେଲବାଟ ଫିଟାଇବାର ସମ୍ଭବ ଅନୁସନ୍ଧାନ ଚାଲିଅଛି । ଏ ବାଟରେ ଅନେକ ପଥିକ ହେବେ ମାତ୍ର ବାଣିଜ୍ୟ ଚାଲିବାର ଅଭାବ ଅଛି । ଗଡ଼ଜାତରେ ସଡ଼କର ଅଭାବ ଅତ୍ୟନ୍ତ ଦୁଃଖଜନକ ଅଟଇ । ସଡ଼କ ସଂଖ୍ୟା ବର୍ଷକୁବର୍ଷ ବୃଦ୍ଧି କରିବା ବିଷୟରେ ଗବର୍ଣ୍ଣମେଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଏବଂ ରାଜାମାନଙ୍କୁ ଉତ୍ତେଜିତ କରିଥିଲେ ଭଲ ହୋଇ ଆନ୍ତା । ସୁପରିଣ୍ଟେଣ୍ଡେଣ୍ଟଙ୍କର ସେଥିପକ୍ଷରେ ଆଦୌ ମନୋଯୋଗ ନାହିଁ ।

ସମସ୍ତ ଗଡ଼ଜାତରେ ୯୯୬ ବିଦ୍ୟାଳୟ ଅଛି ତହିଁ ମଧ୍ୟରେ ୧୬ ଟା ସରକାରୀ ଏବଂ ୧୯୬ ଟା ସରକାରରୁ ସାହାଯ୍ୟ ପାଏ । ଅବଶିଷ୍ଟ ୭୮୪ ବିଦ୍ୟାଳୟ ସରକାରଙ୍କର ବିନା ସାହାଯ୍ୟରେ ରହି ଅଛି । ଏ ସମସ୍ତ ବିଦ୍ୟାଳୟର ଛାତ୍ର ସଂଖ୍ୟା ୧୩୦୨୯ ଏଥି ପୂର୍ବବର୍ଷ ଛାତ୍ର ସଂଖ୍ୟା କେବଳ ୭୬୧୯ ଥିଲା । ଯାହା ହେଉ ସୁଖର ବିଷୟ ଏହି କି ଗଡ଼ଜାତ ରାଜାଙ୍କର ଶିକ୍ଷାଦାନ ବିଷୟରେ କ୍ରମଶଃ ଯତ୍ନ ବଢ଼ୁଅଛି ଏବଂ ଏ ବିଷୟରେ କେଉଁଝରର ରାଜାଙ୍କର ଅଧିକ ପ୍ରଶଂସା ହୋଇଅଛି ମୟୂରଭଞ୍ଜର ବିଗତ ମହାରାଜା ଶିକ୍ଷାଦାନରେ ବଡ଼ ଉତ୍ସାହୀ ଥିଲେ ଓ ତାହାଙ୍କର ଅକାଳମୃତ୍ୟୁରେ ଶିକ୍ଷାର ହାନି ହେବାରୁ ଲେପ୍ଟନାଣ୍ଟ ଗବର୍ଣ୍ଣର ବଡ଼ ଦୁଃଖିତ ଅଛନ୍ତି ।

ଡାକଘର କାର୍ଯ୍ୟ ଉତ୍ତମରୂପେ ଚାଲୁଅଛି । ପ୍ରଥମେ ରାଜାମାନେ ସମସ୍ତ ବ୍ୟୟ ଯୋଗାଉଥିଲେ କିନ୍ତୁ ଡାକ ମହକୁମା ହରକରାଙ୍କ ବେତନ ଦେଇ କେବଳ ଡାକଘର କର୍ମଚାରୀଙ୍କ ବେତନ ଓ ବାକି ଖର୍ଚ୍ଚ ରାଜାଙ୍କଠାରୁ ନିଆଯାଉଅଛି ଏବଂ ଡାକ ଏଲକାରୁ ଯାହା ଆୟ ହେଉଅଛି ତାହାଙ୍କ ହିସାବରେ ଜମା ଦିଆଯାଉଅଛି । ଏପରି ହେବାରେ ରାଜାଙ୍କର ମାସିକ ଖର୍ଚ୍ଚ ଟ ୨୫୦୯ ଙ୍କା ଠାରୁ ଟ ୧୬୯ ପର୍ଯ୍ୟନ୍ତ ଊଣା ହୋଇଅଛି ଏବଂ ଡାକଘରମାନଙ୍କର କ୍ରମଶଃ ଆୟ ବୃଦ୍ଧି ହେଲେ ଶେଷରେ ରାଜାମାନଙ୍କର କିଛି ଖର୍ଚ୍ଚ ଦେବାକୁ ହେବ ନାହିଁ । ଏ ବନ୍ଦୋବସ୍ତ ଅବଶ୍ୟ ପୂର୍ବଠାରୁ ଭଲ ହୋଇଅଛି ମାତ୍ର ଆମ୍ଭମାନଙ୍କ ମତରେ ଡାକଘର ଖର୍ଚ୍ଚ ଆଦୌ ରାଜାଙ୍କଠାରୁ ନେବାର ନ ଥିଲା ।

ଗଡ଼ଜାତରେ ସଭ୍ୟତା ବୃଦ୍ଧିର ଏହି ଉଦାହରଣ ପ୍ରଦର୍ଶିତ ହୋଇଅଛି କି ବଡ଼ମ୍ବାର ପ୍ରଜାମାନେ ଆପଣା ଜମିର ଜରିପ ଓ ବନ୍ଦୋବସ୍ତ ପ୍ରାର୍ଥନା କରି ଅଛନ୍ତି । ସମସ୍ତ ଗଡ଼ଜାତ ପ୍ରଜାଙ୍କର ବର୍ତ୍ତମାନ ଏହି ପ୍ରାର୍ଥନା ଓ ଯେଉଁ ଗଡ଼ଜାତରେ ଏହା ହୋଇ ନାହିଁ ସେହିଠାରେ ପ୍ରଜାଙ୍କର ଗୁହାରି ଅଧିକ ଶୁଣାଯାଏ ।

ବୌଦ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ବଡ଼ ଅସନ୍ତୁଷ୍ଟ ହୋଇ ଅଛନ୍ତି ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏଠା ରାଜାଙ୍କୁ ଯେ ସମସ୍ତ ଉପଦେଶ ଦେଇ ଥିଲେ ତାହା ସେ କିଛି ପ୍ରତିପାଳନ କରି ନାହାନ୍ତି ଛୋଟଲାଟ ସାହେବ ଆଶା କରନ୍ତି କି ରାଜା ଜଣେ ଉପଯୁକ୍ତ ଦେବାନ ନିଯୁକ୍ତ କରି ସୁପରିଣ୍ଟେଣ୍ଡେଣ୍ଟଙ୍କ ଆଦେଶ ମତେ କର୍ମ କରିବେ । ଦଶପଲ୍ଲା ପ୍ରତି ମଧ୍ୟ ଛୋଟଲାଟ ସାହେବ ଅସନ୍ତୁଷ୍ଟ ହୋଇ ଅଛନ୍ତି ଏବଂ କି ଉପାୟରେ ଏଠା ଶାସନକାର୍ଯ୍ୟ ଭଲ ହେବ ତହିଁର ବ୍ୟବସ୍ଥା ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କଠାରେ ମାଗି ଅଛନ୍ତି ।

ଢେଙ୍କାନାଳର ନାବାଳଗ ରାଜାଙ୍କ ସମ୍ପର୍କରେ ଛୋଟଲାଟ ସାହେବ କହି ଅଛନ୍ତି କି ତାହାଙ୍କ ପିତା ଜଣେ ଉନ୍ନତ ପ୍ରକୃତିର ଲୋକ ଥିଲେ ଏବଂ ନାବାଳଗଙ୍କୁ ଏମନ୍ତ ଶିକ୍ଷା ଦେବାର ଉଚିତ କି ଯଦ୍ୱାରା ସେ ଆପଣା ପିତାଙ୍କ ସୁନାମପ୍ରଦ ଶାସନ କାର୍ଯ୍ୟ ରକ୍ଷା କରିବାକୁ ସମର୍ଥ ହେବେ ଏ ରାଜ୍ୟର ଆୟ ଟ ୭୪୫୭୦ ଙ୍କା ଠାରୁ ଟ ୧୧୬୯୮୩ ଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି ଏବଂ ମହାରାଜାଙ୍କ ସ୍ଥାପିତ ଚିକିତ୍ସାଳୟରେ ଏ ବର୍ଷ ଟ ୩୮୯୬ ଙ୍କା ବ୍ୟୟ ହୋଇଅଛି । ଏଥିରୁ ୯୧୦୬ ଜଣ ବାହାର ରୋଗୀ ଏବଂ ୧୮୧ ଜଣ ହାସପାତାଲରେ ରହିବା ରୋଗୀ ସାହାଯ୍ୟ ପାଇ ଥିଲେ । ସୁପରିଣ୍ଟେଣ୍ଡେଣ୍ଟ ସାହେବ ଲେଖିଅଛନ୍ତି କି ଓଡ଼ିଶାରେ ଏ ଗୋଟିଏ ଉତ୍କୃଷ୍ଟ ଚିକିତ୍ସାଳୟ ଅଟଇ ।

କେଉଁଝରର ମହାରାଜା ଏବଂ ପ୍ରଜାଙ୍କ ମଧ୍ୟରେ ଉତ୍ତମ ମେଳ ରହିଥିବା ଏବଂ ମହାରାଜା ଶାସନ କାର୍ଯ୍ୟମାନ ଯୋଗ୍ୟତା ସହିତ ନିର୍ବାହ କରୁଥିବାରୁ ଛୋଟଲାଟ ସାହେବ ବଡ଼ ଆନନ୍ଦିତ ହୋଇ ଯଥୋଚିତ ପ୍ରଶଂସା କରିଅଛନ୍ତି ।

ମୟୂରଭଞ୍ଜ ବିଷୟରେ ଲେଖାଅଛି କି ମହାରାଜା ଜୀବିତ ଥିବା କାଳରେ ଆପଣା ସାହାଯ୍ୟ ନିମିତ୍ତ ମାସକୁ ଟ ୧୨୫୦ ଙ୍କା ବେତନ ଦେଇ ବାବୁ ନନ୍ଦକିଶୋର ଦାସ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନେବାକୁ ପ୍ରାର୍ଥନା କରିଥିଲେ ମାତ୍ର ତାହା ମଞ୍ଜୁର ହେଲା ନାହିଁ ଏବଂ ମହାରାଜାଙ୍କ ସହିତ ପରାମର୍ଶ କରି ଆଉ ଜଣେ ଉପଯୁକ୍ତ ଲୋକ ନିଯୁକ୍ତ କରିବା କରିଣ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ପ୍ରତି ଆଦେଶ ଥିଲା । ଏଥିକୁ ମହାରାଜାଙ୍କର କାଳ ହେବାରୁ ଜଣେ ଉପଯୁକ୍ତ ଲୋକ ନିୟୋଗ କରିବାର ନିତାନ୍ତ ଆବଶ୍ୟକ ହୋଇଅଛି ଏବଂ କି ବନ୍ଦୋବସ୍ତରେ ଏ ରାଜ୍ୟର କାର୍ଯ୍ୟ ଚାଲିବ ଏ ବିଷୟର ରିପୋର୍ଟକୁ ଛୋଟଲାଟ ସାହେବ ଚାହିଁବସି ଅଛନ୍ତି ।

ପରିଶେଷରେ ଗଡ଼ଜାତ ଚଳାଇବାର କାର୍ଯ୍ୟମାନ ଅତ୍ୟନ୍ତ ସନ୍ତୁଷ୍ଟ ଏବଂ ପରିପାଟୀରୂପେ ତତ୍ତ୍ୱାବଧାରଣ କରୁଥିବାରୁ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ମାନ୍ୟବର ଲେପ୍ଟନାଣ୍ଟ ଗବର୍ଣ୍ଣର ଧନ୍ୟବାଦ ଦେଇ ଅଛନ୍ତି ।

---

ଏହି ଉତ୍କଳଦୀପିକା ପତ୍ର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

## ଓଡ଼ିଶାର ପୁଲିସ ଓ ବିଚାରାଳୟ ।

ସାଧାରଣ ଶାନ୍ତିରକ୍ଷା ଏବଂ ଅପରାଧିମାନଙ୍କୁ ଉପଯୁକ୍ତ ଅଦାଲତରେ ଉପସ୍ଥିତ କରିବା ପୁଲିସର କାର୍ଯ୍ୟ ଅଟଇ । ମାତ୍ର ଦୁର୍ଭାଗ୍ୟବଶତଃ ଅନେକ ପୁଲିସ କର୍ମଚାରୀ ଆପଣା କର୍ତ୍ତବ୍ୟ ବିସ୍ମୃତ ହୋଇ ନିର୍ଦ୍ଦୋଷିମାନଙ୍କୁ ଅଦାଲତରେ ଯନ୍ତ୍ରଣାଦି ଦଣ୍ଡ ଦିଅନ୍ତି ଏବଂ ଅନ୍ୟାନ୍ୟ ଅତ୍ୟାଚାରଦ୍ୱାରା ଆପଣା ଅଯଥା ଆଧିପତ୍ୟ ପ୍ରକାଶ କରନ୍ତି । ଏହିଯୋଗୁଁ ପୁଲିସର ଦୁର୍ନାମ ସର୍ବତ୍ର ଶୁଣାଯାଏ ଏବଂ ଆହୁରି ଦୁଃଖର ବିଷୟ ଏହି ଯେ ମାଜିଷ୍ଟ୍ରେଟମାନେ ପୁଲିସର କାର୍ଯ୍ୟପ୍ରତି ତୀକ୍ଷ୍ଣଦୃଷ୍ଟି ନ ରଖି ବରଂ ତଦ୍ଦ୍ୱାରା ଚାଳିତ ହୁଅନ୍ତି । ସୁତରାଂ ପୁଲିସର ଅତ୍ୟାଚାର ଊଣା ନ ହୋଇ ବୃଦ୍ଧି ଉପରେ ରହିଅଛି ଏବଂ ତଦ୍ଦ୍ୱାରା ନିର୍ଦ୍ଦୋଷୀ ପ୍ରଜାଙ୍କର କେତେ ସମ୍ପ୍ରତିରେ କେତେ କଷ୍ଟ ହେଉଅଛି ତାହା ସମ୍ବାଦପତ୍ରର ପାଠକମାନଙ୍କୁ ଅବିଦିତ ନାହିଁ । ଏହି କେତେମାସ ମଧ୍ୟରେ ବାଲେଶ୍ୱରପୁଲିସ ତିନିଚାରିଜଣ ଆସାମୀଙ୍କୁ ପୁଲିସରେ ମିଥ୍ୟାସମ୍ବାଦ ଦେବା ଦୋଷରେ ଫଉଜଦାରୀରେ ଉପସ୍ଥିତ କରାଇଥିଲେ । ସେମାନେ ଜିଲ୍ଲାହାକିମଙ୍କଦ୍ୱାରା ଦଣ୍ଡିତ ହୋଇଥିଲେ ଅପିଲରେ ହାଇକୋର୍ଟରୁ ସମସ୍ତେ ଖଲାସ ପାଇଲେ ଏକ ମକଦମାର ହାଇକୋର୍ଟ ନିଷ୍ପତ୍ତି ଆମ୍ଭେମାନେ ଅବିକଳ ଇଂରାଜୀଭାଷାରେ ସର୍ବସାଧାରଣଙ୍କ ଗୋଚରାର୍ଥେ ନିମ୍ନେ ପ୍ରକାଶ କଲୁଁ । ହାଇକୋର୍ଟର ମତ ଯେ ଆମ୍ଭମାନଙ୍କ ମନକୁ ଅତ୍ୟନ୍ତ ପ୍ରୀତ ଅଛି ଏ କଥା କହିବା ବାହୁଲ୍ୟ । ଆଜିକାଲି ପୁଲିସର ଦୌରାତ୍ମ୍ୟ ଯେମନ୍ତ ବୃଦ୍ଧି ହେଉଅଛି ତଦୃଷ୍ଟିରେ ଏହି ନିଷ୍ପତ୍ତି ନିମିତ୍ତ ଆମ୍ଭେମାନେ ହାଇକୋର୍ଟକୁ ଶତ ଶତ ଧନ୍ୟବାଦ ଦେଉଅଛୁଁ । ସର୍ବୋଚ୍ଚ ଅଦାଲତ ଯଥାର୍ଥ କହିଅଛନ୍ତି କି ମକଦମା ଚଳାଇବା ଏବଂ ସାକ୍ଷ ଦେବାରେ କଟକ (ଓଡ଼ିଶା) ପୁଲିସର ଅଯଥା ପ୍ରାଧାନ୍ୟ ଦେଖାଯାଏ ଏବଂ ହାକିମମାନେ ଅନ୍ୟାୟରୂପେ ପୁଲିସକୁ ଆପଣା ମତ ବ୍ୟକ୍ତ କରିବାକୁ ସୁଯୋଗ ଦିଅନ୍ତି । ଅନ୍ୟାନ୍ୟ ଦେଶଠାରୁ ଏ ଦେଶରେ ପୁଲିସ ଫରିଆଦୀ କମ୍ପାଖାଇର କଥାକୁ ଅଯଥାରୂପ ବଢ଼ାଇବାର ପେନଲେ ଲୋକମାନେ ତହିଁର ଭିନ୍ନ ଅର୍ଥ କରିବା ଏବଂ ତଦ୍ଦ୍ୱାରା ବିଚାରକାର୍ଯ୍ୟର ଗୌରବ କଳଙ୍କିତ ହେବାର ସମ୍ଭବ । ପୁଲିସର କାର୍ଯ୍ୟ ଏହି କି ପ୍ରମାଣ ସଂଗ୍ରହ କରିବେ ଏବଂ ଫଉଜଦାରୀ ଅଦାଲତର ବିଚାର ନିମିତ୍ତ ପ୍ରୟୋଜନୀୟ ବିଷୟମାନ ଉପସ୍ଥିତ କରିବେ । କୌଣସି ପୁଲିସ କର୍ମଚାରୀ ଯାହା ସ୍ୱୟଂ ଦେଖିଅଛି ଅଥବା ଅନୁସନ୍ଧାନଦ୍ୱାରା ଯାହାର ଜାଣିଅଛି କେବଳ ସେହି ବିଷୟର ସାକ୍ଷ ଦେବ ମାତ୍ର ସବୁ ପ୍ରଧାନ ସାକ୍ଷୀ କରିବା ଏବଂ ସେ ଯେତେ କଥା ଜାଣେ ଓ ଯାହା ବିବେଚନା କରେ ସେ ସମସ୍ତ ତାହାକୁ କହିବାକୁ ଦେବା ରୀତି ଯାହା କେତେକ ଜିଲ୍ଲାରେ ପ୍ରଚଳିତ ଅଛି ତାହା ନିତାନ୍ତ ଭ୍ରମାତ୍ମକ ।

ଆମ୍ଭେମାନେ ଆଶା କରୁଁ ଯେ ହାକିମମାନେ ହାଇକୋର୍ଟର ଏହି ବିଚାରକୁ ସର୍ବଦା ହୃଦୟଙ୍ଗମ କରି କାର୍ଯ୍ୟ କରିବେ । ସେମାନଙ୍କର ସ୍ମରଣ ରଖିବା ଉଚିତ ଯେ ଅନେକସ୍ଥଳରେ ପୁଲିସ କୌଣସି ଚୋରିଇତ୍ୟାଦି ମକଦମାରେ ଅପରାଧୀକୁ ଧରି ନ ପାରିଲେ ଆପଣା ଅଯୋଗ୍ୟତାକୁ ଘୋଡ଼ାଇବାକାରଣ ଫରିଆଦୀ ଉପରେ ଧା ୨୧୧ ରାର ଅଠା ଲଗାଇଦିଅନ୍ତି ଏବଂ ତଦ୍ଦ୍ୱାରା ଅଯଥା ଭୟ ଦେଖାଇ ପ୍ରକୃତ ଅପରାଧର ସମ୍ବାଦ ଦେବାପକ୍ଷରେ ଲୋକଙ୍କୁ ନିରୁତ୍ସାହିତ କରନ୍ତି । କେତେବେଳେ ପୁଲିସ ଆପଣା ଶତ୍ରୁଙ୍କ ଜବ୍ଦ କରିବାଲାଗି ମଧ୍ୟ ସେମାନଙ୍କୁ କୌଣସି ମକଦମାରେ ଗାନ୍ଧି ଦେବାର ଚିତ୍ର ନୁହଇ । ଫଳତଃ ଯେସ୍ଥଳେ ପୁଲିସ ହାତରେ ଭୟଙ୍କର ଅଧିକାର ରହିଅଛି ସେସ୍ଥଳେ ହାକିମମାନଙ୍କୁ ତାହାଙ୍କ କାର୍ଯ୍ୟ ଅତ୍ୟନ୍ତ ସାବଧାନତା ସହିତ ପର୍ଯ୍ୟବେକ୍ଷଣ କରିବା ଅତ୍ୟନ୍ତ ଆବଶ୍ୟକ ଏ ବିଷୟରେ ସନ୍ଦେହ ନାହିଁ ।

## HIGH COURT OF JUDICATURE AT FORT WILLIAM IN BENGAL

THE 5th OCTOBER 1882.

CRIMINAL JURISDICTION.

PRESENT

THE Honorable C. D. FIELD, &

THE Honorable J. F. NORRIS,

Two of the Judges of the Court.

MADHAB CHANDRA RATH, Appellant

*Versus*

THE EMPRESS, Respondent

The Appellant in this case has been convicted by the Sessions Judge of Cuttack, under the provisions of Section 211 of the Penal Code, of making a false charge, and has been sentenced to three years rigorous imprisonment. The charge which is alleged to have been false was a charge brought against a number of persons of having committed a dacoity in the prisoner's lodging in the village of Sahajit patna. This offence is said to have been committed at about 11 or 12 o'clock in the day time.

We think that on the whole of the evidence there can be no reasonable doubt that there was something of the nature of a tumultuous assemblage on the day alleged at the appellant's house. We think there can be no doubt that in preferring a charge of dacoity at the Thana against a large number of persons, the appellant grossly exaggerated the real facts of the occurrence. Such conduct is no doubt very reprehensible. Unfortunately it is a very common practice in this country to magnify and exaggerate a trifling offence in order to get persons against whom the complainant has a grudge into serious trouble and we think that in all probability something of this kind was attempted to be done on the present occasion. Nevertheless we think it impossible to say that the charge was made at the Thana by the appellant knowing that there was no just or lawful ground for that charge. There is to our minds a very important distinction between exaggerating a charge which has some foundation in fact and manufacturing a charge which is wholly and absolutely false. Having fully considered the whole of the circumstances, we think that the conviction of the prisoner under Section cannot be supported. We must therefore set aside the conviction and direct the release of the appellant.

We think, it right to say that in this case as in some other cases which have come before us from Cuttack, the Police are allowed undue prominence in the prosecution and conduct of cases and in appearing as witnesses. In the present case a number of Polic e Officers, who were not eye-witnesses

Digitized by srujanika@gmail.com

ତଦନ୍ତ ଅବଶ୍ୟକ ନ ହେଲେ ମୋକଦ୍ଦମାମାନ ମୁଲତବୀ ରହିବା ମର୍ମରେ ସବ୍ ଜଜମାନଙ୍କ ପ୍ରତି ବଙ୍ଗାଲ ଗବର୍ଣ୍ଣମେଣ୍ଟ ସରକୁଲର ଜାରି କରିଥିବାର ଡେଲିନ୍ୟୁସ ଲେଖି କହୁଅଛନ୍ତି ବଙ୍ଗ ଦେଶରେ ମଧ୍ୟ ଏହିପରି ଆଦେଶ ତାହାର ପ୍ରୟୋଜନୀୟ ଅଟଇ । ଅନ୍ୟ କାରଣ ନ ଥିଲେହେଁ କେବଳ ଭୟ ଦେବା କାରଣ ମୋକଦ୍ଦମା ମୁଲତବୀ ରହୁଥାଏ ଏବଂ ତଦ୍ଦ୍ୱାରା ହାଇକୋର୍ଟ ଏଥିରୁ ଗଡ଼ ନୁହନ୍ତି ।

ଇଣ୍ଡିଆ ଗଜେଟରେ ଏହି ନିର୍ଦ୍ଧାରଣ ହୋଇଅଛି ଯେ ଯାହାର ଏକ ନୋଟ ହଜିଗଲେ ସେ ତତ୍‌କ୍ଷଣାତ୍ ତହିଁର ସମ୍ବାଦ ପେପର କରେନ୍ସି ମେଜେଷ୍ଟ୍ରଙ୍କ ସମୀପରେ ନୋଟ ହଜିଗଲା ସମ୍ବନ୍ଧୀୟ ସମସ୍ତ ପ୍ରମାଣ ଅବଗତ କରି ନୋଟ ଉପସ୍ଥିତ କରାଇବ । ଉକ୍ତ ମେଜେଷ୍ଟ୍ର ତହିଁରେ ସନ୍ତୁଷ୍ଟ ହେଲେ ଦରଖାସ୍ତକାରୀର ଆବେଦନ କମ୍ପ୍ଟ୍ରୋଲର ଜେନେରଲ ସାହେବଙ୍କ ସମୀପକୁ ପଠାଇବେ ଏବଂ ସେ ତହିଁର ନିଷ୍ପତ୍ତି ନିୟମରେ ପ୍ରବୃତ୍ତ କଲାରୁ ଦୁଇବର୍ଷ ପରେ ମାଲିକ ବ୍ୟକ୍ତିକୁ ତାହାର ମୂଲ୍ୟ ଦିଆଯିବ ।

ପ୍ରଦର୍ଶନୀ ନାନାପ୍ରକାର ଦ୍ରବ୍ୟର ହୋଇଥାଏ । କୃତ୍ରିମ ଯଥା କୃଷିଜାତ, ଶିଳ୍ପଜାତ ଇତ୍ୟାଦି ଦ୍ରବ୍ୟର ପ୍ରଦର୍ଶନୀରେ ଲୋକମାନଙ୍କର ଯେରୂପ ନିପୁଣତା ଓ କାର୍ଯ୍ୟକାରିତାର ଉନ୍ନତି ହୁଏ ଅକୃତ୍ରିମ ଅର୍ଥାତ୍ ଈଶ୍ୱର ସୃଷ୍ଟ ସ୍ୱତଃଜାତ ଦ୍ରବ୍ୟର ପ୍ରଦର୍ଶନୀ ଏକା ଆମୋଦ ଓ କୌତୂହଳ ଚରିତାର୍ଥ ହୁଏ । ବୁଡାପେଷ୍ଟର ପ୍ରଦର୍ଶନୀରେ ଅଳ୍ପଦିନ ହେଲା ସ୍ତ୍ରୀ ଲୋକମାନଙ୍କର ପ୍ରଦର୍ଶନୀ ହୋଇଥିଲା । ନ ୧୫୦ ଣ ରୂପବତୀଙ୍କ ମଧ୍ୟରେ ହଙ୍ଗେରି ପ୍ରଦେଶୀୟ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିର କନ୍ୟା ସର୍ବୋତ୍ତମ ସୁନ୍ଦରୀ ବୋଲି ପରିଗଣିତା ହେଲେ । ଦ୍ୱିତୀୟ ନ ୧୦ ଣ ପୁରସ୍କାର ପାଇଥିଲେ ଏବଂ ସର୍ବୋତ୍କୃଷ୍ଟ ସୁନ୍ଦରୀ ବୋଲି ପୁରସ୍କାର ଏହାଙ୍କ ଭାଗ୍ୟରେ ପଡ଼ିଥିଲା । ଏହି ସୁନ୍ଦରୀର ଫଟୋଗ୍ରାଫ ସ୍ୱଦେଶର ଭାବଗତ ଜନସାଧାରଣଙ୍କ ସମ୍ବାଦପତ୍ରମାନଙ୍କରେ ଛପା ହେବାର ପ୍ରସ୍ତାବ ହୋଇଅଛି । ଏ ପ୍ରଦର୍ଶନୀ ଦେଖିବାକୁ ଏକା ବଡ଼ ମନୋହର ହୋଇଥିବ ।

---

## ପ୍ରେରିତପତ୍ର ।

---

ମହାଶୟ !

ଏହି କୋଠପଦା ଗ୍ରାମରେ ଜାତିବାରିକ ନାମରେ ଏକ ନାପିତ ଗୃହରେ ଏକ ବଳୁଆ ଅଜଗରୁ ପ୍ରାୟ ଅଢ଼େଇମାସ ହେବ ଏକଦିନ ସନ୍ଧ୍ୟାରେ ପଶି ତାହାର ଏକା ବାଛୁରୀ ଓ ତାହାର ଗୋଟିଏ ସପ୍ତବର୍ଷବୟସ୍କା ନାତୁଣୀ ଓ ନିଜେ ଜାତିବାରିକକୁ କାମୁଡି ପଳାଉଥିବା ବେଳେ ସେ ବଳୁଆକୁ ବାହାରବସ୍ତି ଲୋକେ ମାରି ପକାଇଥିଲେ । ତାହାର ଆଠ ଦଶଦିନ ପରେ ସେହି ବାଛୁରୀ ବଳୁଆ ପରି ହୁଁ ହୁଁ ଓ ମନୁଷ୍ୟଙ୍କୁ କାମୁଡି ଗୋଡାଇ ମରିଗଲା ପରେ ଏବେ ଅଜଗରୁ ଆଠଦିନ ହେବ ଜାତିବାରିକ ହାତ ଅଙ୍ଗୁଳି (ଅର୍ଥାତ୍) ତାହାର କାମୁଡା ସ୍ଥାନରୁ ହଠାତ୍ ଏକରକମ ବାତ ପ୍ରାୟ ବେକ ପର୍ଯ୍ୟନ୍ତ ଉଠି ସେ ମୂର୍ଚ୍ଛା ହେଲା ପରେ ସେ ମୂର୍ଚ୍ଛାରୁ ଉଠି ତିନି ଦିନ ପର୍ଯ୍ୟନ୍ତ ବଳୁଆ ପରି ହୁଁ ହୁଁ ଶବ୍ଦ କଲା ପରେ ପାଣି ଦେଖି ଏତେଦୂର ଭୟ କଲା ଯେ ସେ ଭୟରେ ଲୋକଙ୍କୁ ଆଘାତ କରିବାକୁ ଚେଷ୍ଟା କଲା, କିନ୍ତୁ ସେ ନିଜେ ହୁସିଆର ଥିବାରୁ କାହାରକୁ ଆଘାତ କରି ନାହିଁ । ମୃତ୍ୟୁ ବେଳେ ସେ ଯେଉଁ ଗୃହରେ ଥିଲା ତହିଁରୁ ବାହାରକୁ ନେବା ସକାଶେ ତାହାର ପୁତ୍ର ଓ ସେଠାରେ ଉପସ୍ଥିତ ଲୋକଙ୍କୁ ଅତିଶୟ ଜିଦ କଲା ଆଉ କହିଲା କି ମୋତେ ଏ ସହଜ ଗଣ୍ଡି ତଳେ ହାଣ ନା ମୋତେ ବାହାରକୁ ନିଅ ତହିଁରେ ସମସ୍ତେ ତାହା କଥାକୁ ଭ୍ରମ ବୁଝି ତାକୁ ବାହାରକୁ ଶୀଘ୍ର ନ ଆଣିବାରୁ ସେ ଆପେ ଯଦିତ ଅତି ଦୁର୍ବଳ ହେଲେହେଁ ବଳିଷ୍ଠ ଲୋକଙ୍କ ପ୍ରାୟ ସମସ୍ତଙ୍କୁ ଫୋପଡାଇ ଦେଇ ବାହାରକୁ ଆସି ଛିଡା ହୋଇ ତାହାର ସାନପୁଅ ନାମ ଧରି କହିଲା ତୁ ମୋତେ କାହିଁକି ହାଣୁ ହାଣ ମୋର ଜଗନ୍ନାଥ ଅଛନ୍ତି ଏତିକି କହି ପ୍ରାଣତ୍ୟାଗ କଲା ବଳୁଆ କାମୁଡାର ଦେଶୀୟ ଯେ କିଛି ଔଷଧ କିଛି କାର୍ଯ୍ୟକର ହେଲା ନାହିଁ ସର୍ପ କାମୁଡାରେ ଯଦିତ ବଞ୍ଚିବାର କିଞ୍ଚିତ ଆଶା ରହେ ଏଥିରେ କିଛି ନାହିଁ ଏହାର ନାତୁଣୀର କି ଘଟିବ ପରେ ଜଣାଇବୁଁ ।

କିଛିଦିନ ହେଲା ଭୁଆଁପାଳ ନିକଟସ୍ଥ ପଦ୍ମଲଣ୍ଡା ଗ୍ରାମର ଗୃହସ୍ଥ କରଣ ବାଳକ ପଞ୍ଚବର୍ଷବୟସ୍କ ଗୋବରୀ ନଦୀରେ ସ୍ନାନ କଲା ବେଳେ କୌତୁକରେ ଖେଳୁଁ ଖେଳୁଁ ଗୋଟିଏ ପୁଷ୍ପ ଭାସିଯିବାର ଦେଖି ତାକୁ ଧରିବାର ଉଦ୍ୟମ କରୁଁ କରୁଁ ଦୁଇଟି ଉବ ଗଲେ ଅତି ଦୂରଟିକୁ ଉପରେ ଲୋକ ଦେଖି ଟାଣି ଆଣିଲେ ।

ହେଃ ମାଷ୍ଟର
ଭୁଆଁପାଳ

---

ମହାଶୟ !

ସାନନ୍ଦଚିତ୍ତରେ ଜଣାଉଅଛୁଁ ଯେ ବିଧବାବିବାହ "ଶୀର୍ଷକ" ଏକଖଣ୍ଡ ପୁସ୍ତକ କ୍ରୟ କରି ପାଠକଲୁଁ ଯେ ସେ ବହିଖଣ୍ଡି ଶ୍ରୀଯୁକ୍ତ ପଣ୍ଡିତ ଗୋବିନ୍ଦ ରଥଙ୍କଦ୍ୱାରା ପ୍ରଣୀତ ।

ପୁସ୍ତକଖଣ୍ଡି କ୍ଷୀଣକଳେବର ସତ୍ୟ ମାତ୍ର ତଦ୍ଦ୍ୱାରା ଯେ ସେ ମହାଶୟଙ୍କର ଦେଶହିତୈଷିତାର ପରିଚୟ ମିଳୁଅଛି ଓ ଅନେକ ଲୋକଙ୍କର ବିଧବାବିବାହ ପ୍ରତି ଉତ୍ସାହ ଜନ୍ମିଅଛି ଏବଂ ଜନ୍ମିବାର ଆଶା ଅଛି । ଏପରି ବିଧବାବିବାହ ସମ୍ବନ୍ଧୀୟ ପୁସ୍ତକ ଇତିପୂର୍ବେ ପାଠକରି ନାହୁଁ ।

ପୁସ୍ତକ ପ୍ରଣେତା, କମଳା ନାମୀ ଗୋଟିଏ ଅଳ୍ପବୟସ୍କା କନ୍ୟା ପତିବିହୀନା ହୋଇ ସକରୁଣସ୍ୱରେ କ୍ରନ୍ଦନ କରୁଅଛି; ତାହାର ପିତା ପ୍ରଶ୍ରମ ଦାସ ତାହା ସହ୍ୟ କରି ନ ପାରି ଅନ୍ୟ ପତି ବରଣ କରୁଅଛି, ଏହି ବିଷୟକୁ ଆନ୍ଦୋଳନ କରି ବହିଖଣ୍ଡି ରଚନା କରିଅଛନ୍ତି ।

ବଙ୍ଗାଲୀ, ପଞ୍ଜାବୀ, ମହାରାଷ୍ଟ୍ରୀୟମାନେ ବିଧବାବିବାହର ଅନୁଗାମୀ ହୋଇଅଛନ୍ତି କିନ୍ତୁ ଏ ଦେଶର ଭଦ୍ରବଂଶୀୟ, ଜ୍ଞାନୀ, ଧନୀମାନେ ଯେ ଏ ବିଷୟ ପ୍ରତି ଆଦୌ ସହାନୁଭୂତି ରଖି ନାହାନ୍ତି ଏବଂ ଗୃହରେ ଆପଣା ଆପଣା ଦୁହିତା ଏବଂ ଭଗ୍ନୀଙ୍କୁ ପଞ୍ଜୁରିବଦ୍ଧ ଶୁକପକ୍ଷୀ ପ୍ରାୟ ଅବରୁଦ୍ଧ କରିଅଛନ୍ତି ଓ ସେମାନଙ୍କର ସାମୟିକ ଯାତନା କଠୋର ମନରେ ବସି ଦେଖୁଅଛନ୍ତି ଛି, ଛି !!! ଏ ଉତ୍କଳର ବ୍ୟବସ୍ଥା, ଦେଖ ଏ ଦେଶୀୟ ନିମ୍ନଜାତି ଅର୍ଥାତ୍ ତନ୍ତି, ଭୁଲାଉଣା, ତେଲି ଓ ଗୁଡିଆଦିମାନେ ଆପଣା ଭଗ୍ନୀ ଓ ଦୁହିତାର ପତି ମୃତ ହେଲେ ଅବଲମ୍ବେ ଅନ୍ୟ ପତି ବରଣ କରୁଅଛନ୍ତି ଅତଏବ ସେମାନଙ୍କୁ ଶ୍ରେଷ୍ଠଜାତି ଓ ବୁଦ୍ଧିଜୀବୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଅନେକ ଭଦ୍ରବଂଶୀୟ ଅବଳାମାନେ କନ୍ଦର୍ପବାଣରେ ବିମୋହିତ ହୋଇ କୁଳ ତ୍ୟାଗ କରୁଅଛନ୍ତି, ଏ ଅପମାନ ଆନନ୍ଦଚିତ୍ତରେ ନ ସହି କରି ବିଧବାବିବାହ କଲେ ଅନ୍ତର ପ୍ରଶଂସନୀୟ ହୋଇ ସର୍ବ ସ୍ଥାନରେ ସମ୍ମାନିତ ହୁଅନ୍ତେ । ତେବେ ଏ ସ୍ଥଳେ ବିବେଚନା କରନ୍ତୁ କିଏ ଭଲ ଣ ? ବିଧବାବିବାହ । ତେବେ ଲୋକେ କିପାଇଁ ଏଥି ପ୍ରତି ମନୋଯୋଗୀ ହେଉ ନାହାନ୍ତି, ଏ ପ୍ରଥାଟି ଧର୍ମବହିର୍ଭୂତ ନୁହେ ସାହସୀ ହୋଇ କହିପାରୁଁ ।

ରଥଶର୍ମାଙ୍କୁ ବିଶେଷରୂପେ ଅନୁରୋଧ କରୁଁ ଯେ ମହାଶୟ ଏ ବହିର ମୂଲ୍ୟ ଉଠାଇ ଦେଇ ବିନା ମୂଲ୍ୟେ ପଣ୍ଡିତମାନଙ୍କୁ ବିତରଣ କରନ୍ତୁ ଏବଂ ବିଧବାଙ୍କ କଲ୍ୟାଣରେ ତହିଁ ଅପେକ୍ଷା ଅନେକ ଧନ ଶ୍ରେଷ୍ଠ ଧର୍ମ ପାଇବେ ଏବଂ ସଭ୍ୟମଣ୍ଡଳୀର ଶିରୋଭୂଷା ହୋଇ ରହିବେ ଆମ୍ଭେ ବିଧବାବିବାହ ପ୍ରଚଳନ ପକ୍ଷେ ପ୍ରସ୍ତୁତ ଅଛୁଁ ଏବଂ ସେଥିରେ ଯୋଗଦେବା ପାଇଁ ସଚେଷ୍ଟିତ ଅଛୁଁ ।

ଯଦିତ ଏ ବିଷୟ ପ୍ରତି ମନୋଯୋଗୀ ନ ହେବେ ତେବେ ବିଧବାମାନଙ୍କର ପ୍ରଚଣ୍ଡ ନିଶ୍ୱାସରେ ଭସ୍ମୀଭୂତ ହୋଇଯିବେ ଏ ଅନ୍ୟଥା ହେବ ନାହିଁ ।

କ୍ରମଶଃ

କଟକଟଳୀ ୭।୧୦।୮୬ } ଭବଦୀୟ ଏକାନ୍ତ ଅନୁଗତ ଶ୍ରୀ——

Split by PDF Splitter

Digitized by srujanika@gmail.com

## ADVERTISEMENTS.

### ORISSA COASTING STEAM NAVIGATION COMPANY, "LIMITED."

#### PROSPECTUS.

The primary object of forming the company has been to develope more fully the present Passenger and Goods traffic between Calcutta and Chandbally, with the ulterior view of extending the same to Cuttack by means of the Government Canal.

In view of the increasing number of Native passengers that avail themselves of this route towards the shrine at Juggernath, and who it is expected will increase if better accomodation, and, by a fast steamer, quicker passage can be obtained. It has been decided to order a new steamer built for this special purpose from England, or if a suitable one can be obtained ready made, to purchase the same, and to run such a vessel in conjunction with the existing Steamer "Reliance," so as to constitute a regular service twice a week.

The Capital fixed for such a purpose is Rs. 400,000, in Shares of Rs. 100 each, of which Rs. 20 is to be paid on application, and Rs. 30 by 15th October next; further calls shall be made when necessary, but it is calculated that not more than 75 per cent. of the entire Capital will be called up during the next 6 months. Of this amount the payment to Baboo Ramkissen will absorb Rs. 71,000, and the estimated amount for the new steamer Rs. 200,000, total Rs. 271,000, which would leave an ample balance for working capital or towards future requirements of the Company.

The profits hitherto obtained by working the Steamer "Reliance" alone, shew during the last 6 months a nett profit equal to a dividend of 8½ per cent, upon a Capital of Rs. 300,000, but with the addition of the proposed steamer to form the Company's property hereafter, considerable increase of earnings may be expected, which after providing a 'Reserve' and 'Wear and Tear' Fund, will considerably add to the dividend, whilst the additional expense to the Establishment will be comparatively trifling, and the security of the undertaking placed upon a broader basis.

Native passengers by this route will value speed above all things, and will readily pay a small extra fare, if the voyage can be accomplished in one day, with a minimum of personal discomfort.

The personal influence and connection of Baboo Ramkissen, who has practically worked this business for some time, insures for it a certain amount of success, and the board is glad to have secured his services and large interest in the undertaking by appointing him Managing Agent, who is so sanguine as to the success of the undertaking that he guarantees to the shareholders a dividend equal to interest at 12 per cent per annum for two years certain, on their actual outlay. The Steamer "Relience" is now in good working order, and will be delivered over to the Company with her present certificate, so that her earnings will commence as soon as the Company is formed.

HAJEE NOOR MOHOMED JACKERIAH,
J. KHUNNAH,
B. D. MEHTY,
} *Directors.*

For further information apply to Bosn Deoji, Agent at Buxi Bazar opposite to the Telegraph office, Cuttack.

---

### ବିଜ୍ଞାପନ ।

ଡବ୍ଲୋନା ଶାଇପ୍ରୁକ ନଗର ପ୍ରସ୍ତୁତ ଶେଷ ବଲ୍ଲ ସୂତା କପଡ଼ ଓ ପାଟବୁଣା ଚଦର ସୁତାଗ୍ ଓ ମୁଗକପଡ଼ ପ୍ରଭୃତି ନାନା ଅତି ସୁଲଭ ମୂଲ୍ୟରେ ବିକ୍ରୟ କରିବା କାରଣ କଟକ ସହର ଚୌଧୁରୀ ବଜାର ବାବୁ ଗୋପାଳଙ୍କର ଘର ନିକଟରେ ଦୋକାନ ଫିଟାଇଅଛୁଁ । ପ୍ରତିଦିନ ଦିବା ସ ୧ ଘ ଠାରୁ ରାତ୍ର ସ ୮ ଘ ପର୍ଯ୍ୟନ୍ତ ଦୋକାନ ଖୋଲାଥାଏ । ଗ୍ରାହକମାନଙ୍କୁ ପ୍ରାର୍ଥନା ଯେ ଥରେ ପରୀକ୍ଷା କରି ଦେଖନ୍ତୁ ।

ଏତ ଭିନ୍ନ ନାନା ପ୍ରକାର ଅର୍ଡ଼ରବାସ୍ କାର୍ଯ୍ୟ କରିବାର ମଧ୍ୟ ବନ୍ଦୋବସ୍ତ କରିଅଛୁଁ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ ଏଠାକୁ ଲେଖିଲେ ଆମ୍ଭେମାନେ ଅଳ୍ପ କମିଶନରେ ଯୋଗାଇବୁଁ । ଏସବୁ ସବିଶେଷ ଜାଣିବାକୁ ଯାହାଙ୍କର ପ୍ରୟୋଜନ ହେବ ପତ୍ର ଲେଖିଲେ ପଠାଇ ଦେବୁଁ ।

ସହର କଟକ
ଚଉଧୁରୀବଜାର ଦୋକାନ
୨୨।୯।୮୨ } ଶ୍ରୀ ଅଭୟଚରଣ ଦତ୍ତ

---

ଅଦ୍ୟଠାରୁ ଆମ୍ଭର ଉତ୍କଳଦୀପିକା ସମ୍ବାଦପତ୍ରର ୧ମ ଭାଗ ୪ ୦ ।୬ ଏବଂ ୨ୟ ଭାଗ ୪ ୦ ।୬ ଅଧ ସେରକର ସମ୍ବାଦ ବସ୍ତୁ ୪ ୧୯ ଟା ମୂଲ୍ୟରେ ବିକ୍ରୟ ହେବ ।

ଶ୍ରୀ ଜଗମୋହନ ରାୟ
୨୦।୯।୮୨ ସମ୍ବାଦପତ୍ରର କର୍ତ୍ତା ଓ
ସମ୍ପାଦକ ।

---

### ସୁଗନ୍ଧିକରଣି ରସ ।

ଏ ଉତ୍ତମ ଦାଦ, ଖାଉଜି, ଉପଦଂଶ ଅର୍ଥାତ୍ ଗରମୀ ଓ ପଚରାମଣ୍ଡଳ ଆରୋଗ୍ୟ ହୁଏ । ମା ୨ ଶିଶି ୪ ୧୯ ଟା

### ବ୍ରୁନ୍ଦାବନ ବଟିକା ।

ଏଥିରେ ସ୍ତ୍ରୀମାନଙ୍କର ପ୍ରଦର ଓ ଉଦ୍ରମେହ ନଷ୍ଟ ହୋଇ ଥାଏ । ମା ୨ ଶିଶି ୪ ୧୯ ଟା ।

### ନୃପବଲ୍ଲଭ ବଟିକା ।

ଅନୁପାନ ବିଶେଷରେ ସେବନ କଲେ ଅଠ ପ୍ରକାର ଜ୍ୱର ଭଲ ହୁଏ । ୧୪ ମାତ୍ରାକୁ ୪ ୧୯ ଟା ।

### ମୀନକେତନ ବଟିକା ।

ଅତି ଉତ୍କୃଷ୍ଟ ଧାତୁବୃଦ୍ଧିକର ପୁଂସ୍ତ୍ୱ ଔଷଧ । ଅନୁପାନ ବିଶେଷରେ ବାୟୁରୋଗ ଶାନ୍ତ ହୁଏ ।୪ ମାତ୍ରାକୁ ୪ ୧ ଟା

### କନ୍ଦର୍ପଚନ୍ଦ୍ରୋଦୟ ବଟିକା ।

ଏ ଉତ୍ତମ ବାଜୀକର ଧୂଳୀରଙ୍କ ଅଷ୍ଟ ଦଶ ବର୍ଷରୁ ନ୍ୟୂନ ପୁଂସ୍ତ୍ୱହୀନ ରୋଗ ଭଲ ହୁଏ । ୪ ମାତ୍ରାକୁ ୪ ୧୯ ଟା ।

ଏ ସବୁ ଆଉ ମେହ ପ୍ରଭୃତି ରୋଗର ଉତ୍କୃଷ୍ଟ ଔଷଧମାନ ଆମ୍ଭ ନିକଟରେ ପ୍ରାପ୍ତବ୍ୟ । ଗ୍ରାହକମାନେ ଔଷଧ ଲଇବା ସମୟରେ ସେବନ ବିଧିମାନ ଜାଣି ପାରିବେ ।

୧।୭।୮୨
ଚାନ୍ଦନୀଚକ
କଟକ } ଶ୍ରୀ ରମନାଥ ଦେବଶର୍ମା ପଣ୍ଡିତ ।

---

# ବିଜ୍ଞାପନ ।

# ଓଡ଼ିଆ ନାଟକ ।

# କାଞ୍ଚିକାବେରୀ

ବା

ପ ଦ୍ମା ବ ତୀ ।

☞ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ୪ ୦ ୮ ଅଠଅଣା ମାତ୍ର । ମଫସଲକୁ ଡାକମାସୁଲ ୪ ୦ ୮ ।

---

### ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା କୁଇନାଇନ ବ୍ୟବହାରରେ ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । ଜ୍ୱରବାର ପ୍ରଧାନ ପ୍ରଧାନ ଗଭର୍ଣ୍ଣମେଣ୍ଟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ । କଲିକତା ବୋଟାନିକଲ୍ ଗାର୍ଡନ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା:—

ଡାକମାସୁଲ ସହିତ ୪ଆଉନ୍ସକୁ ୪ ୭ଟା । ୮ ଆଉନ୍ସକୁ ୪ ୧୯ ଟା । ୧୬ ଆଉନ୍ସକୁ ୪ ୨୦ ମୂଲ୍ୟ ହେବ ।

☞ ମୂଲ୍ୟପତ୍ର ଦେଖ ।

Digitized by srujanika@gmail.com

REGISTERED NO. 1
Split by PDF Splitter

269

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

ଭାଗ ୧୭ ଶ
ସଂ ୪୩ ସଂଖ୍ୟା

ତା ୪ ଠା ମାହେ ନବେମ୍ବର ସନ ୧୮୮୨ ମସିହା । ମୁ । କାର୍ତ୍ତିକ ତା ୨୧ ନ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୫ | ଟ ୬ |
| ଡାକମାସୁଲ | ଟ ୦ ୱ | ଟ ୧ |

ବର୍ତ୍ତମାନ ଋତୁର ଅବସ୍ଥା ଦେଖି ଲୋକଙ୍କର ଚିତ୍ତ ଚଞ୍ଚଳ ହେବାର ଜଣାଯାଏ । ବିଜୟା ଦଶମୀ ତିଥିରୁ ପ୍ରାୟ ୪ ଦିନ ଉତ୍ତମ ଶୀତ ପଡ଼ି ଥିଲା ଏବଂ ଅନୁମାନ ହେଲା ଯେ ଶୀତକାଳ ଆରମ୍ଭ ହେଲା ମାତ୍ର ଅଳ୍ପଦିନେ ଆକାଶରେ ମେଘ ଦେଖାଯାଇ ଶୀତ ଭାଙ୍ଗି ଗଲା ଏବେ ହି ମାଘ ନ ହେଲା ଠିକ ବର୍ଷାକାଳପରି ଗ୍ରୀଷ୍ମ ସଙ୍ଗତ ବୃଷ୍ଟି ହେଉଅଛି ଏହା ଦେଖି ନାନା ରୋଗର ଆଶଙ୍କା ହେଉଅଛି । ଏଥି ମଧ୍ୟରେ ଏ ନଗରର ବକ୍‌ସିବଜାରରେ ଓଲାଉଠା ରୋଗ ଉପସ୍ଥିତ ହୋଇଅଛି ଏବଂ ଜ୍ୱର ରୋଗ ମଧ୍ୟ ଦେଖା ଦେଲାଣି । ଯାହା ହେଉ ଅଧିକ ବୃଷ୍ଟିରେ ଫସଲ ନଷ୍ଟ ହେଲେ ବଡ଼ ଦୁଃଖର ବିଷୟ ହେବ ।

---

କୋର୍ଟଅଫୱାର୍ଡସର ଗତ ବାର୍ଷିକ ବିଜ୍ଞାପନୀରୁ ଜଣାଯାଏ ଯେ ତ ୧୮ ବର୍ଷ ତଳେ ଯେତେବେଳେ କିଲ୍ଲା କନକା କଲେକ୍ଟରଙ୍କ ଅଧୀନକୁ ଆସିଲା ସେତେବେଳେ ଏହାର ଋଣ ନଅଲକ୍ଷ ଟଙ୍କା ଥିଲା । ଏହି ନଅଲକ୍ଷ ଟଙ୍କା ପରିଶୋଧ ଯାଇ ପ୍ରାୟ ଅଧଲକ୍ଷ ଟଙ୍କା ଜମା ହୋଇ ଅଛି ଏବଂ ନୂତନ ବନ୍ଦୋବସ୍ତରେ ଏହାର ଜମା ଟ ୧୬୦୦୦ ଙ୍କା ବୃଦ୍ଧି ହୋଇଅଛି । ଜମା ବୃଦ୍ଧିର ପ୍ରଧାନ କାରଣ ଆବାଦୀ ଜମିର ପରିମାଣ ବୃଦ୍ଧି ଅଟଇ । କିଲ୍ଲା କନକା ଯେପରି ଋଣଗ୍ରସ୍ତ ହୋଇଥିଲା ତହିଁରୁ ଉଦ୍ଧାର ହେବ ବୋଲି ଅତି ଅଳ୍ପ ଲୋକ ସମ୍ଭବ କରୁଥିଲେ ରେବିନ୍ୟୁ ମକଦ୍ଦମା ଏ ମହାଲକୁ ଦୁର୍ଭେଦ୍ୟ ଋଣଜାଲରୁ ମୁକ୍ତ କରି ବାସ୍ତବରେ ବଡ଼ ପ୍ରଶଂସାର ପାତ୍ର ହୋଇ ଅଛନ୍ତି ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦର ସହିତ ଅବଗତ ହେଲୁଁ ଯେ ମୃତ ବାବୁ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ସ୍ଥାପିତ କଟକ ଏକାଡେମୀ ନାମକ ଇଂରାଜୀ ସ୍କୁଲକୁ ମାସିକୁ ଟ ୭୦ ଙ୍କା ଲେଖାଏ ସାହାଯ୍ୟ ଦେବା କାରଣ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି ଏବଂ ତହିଁସଙ୍ଗେ ଏହି ନିୟମ କରିଅଛନ୍ତି କି ଅନ୍ୟୂନ ଟ ୧୪୦ ଙ୍କା ଛାତ୍ରବେତନ ଚନ୍ଦା ଇତ୍ୟାଦିଦ୍ୱାରା ସଂଗ୍ରହ କରି ପ୍ରତିମାସ ଟ ୨୧୦ ଙ୍କା ବ୍ୟୟ କରିବାକୁ ହେବ । ଏ ବିଦ୍ୟାଳୟର ଚିରସ୍ଥାୟିତ୍ୱ ପକ୍ଷରେ ଏତେକାଳ ସନ୍ଦେହ ଥିଲେହେଁ ଏକା ଛାତ୍ରବେତନଦ୍ୱାରା ପ୍ରତିମାସ ଶତାଧିକ ଟଙ୍କା ଆଦାୟ ହେଉଥିଲା । ଏଣିକି ଛାତ୍ରସଂଖ୍ୟା ଏବଂ ତହିଁସଙ୍ଗେ ଆୟ ବୃଦ୍ଧି ହେବ ସନ୍ଦେହ ନାହିଁ ଏତେଦିନେ ପ୍ୟାରୀବାବୁଙ୍କ କୀର୍ତ୍ତି ଦୀର୍ଘଜୀବୀ ହେଲା ବଡ଼ ସୁଖର ବିଷୟ ଅଟଇ ।

---

ମିସର ଯୁଦ୍ଧରେ ମିସର ସୈନ୍ୟାଧ୍ୟକ୍ଷ ଆରାବୀ ପାଶା ଧରାପଡିଲା ପରେ ତାଙ୍କ ନାମରେ ମୋକଦ୍ଦମା ଚାଲୁ ଅଛି । ବର୍ତ୍ତମାନ ତାଙ୍କ ଉପରେ ନିମ୍ନଲିଖିତ ଅଭିଯୋଗମାନ ହୋଇଅଛି ।

୧ ମ— ସାଧାରଣ ପ୍ରଦେଶୀୟ ଆଇନ ଉଲ୍ଲଙ୍ଘନ କରି ଇଂରାଜମାନେ ଆଲେକଜାଣ୍ଡ୍ରିଆ ଦୁର୍ଗ ଭାଙ୍ଗୁଥିବା ସମୟରେ ମିସର ସୈନ୍ୟଙ୍କ ସେଠାରୁ ବାହାର କରି ନେଇ ଯିବା ଅଭିପ୍ରାୟରେ ସ୍ଥଗିତ କରିବାର ଧ୍ୱଜା ଉଡାଇବା ଏବଂ ନଗରକୁ ଜ୍ୱଳି ଯିବା ଓ ଲୁଟ ହେବା କାରଣ ଛାଡିଯିବା ।

୨ ୟ— ଖେଦିବଙ୍କ ବିରୁଦ୍ଧରେ ଅସ୍ତ୍ର ଧାରଣ କରିବା କାରଣ ଲୋକଙ୍କୁ ମତାଇବା ।

୩ ୟ— ମିସର ଏବଂ ବ୍ରିଟେନ ଦେଶ ମଧ୍ୟରେ ସନ୍ଧି ସ୍ଥାପିତ ହୋଇ ଥିଲେ ହେଁ ଯୁଦ୍ଧ ଘଟାଇବା ।

୪ ର୍ଥ— ଆଭ୍ୟନ୍ତରିକ ଯୁଦ୍ଧ ଏବଂ ହତ୍ୟାକାଣ୍ଡ ପ୍ରତି ଲୋକଙ୍କୁ ମତାଇବା । ଆରାବୀପାଶା ଜଣେ ଇଂରାଜ ବାରିଷ୍ଟରଙ୍କ ସାହାଯ୍ୟ ନେଇ ଅଛନ୍ତି । ସମ୍ପ୍ରତି ସାକ୍ଷୀ ଯୋବାନବନ୍ଦୀ କାର୍ଯ୍ୟ ଲାଗି ଅଛି ।

---

ସ୍ତ୍ରୀ ଶିକ୍ଷା ବିଷୟରେ ଖୋରଧା ଅଞ୍ଚଳରୁ ପାଇ ଥିବା ଖଣ୍ଡିଏ ପତ୍ର ସ୍ଥାନାନ୍ତରେ ପ୍ରକାଶ କରି ପ୍ରାର୍ଥନା କରୁଅଛୁଁ କି ଲେଖକଙ୍କ ପ୍ରାର୍ଥନା ପ୍ରତି କର୍ତ୍ତୃପକ୍ଷମାନେ ଦୃଷ୍ଟିପାତ କରିବେ । ଯଦ୍ୟପି ଶିକ୍ଷାବିଭାଗର କର୍ମଚାରୀମାନେ ଉପଦେଶ ଦେଲେ ସ୍ତ୍ରୀ ଶିକ୍ଷାର ଉନ୍ନତି ହେବ ତେବେ ତହିଁରେ ଉପେକ୍ଷା କରିବାର କାରଣ ନାହିଁ । ମାତ୍ର ଉତ୍କଳବାସିମାନେ ଯେ ଏ ବିଷୟରେ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କ ଉପଦେଶକୁ ଚାହିଁ ବସି ଅଛନ୍ତି ଏହା ଦୁଃଖର ବିଷୟ । ଯଦ୍ୟପି ଭାରତବର୍ଷର କୌଣସି ସ୍ଥାନରେ ସ୍ତ୍ରୀ ଶିକ୍ଷା ପ୍ରାଚୀନ କାଳରୁ ଚାଲି ଆସୁଅଛି ତେବେ ସେ ସ୍ଥାନ ଓଡିଶା ଅଟଇ । ଏଠାର ରାଜା ଏବଂ

Digitized by srujanika@gmail.com

Split by PDF Splitter



କରଣ ଶାସ୍ତ୍ରାଏଭ ପ୍ରଭୃତି ଭଦ୍ର ପରିବାରରେ ବର୍ତ୍ତମାନ ସୁଦ୍ଧା ଶିକ୍ଷିତା ସ୍ତ୍ରୀ ଦେଖିବା ବିରଳ ନୁହଇ । ଓଡ଼ିଶାର ଭଦ୍ର ସମାଜର ସ୍ଥିତି ବଙ୍ଗଳାଠାରୁ କେତେକ ବିଷୟରେ ନ୍ୟୂନ ହେଲେହେଁ କତିପୟ ବିଷୟରେ ଚିରକାଳରୁ ଉତ୍କୃଷ୍ଟ ରହି ଅଛି ଯଥା ସ୍ତ୍ରୀ ଶିକ୍ଷା ଏବଂ ଯୋଗ୍ୟ ବୟସରେ ବିବାହ । ଏହି ଦୁଇ ଉତ୍କୃଷ୍ଟ ସ୍ୱଭାବ ପ୍ରକୃତ ଗୌରବ ରକ୍ଷା କରିବା ଉତ୍କଳ ବାସିଙ୍କର ଅତ୍ୟନ୍ତ ଉଚିତ ହେଉଅଛି । ଏଥି ପାଇଁ ଅନ୍ୟର ପରାମର୍ଶ ବା ଉତ୍ତେଜନା ବାକ୍ୟ ଶୁଣିବାର ଆବଶ୍ୟକ ନାହିଁ । ଆମ୍ଭେମାନେ ସମସ୍ତ ଉତ୍କଳବାସିଙ୍କୁ ଏକାନ୍ତ ଅନୁରୋଧ କରୁଅଛୁଁ କି ଆପଣା ୨ ସ୍ତ୍ରୀ ପତ୍ନୀମାନଙ୍କୁ ଉପଯୁକ୍ତ ଶିକ୍ଷା ଦାନ ବିଷୟରେ ସର୍ବଦା ଯତ୍ନଶୀଳ ହେଉନ୍ତୁ ।

କଲିକତା ଯୋଡ଼ାସାଙ୍କୋ ନିବାସୀ ବାବୁ ପ୍ରତାପଚନ୍ଦ୍ର ରାୟ ମହାଭାରତ ଏବଂ ରାମାୟଣ ପୁସ୍ତକମାନ ମୁଦ୍ରିତ କରାଇ ବିନା ମୂଲ୍ୟରେ ବିତରଣ କରୁଥିବାର ଏଥି ପୂର୍ବେ ପାଠକମାନଙ୍କୁ ଜଣାଇ ଥିଲୁଁ । ସମ୍ପ୍ରତି ତାହାଙ୍କ ପ୍ରକାଶିତ ଚତୁର୍ଥ ସଂସ୍କରଣ ମହାଭାରତ ମୂଳଭାଷା ଏବଂ ବଙ୍ଗଳା ଅନୁବାଦ ସହିତ ଚତୁର୍ଥ ସଂଖ୍ୟା ପର୍ଯ୍ୟନ୍ତ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଭାରତବର୍ଷର ପ୍ରାଚୀନ କୀର୍ତ୍ତି ଯାହା ଅଛି ଏବଂ ଯହିଁପାଇଁ ଏହା ଅଧୁନାକ ସଭ୍ୟ ଦେଶମାନଙ୍କରେ ଆଦୃତ ହୋଇଅଛି ତାହା ସଂସ୍କୃତ ଗ୍ରନ୍ଥମାନ ଅଟଇ । ମହାଭାରତ ରାମାୟଣ ଯହିଁ ମଧ୍ୟରେ ଯୋଡିଏ ପ୍ରଧାନ ସାହିତ୍ୟ ଗ୍ରନ୍ଥ । ଦୁଃଖର ବିଷୟ ଯେ ଦିନ ୨ ସଂସ୍କୃତପ୍ରତି ଲୋକଙ୍କର ଅନାଦର ବଢିବାରୁ ଆମ୍ଭେମାନେ ଆପଣା ପିତୃ ସମ୍ପତ୍ତି ମହାରତ୍ନମାନଙ୍କୁ ଚହ୍ନି ପାରୁ ନାହୁଁ । ବାବୁ ପ୍ରତାପଚନ୍ଦ୍ର ରାୟ ଅସାଧାରଣ ଦେଶାନୁରାଗର ବଶବର୍ତ୍ତୀ ହୋଇ ଉକ୍ତ ଗ୍ରନ୍ଥ ଦ୍ୱୟକୁ ବଙ୍ଗଳା ଅନୁବାଦ ସହିତ ବିନା ମୂଲ୍ୟରେ ବିତରଣ କରୁଅଛନ୍ତି ଏବଂ ଏହି ଗ୍ରନ୍ଥ ଦ୍ୱୟର ଇଂରାଜୀ ଅନୁବାଦ ଶୀଘ୍ର ପ୍ରକାଶ କରିବେ ବୋଲି ଯତ୍ନଶୀଳ ହୋଇଅଛନ୍ତି । ଆମ୍ଭେମାନେ ଅନୁମାନ କରୁଁ ଏବା ମହାଭାରତ ଏବଂ ରାମାୟଣ ପକ୍ଷରେ ପ୍ରତାପ ବାବୁ ଏପରି କଳ୍ପନା କରି ନାହାନ୍ତି ମାତ୍ର ଅନ୍ୟାନ୍ୟ ବଡ଼ ସଂସ୍କୃତ ପୁସ୍ତକ ପକ୍ଷରେ ଏହି ପରି କାର୍ଯ୍ୟ କରିବେ ଏବଂ ଏହାଦ୍ୱାରା ବ ପରିମାଣରେ ସାଧାରଣ ଉପକାର ହେବ ଅନାୟାସରେ ଅନୁଭୂତ ହୋଇ ପାରେ । ବାବୁ ପ୍ରତାପଚନ୍ଦ୍ର ରାୟ ଯେପରି ସଙ୍ଗତିପନ୍ନ ବ୍ୟକ୍ତି ନୁହନ୍ତି ଯେ ଏକାକୀ ଏଡ଼େ ବୃହତ୍ ଭାର ବହି ପାରିବେ । ମାତ୍ର ତାହାଙ୍କର ଅଧ୍ୟବସାୟ ଓ ସ୍ୱଦେଶାନୁରାଗ ବ୍ରତକୁ ଅସଂଖ୍ୟ ଧନ୍ୟବାଦ ଦେଉଅଛୁଁ ଯେ ସେ ଭାରତବର୍ଷର ନାନା ସ୍ଥାନରେ ସ୍ୱୟଂ ଭ୍ରମଣ କରି ଚେନ୍ଦା ସଂଗ୍ରହ କରୁଅଛନ୍ତି ଏବଂ ଅତ୍ୟନ୍ତ ଆନନ୍ଦର ବିଷୟ ଯେ ସେ ତହିଁରେ କ୍ରମଶଃ କୃତକାର୍ଯ୍ୟ ହେଉଅଛନ୍ତି । ବଙ୍ଗଳାର କେତେକଣ ଜମିଦାର ଓ ଅପର ଭଦ୍ର ଲୋକମାନେ ନିୟମିତ ବାର୍ଷିକ ଚେନ୍ଦା ଦେବାକୁ ଅଙ୍ଗୀକାର କରିଅଛନ୍ତି ଏବଂ କାଶ୍ମୀରର ମହାରାଜା ଏ କାର୍ଯ୍ୟରେ ବିଶେଷ ବଦାନ୍ୟତା ପ୍ରକାଶ କରିଅଛନ୍ତି । ଆମ୍ଭେମାନେ ଆଶା କରୁଁ କି ଓଡ଼ିଶାର ରାଜା ଜମିଦାରମାନେ ପ୍ରତାପ ବାବୁଙ୍କର ଏହି ମହତ୍ ଉଦ୍ଦେଶ୍ୟ ସାଧନରେ ଯଥାଶକ୍ତି ସାହାଯ୍ୟ କରି ଓଡ଼ିଶାର ଖ୍ୟାତି ଏବଂ ପ୍ରାଚୀନ ହିନ୍ଦୁ ଶାସ୍ତ୍ର ଓ ତଦ୍ଦ୍ୱାରା ହିନ୍ଦୁ ଧର୍ମର ଗୌରବ ରକ୍ଷା କରିବେ ।

## ଗଡ଼ଜାତ ତହସିଲଦାରଙ୍କ ବେତନ ବୃଦ୍ଧି ।

ଓଡ଼ିଶା ଗଡ଼ଜାତ ମଧ୍ୟରେ ବାଙ୍କୀ ଅନୁଗୁଳ ଏବଂ ବଦମାଳ ସରକାରଙ୍କ ଖାସରେ ଥିଲା ବାଙ୍କୀ ମୁଗଲବନ୍ଦି ଭୁକ୍ତ ହେଲା । କେବଳ ବଦମାଳ ଏବଂ ଅନୁଗୁଳ ଗଡ଼ଜାତ ମଧ୍ୟରେ ଅଛି ଏହି ଦୁଇ ସ୍ଥାନ ସକାଶେ ଦୁଇଜଣ ପୃଥକ୍ ତହସିଲଦାର ଅଛନ୍ତି ସେମାନଙ୍କ ବେତନ ଟ ୨୦୦୲ ଲେଖାଏ ଉଭୟ ସ୍ଥାନର ଜଳବାୟୁ ଅତ୍ୟନ୍ତ ମନ୍ଦ ଏଥିପାଇଁ କୌଣସି ସମୟରେ ତହସିଲଦାରି ପଦ ଖାଲି ହେଲେ ମୋଗଲବନ୍ଦିରୁ କେହି ଉପଯୁକ୍ତ ଲୋକ ଯିବାକୁ ସମ୍ମତ ହୁଅନ୍ତି ନାହିଁ । କମିଶନର ସାହେବ ଏ କଥା ଅନେକଥର ଅନୁଭବ କରି ରିପୋର୍ଟ କରିବାରୁ ଗବର୍ଣ୍ଣମେଣ୍ଟ ଏମାନଙ୍କ ବେତନ ଟ ୩୦୦୲ କା ଲେଖାଏ ମଞ୍ଜୁର କରିଅଛନ୍ତି ଏବଂ ଏଥିରେ ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଏକାକୀ ଅରଣ୍ୟମୟ ଦେଶରେ ଚାକିରି କରିବା ଏକ କଷ୍ଟକର ବ୍ୟାପାର ତହିଁରେ ଜଳବାୟୁ ଦୋଷରେ ସର୍ବଦା ପୀଡିତ ରହିବା କଷ୍ଟ ଉପରେ କଷ୍ଟ । ଉକ୍ତ ବେତନ ଏତେ କଷ୍ଟକୁ ଏକମାତ୍ର ପ୍ରବୋଧ ଏବଂ କିଛି ପରିମାଣରେ ପୀଡ଼ା ଉପଶମର ଉପାୟ ଅଟଇ । ବର୍ତ୍ତମାନର ନିୟମରେ ମୋଗଲବନ୍ଦିରେ ଟ ୩୦୦୲ କା ବେତନ ଶୀଘ୍ର ମିଳିବା ସହଜ ନୁହଇ ଏଣୁକରି ବୋଧ ହୁଅଇ ଗଡ଼ଜାତ ତହସିଲଦାରୀ ଯୋଗ୍ୟ ଲୋକଙ୍କୁ ଆକର୍ଷଣ କରିବ ଏବଂ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ପୂର୍ବପରି କର୍ମଚାରୀ ନିଯୁକ୍ତ କରିବା କଠିନ ହେବ ନାହିଁ । ମାତ୍ର ଆମ୍ଭମାନଙ୍କ ବିବେଚନାରେ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କର ଏତିକରେ ନିଶ୍ଚିନ୍ତ ରହିବା ଉଚିତ ନୁହଇ । ଗଡ଼ଜାତମାନଙ୍କର ଜଳବାୟୁ କିପରି ସ୍ୱାସ୍ଥ୍ୟକର ହେବ ତହିଁର ବ୍ୟବସ୍ଥା କରିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ସତ୍ପରାମର୍ଶ ପ୍ରଦାନ ପୂର୍ବକ ପୁନଃ ୨ ଅନୁରୋଧ କରିବା ଉଚିତ । ବାସ୍ତବରେ ଆମ୍ଭେମାନେ ବିବେଚନା କରୁଁ କି ଗଡ଼ଜାତର ସ୍ୱାସ୍ଥ୍ୟବିଧାନ କରିବା ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ମହତ୍ କାର୍ଯ୍ୟ ଅଟଇ । ଅନୁଗୁଳ ଓ ବଦମାଳରେ ଅନେକଗୁଡିଏ ସରକାରୀ ଚାକର ରହି ଅଛନ୍ତି । ଯଦ୍ୟପି କି ନାନା ସକାଶେ ସେମାନେ ଏପରି ଅସ୍ୱାସ୍ଥ୍ୟକର ସ୍ଥାନରେ ପଡି ରହିଅଛନ୍ତି ମାତ୍ର ସେମାନେ ପୀଡ଼ା ଭୋଗ କରୁଅଛନ୍ତି ଏବଂ କେହି ୨ ଅଳ୍ପ ବୟସରେ ଅକର୍ମଣ୍ୟ ବା ହତ ହୋଇ ଛନ୍ତି । ଏପରି ଅବସ୍ଥା ଦେଖି ଗବର୍ଣ୍ଣମେଣ୍ଟଙ୍କର ନିଶ୍ଚିନ୍ତ ରହିବା ଉଚିତ ନୁହଇ ବରଂ ଏହା ଉଦାର ଏବଂ ଧାର୍ମିକ ଗବର୍ଣ୍ଣମେଣ୍ଟଙ୍କ ସ୍ୱାସ୍ଥ୍ୟକର କର୍ତ୍ତବ୍ୟ ଅଟଇ । ଏମନ୍ତ ହୋଇ ପାରେ ଯେ ଏକ ସମୟରେ ଗଡ଼ଜାତର ଲୋକମାନେ ଯୋଗ୍ୟତା ଲାଭ କରି ତହସିଲଦାର ହୋଇ ପାରିବେ ଏବଂ ସେମାନଙ୍କ ଜନ୍ମଭୂମି ହେତୁରୁ ସ୍ୱାସ୍ଥ୍ୟର ବାଧା ହେବ ନାହିଁ ମାତ୍ର ସେ ସମୟ ବହୁତ ବିଳମ୍ବ ଅଛି । ଏଥି ମଧ୍ୟରେ ଅର୍ଥ ଲୋଭ ମୋଗଲବନ୍ଦିର ଯୋଗ୍ୟ ଲୋକଙ୍କୁ ସେ ସ୍ଥାନକୁ ଟାଣି ନେବ ଏବଂ ସେମାନଙ୍କର ସ୍ୱାସ୍ଥ୍ୟହାନିଦ୍ୱାରା ସାଧାରଣ ଅନିଷ୍ଟ ହେଉଥିବ । ଏଥିର ଅନ୍ୟ ପ୍ରତୀକାର ନିତାନ୍ତ ଆବଶ୍ୟକ ହୋଇଅଛି । କିପରି ପ୍ରତୀକାର ଆବଶ୍ୟକ ଆମ୍ଭେମାନେ ତହିଁର ପରାମର୍ଶ ଦେବାକୁ ସକ୍ଷମ ଜ୍ଞାନ କରୁ ନାହୁଁ ମାତ୍ର ଆମ୍ଭମାନଙ୍କର ଧାରଣା ଏହି କି ଗବର୍ଣ୍ଣମେଣ୍ଟ ଏ ବିଷୟରେ ମନୋଯୋଗୀ ହେଲେ ଅବଶ୍ୟ କିଛି ସୁବିଧା ହୋଇ ପାରିବ । ଯେବେ କେତେଦିନ ସକାଶେ ଜଣେ ଉଚ୍ଚ ଦରର ଚତୁର ଡାକ୍ତର କେବଳ ଏହି କାର୍ଯ୍ୟରେ ନିଯୁକ୍ତ ହୋଇ ସମସ୍ତ ଗଡ଼ଜାତ ଭ୍ରମଣ ପୂର୍ବକ ବିଶେଷ ଅନୁସନ୍ଧାନ କରନ୍ତି ତେବେ କେତେକ ଉପାୟ ତାହାଙ୍କଦ୍ୱାରା ସ୍ଥିର ହୋଇ ପାରିବ ଓ ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟ ଓ ରାଜାମାନେ ସେ ସମସ୍ତ କାର୍ଯ୍ୟରେ ପରିଣତ କଲେ ଅବଶ୍ୟ ଫଳଲାଭ ହେବ ।

Digitized by srujanika@gmail.com

## ଜେଲଖାନାର ଶିଳ୍ପକର୍ମ।

ଏ ବିଷୟରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କର ଗୋଟିଏ ବିଜ୍ଞାପନ ଇଣ୍ଡିଆଗେଜେଟରେ ବାହାରିଅଛି। ଜେଲଖାନା ସମ୍ପର୍କରେ ସନ ୧୮୭୭ ସାଲରେ ଯେଉଁ ସଭା ବସିଥିଲା ତହିଁରେ ଏହି ସିଦ୍ଧାନ୍ତ ହୋଇଥିଲା କି ଗବର୍ଣ୍ଣମେଣ୍ଟଙ୍କର ପ୍ରୟୋଜନୀୟ ଦ୍ରବ୍ୟ ପ୍ରସ୍ତୁତ କରିବାରେ ଯେବେ କଏଦିମାନଙ୍କର ଶ୍ରମ ନିୟୋଜିତ ହୁଅଇ ତେବେ ସାଧାରଣ ବ୍ୟବସାୟ ସଙ୍ଗେ ପ୍ରତିଯୋଗିତାର ବିଶେଷ ଆପତ୍ତି ଉପସ୍ଥିତ ହୋଇ ନ ପାରେ। ଏହି ସିଦ୍ଧାନ୍ତ ଅନୁସାରେ ବଡ଼ ବଡ଼ ଜେଲମାନଙ୍କରେ ଦୁଇ ଏକ ବୃହତ୍ ବ୍ୟବସାୟର ଅନୁଷ୍ଠାନ ହୋଇଥିଲା ଏବଂ ଏପର୍ଯ୍ୟନ୍ତ ସେହି ଧାରାରେ କର୍ମ ହୋଇ ଆସୁଅଛି। ମାତ୍ର ମହାମାନ୍ୟ ଗବର୍ଣ୍ଣର ଜେନରଲ ଅନୁସନ୍ଧାନ କରି ବୁଝିଅଛନ୍ତି କି ଜେଲରେ ଦ୍ରବ୍ୟ ପ୍ରସ୍ତୁତ ହେବାଦ୍ୱାରା ସାଧାରଣ ବ୍ୟବସାୟର କ୍ଷତି ହେଉଅଛି ଅନ୍ତତଃ ଅନେକ ସମୟରେ ଏ ବିଷୟର ଶୁଣାଯାଏ। ଦୁର୍ଭିକ୍ଷ କମିଶ୍ନରମାନଙ୍କ ମତାନୁଗାମୀ ହୋଇ ଗବର୍ଣ୍ଣମେଣ୍ଟ ଏ ଦେଶର ସାଧାରଣ ଲୋକଙ୍କୁ ଶିଳ୍ପକର୍ମ ବ୍ୟବସାୟରେ ନିଯୁକ୍ତ ହେବାପାଇଁ ଉତ୍ସାହ ଦେବା ଅତ୍ୟନ୍ତ କର୍ତ୍ତବ୍ୟ ଜ୍ଞାନ କରୁଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟଙ୍କର ଯେ କୌଣସି କାର୍ଯ୍ୟଦ୍ୱାରା ତହିଁରେ ବାଧା ଜାତ ହେବାର ସମ୍ଭାବନା ତାହା ପରିତ୍ୟାଗ କରିବାର ଉଚିତ। କେହି କେହି କହନ୍ତି କି କଏଦୀଙ୍କ ପରିଶ୍ରମଦ୍ୱାରା ଯାହା ଲାଭ ହୁଅଇ ତାହା ସାଧାରଣ କରଦାତାଙ୍କ ଲାଭ ସୁତରାଂ ତଦ୍ଦ୍ୱାରା ସାଧାରଣଙ୍କର କୌଣସି ଅନିଷ୍ଟ ହେଉଅଛି ଏମନ୍ତ ବୋଲି ଯାଇ ନ ପାରେ। ମାତ୍ର ସ୍ୱୀକାର କରିବା ଆବଶ୍ୟକ ଯେ ପ୍ରଥମତଃ ଲାଭର କାଷ୍ଠା ଅନିଶ୍ଚିତ ଦ୍ୱିତୀୟତଃ ଯଦ୍ଦ୍ୱାରା ସାଧାରଣ ବ୍ୟବସାୟ ସୁତରାଂ ସାଧାରଣ ଧନ ବୃଦ୍ଧି ଅଟକି ଯାଏ ତାହା କଦାଚ ସାଧାରଣ ପକ୍ଷରେ ମଙ୍ଗଳକର ବୋଲି ଯାଇ ନ ପାରେ। ଆଉ ଏକ ଯୁକ୍ତି ଏହିକି ଜେଲଖାନାର ଶିଳ୍ପଜାତ ଦ୍ରବ୍ୟର ପରିମାଣ ଏତେ ଊଣା ଯେ ତଦ୍ଦ୍ୱାରା ସାଧାରଣ ବ୍ୟବସାୟର କ୍ଷତି ବୃଦ୍ଧି ହୋଇ ନ ପାରେ। ମାତ୍ର ଏ ଯୁକ୍ତିକୁ ଅତି ସାବଧାନ ପୂର୍ବକ ଗ୍ରହଣ କରିବାକୁ ହେବ। କାରଣ ଅନ୍ୟାନ୍ୟ ବ୍ୟବସାୟିଙ୍କର ଭୟର କାରଣ ଏତିକି ନୁହଇ ଯେ ଜେଲଖାନାରେ ଅପାତତଃ କେତେ ଦ୍ରବ୍ୟ ପ୍ରସ୍ତୁତ ହେଉଅଛି ମାତ୍ର ଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟତଃ ମୂଳଧନର ସୀମା ନ ଥିବା ସ୍ଥଳେ ସେ ଇଚ୍ଛା କଲେ ଅସୀମ ପରିମାଣରେ ଦ୍ରବ୍ୟ ପ୍ରସ୍ତୁତ କରି ପାରନ୍ତି। ଏହି ହେତୁରୁ କେହି ବ୍ୟବସାୟୀ ସାହସ କରି ଗବର୍ଣ୍ଣମେଣ୍ଟ ଯେଉଁ ଶିଳ୍ପ ବ୍ୟବସାୟରେ ହାତ ଦିଅନ୍ତି ତହିଁର ପ୍ରତିଯୋଗିତା କରିବାକୁ ମନ ବଳାନ୍ତି ନାହିଁ। ଅତଏବ ଯେତେ ପ୍ରକାର ବିବେଚନା କରି ଦେଖିଲେ ଏତିକି ଉପଲବ୍ଧି ହେଉଅଛି କି ସାଧାରଣ ଲୋକଙ୍କୁ ଶିଳ୍ପକର୍ମ ବ୍ୟବସାୟରେ ଉତ୍ସାହ ଦେବା କାରଣ ଗବର୍ଣ୍ଣମେଣ୍ଟଙ୍କର ଉଚିତ ନୁହଇ ଯେ ଜେଲଖାନାରେ ଉକ୍ତ ପ୍ରକାର ବ୍ୟବସାୟ ଚଳାଇବାକୁ ମତ ଦେବେ ଅତଏବ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ନିୟମ କରିଅଛନ୍ତି କି ଏଣିକି କୌଣସି ପ୍ରକାର ଶିଳ୍ପଦ୍ରବ୍ୟ ଜାତ କରିବାର କଳ କୌଣସି ଜେଲଖାନାରେ ରହିବ ନାହିଁ ଏବଂ ଯେଉଁ ସ୍ଥଳରେ କଳମାନ ବର୍ତ୍ତମାନ ଅଛି ସେ ସମସ୍ତ ଶୀଘ୍ର ଅନ୍ତର କରିବାକୁ ହେବ। ଯେଉଁ କଳମାନ କେବଳ କଏଦୀଙ୍କ କାୟିକ ପରିଶ୍ରମଦ୍ୱାରା ଚଳିତ ହୁଅଇ ସେମାନଙ୍କର ଅତି ଅଳ୍ପ ବ୍ୟବହାର ହେବ। କେବଳ ଦଣ୍ଡସ୍ୱରୂପ କେତେଗୁଡ଼ିଏ ଶ୍ରମଯୁକ୍ତ କାର୍ଯ୍ୟର ନିୟମ କରିବାକୁ ହେବ ଯଥା; ଖୁଆ ସୁରକୀ ଇତ୍ୟାଦି ପ୍ରସ୍ତୁତ କରିବା ଏବଂ ସେହି କାର୍ଯ୍ୟମାନ ଛଡ଼ା ଗବର୍ଣ୍ଣମେଣ୍ଟଙ୍କ ଅନୁମତି ବିନା ଆଉ କିଛି କାର୍ଯ୍ୟ ହେବ ନାହିଁ। ଏ ସବୁ ଶ୍ରମଜାତ ଦ୍ରବ୍ୟ ଜେଲଖାନାରୁ କେବଳ ସରକାରି ମହକୁମା ଏବଂ ବେପାରିମାନଙ୍କୁ ବଡ଼ ହେଉ କି ସାନ ହେଉ ବିକ୍ରୟ ହେବ ମାତ୍ର କୌଣସି ଅବସ୍ଥାରେ କେହି ଖାଉଟିଅଙ୍କୁ ବିକ୍ରୟ ହେବ ନାହିଁ। ଜେଲଖାନାର ନିଜର ଖର୍ଚ୍ଚ ନିମିତ୍ତ ଯାହା ପ୍ରୟୋଜନ ତାହା ପୂର୍ଣ୍ଣ ହେଲା ଉତ୍ତାରୁ ଅବଶିଷ୍ଟ ଦ୍ରବ୍ୟ କେବଳ ବଜାର ଭାଉରେ ଏବଂ କୌଣସି ପ୍ରତିଯୋଗିତା ବିନା ବିକ୍ରୟ ହେବ ଏହି ନିୟମମାନ ଆଗାମୀ ଅପ୍ରେଲ ମାସରୁ ପ୍ରଚଳିତ ହେବ।

ଜେଲଖାନାରେ ଶିଳ୍ପକର୍ମ ନିଷେଧ ହେଲେ କଏଦମାନେ କି ପରିଶ୍ରମ କରିବେ ଏଥିର ବିଷୟର ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏହି ସିଦ୍ଧାନ୍ତ କରିଅଛନ୍ତି ସେମାନେ ପୂର୍ବପ୍ରାୟ ମାଟି କର୍ମରେ ନିୟୋଗ ହୋଇ ପାରିବେ। ବାହାରେ କଏଦମାନେ ମୂଲିଆ କର୍ମ କଲେ ଅଧିକ ପୁଲିସ ପହରା ଏବଂ ଅନ୍ୟାନ୍ୟ ଖର୍ଚ୍ଚର ପ୍ରୟୋଜନ ହେବ ମାତ୍ର ଏହା କୌଣସିରୂପେ ଅନତିକ୍ରମଣୀୟ ନୁହଇ। ମହାମାନ୍ୟ ଗବର୍ଣ୍ଣର ଜେନରଲ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନଙ୍କୁ ପ୍ରାର୍ଥନା କରିଅଛନ୍ତି କି ସେମାନେ ସାଧାରଣ ପୂର୍ତ୍ତିକାର୍ଯ୍ୟ ମହକୁମା ସଙ୍ଗେ ବନ୍ଦୋବସ୍ତ କରି କି କି କାର୍ଯ୍ୟରେ କଏଦମାନେ ସୁବିଧାମତେ ନିୟୋଗ ହୋଇ ପାରିବେ ତାହା ସ୍ଥିର କରିବେ। ଏମନ୍ତ ମଧ୍ୟ ଆଶା ହେଉଅଛି କି ରେଲବେ କମ୍ପାନୀ ଏବଂ ଅନ୍ୟାନ୍ୟ କମ୍ପାନିମାନେ କଏଦମାନଙ୍କୁ ମୂଲିଆଗିରି କର୍ମରେ ନେବାକୁ ସୁଖକର ଜ୍ଞାନ କରିବେ।

ଆମ୍ଭେମାନେ ଜେଲଖାନାର ଏହି ବ୍ୟବସ୍ଥା ସକାଶେ ମହାମତି ଲର୍ଡ ରିପନଙ୍କୁ ଶତ ଶତ ଧନ୍ୟବାଦ ଦେଉଅଛୁଁ। ସାଧାରଣ ଲୋକମାନଙ୍କ ମଧ୍ୟରେ ବାଣିଜ୍ୟ ବ୍ୟବସାୟ ଉନ୍ନତି ନିମିତ୍ତ ତାହାଙ୍କ ଅଧିକାରରେ ଯେତେ ସୁବିଧା ପ୍ରଦାନ କରିବାର ଉପାୟ ଅଛି ତାହା ଦେବାକୁ ସେ ତିଳମାତ୍ର ତ୍ରୁଟି କରୁ ନାହାନ୍ତି। ଜେଲଖାନାରେ ଶିଳ୍ପକାର୍ଯ୍ୟର ଅନୁଷ୍ଠାନଦ୍ୱାରା ବାହାର ବ୍ୟବସାୟିଙ୍କର ଯେଉଁ ଅନିଷ୍ଟ ହୋଇଅଛି ତାହା ଆମ୍ଭେମାନେ ପ୍ରତ୍ୟକ୍ଷ କରିଅଛୁଁ। ସେ ବିଷୟରେ ଅଧିକ ବୋଲିବାର ନାହିଁ। କଏଦମାନଙ୍କ ପକ୍ଷରେ ଜେଲଖାନା ଭିତରେ ବସି କର୍ମ କରିବା ଏକପ୍ରକାର ସହଜ ଥିଲା ବାହାରକୁ ବାହାରି ଜନସାଧାରଣଙ୍କ ସମ୍ମୁଖରେ ମୂଲିଆ କର୍ମ କରିବାକୁ ଅନେକଙ୍କର ବଡ଼ ଲଜ୍ଜା ହେବ ଏହା ଭିନ୍ନ ଆଉ କିଛି ଆପତ୍ତି ଦିଶୁ ନାହିଁ।

---

### ବ୍ୟବସ୍ଥାପକ ସଭାର କାର୍ଯ୍ୟ ସର୍ବସାଧାରଣଙ୍କୁ ବିଶେଷରୂପେ ଜଣାଇବାର ପ୍ରସ୍ତାବ।

ଦେଶୀୟ ମୁଦ୍ରାଯନ୍ତ୍ରର ସ୍ୱାଧୀନତା ପ୍ରତ୍ୟର୍ପଣ କରି ମହାମାନ୍ୟ ଲର୍ଡ ରିପନ ବାହାଦୁର ଅସ୍ମଦ୍ଦେଶୀୟଙ୍କର ଯେଉଁ ମହୋପକାର କରିଅଛନ୍ତି ତାହା ଆମ୍ଭେମାନେ କେବେ ବିସ୍ମୃତ ହେବୁ ନାହିଁ ଏବଂ ଯଦ୍ୟପି ସେ ଏତିକରେ ନିଶ୍ଚିନ୍ତ ହୋଇ ବସି ଥାନ୍ତେ ତଥାଚ ଅମ୍ଭେମାନେ ତାହାଙ୍କୁ ଚିରକାଳ ଧନ୍ୟବାଦ ଦେଉଥାନ୍ତୁ। ମାତ୍ର ତାହାଙ୍କର ପ୍ରଶସ୍ତ ଓ ଉଦାରଭାବ ସେତିକରେ ତୃପ୍ତ ହେବାର ନୁହଇ। ଗବର୍ଣ୍ଣମେଣ୍ଟ ସମୟେ ସମୟେ ଯେ ସମସ୍ତ ବ୍ୟବସ୍ଥା ବିଧିବଦ୍ଧ କରିବାକୁ ଇଚ୍ଛା କରନ୍ତି ସେ ସମସ୍ତ ସବିଶେଷରୂପେ ଜନସାଧାରଣଙ୍କୁ ଜଣାଇବା ଏବଂ ସେମାନଙ୍କର ମତ ପ୍ରକାଶର ସମ୍ପୂର୍ଣ୍ଣ ସୁଯୋଗ ଦେବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ହେଉଅଛି ଏବଂ ଏହି କର୍ତ୍ତବ୍ୟସାଧନର ଉତ୍କୃଷ୍ଟ ଉପାୟ ସମ୍ବାଦପତ୍ର ହେଉଅଛି। ସମ୍ବାଦପତ୍ରର ସାହାଯ୍ୟ ବିନା ଆଶାନୁରୂପ କାର୍ଯ୍ୟ ହେବା କଦାଚ ସମ୍ଭବ ନୁହଇ। ଅତଏବ ଗବର୍ଣ୍ଣମେଣ୍ଟଙ୍କର ଉଚିତ ହେଉଅଛି କି ଯେ ସମସ୍ତ ବ୍ୟବସ୍ଥାର ପ୍ରସ୍ତାବ ଉପସ୍ଥିତ ହେବ ତହିଁର ଉଦ୍ଦେଶ୍ୟ ଏବଂ ଅବ-

Split by PDF Splitter



ଶାଙ୍କଡା ସମ୍ବନ୍ଧରେ ଯେତେ ସମ୍ବାଦ ସାଧାରଣରେ ଦିଆ ଯାଇ ପାରେ ତାହା ସମ୍ବାଦପତ୍ରମାନଙ୍କୁ ଜଣାଇ ଦେବେ । ଏହି ସମ୍ବାଦମାନ ସର୍ବସାଧାରଣଙ୍କୁ ଜ୍ଞାତ କରାଇବା କାରଣ ବଙ୍ଗଳା ଏବଂ ଅନ୍ୟାନ୍ୟ ପ୍ରଦେଶରେ ଏହି ରୀତି ଅଛି ଯେ ସେ ସମସ୍ତ ଦେଶୀୟ ଭାଷାର ସରକାରୀ ଗେଜେଟରେ ଛପା ହୋଇ ସମସ୍ତ କଚେରୀକୁ ପଠାଯାଏ ଏବଂ ସେଠାରେ ଓକିଲ ମୁକ୍ତାରମାନେ ପଢନ୍ତି । ଏହାପର ସ୍ଥଳ ବିଶେଷରେ ବଡ଼ ବଡ଼ ସ୍ଥାନୀୟ ସଭାମାନଙ୍କର ମତ ନିଆଯାଏ ଏବଂ ସ୍ଥାନୀୟ ହାକିମମାନେ ନିଜର ଓ ଆପଣା ଆପଣା ଏଲାକାର ଦେଶୀୟ ଭଦ୍ର ଲୋକଙ୍କ ମତ ସଂଗ୍ରହ କରି ରିପୋର୍ଟ କରନ୍ତି । ଏପ୍ରକାର ଅନେକ ମୂଲ୍ୟବାନ୍ ମତ ଏକତ୍ରିତ ହୋଇ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହୁଅଇ । ଏହା ମଧ୍ୟ ସ୍ମରଣ ରଖିବାକୁ ହେବ ଯେ ଏକ ଏକ ପ୍ରଧାନ ପାଣ୍ଡୁଲିପି ବିଶେଷରେ ବଡ଼ ବଡ଼ ଏକତ୍ରୀଭୂତ ଆଇନର ପାଣ୍ଡୁଲିପି ଏମନ୍ତ ଜଟିଳ ବିଷୟ ଯେ କେତେ ପରିଷ୍କାରରୂପେ ଲେଖା ହୋଇ ଥିଲେହେଁ ପ୍ରଚୁର ଟୀକା ସାହାଯ୍ୟରେ ମଧ୍ୟ ଅତ୍ୟନ୍ତ ବହୁଦର୍ଶୀ ଭିନ୍ନ ଅନ୍ୟ କେହି ତହିଁରେ ପ୍ରବେଶ କରି ତହିଁର କାର୍ଯ୍ୟକର ସମାଲୋଚନା ପ୍ରଦାନ କରିବାକୁ ସକ୍ଷମ ହୁଅନ୍ତି ନାହିଁ । ବିଲାତରେ ମଧ୍ୟ ଏପ୍ରକାର ବ୍ୟବସ୍ଥା ସମ୍ପର୍କରେ ତହିଁର ବ୍ୟବସାୟୀ ସମ୍ପ୍ରଦାୟ ଛଡା ଦାନ୍ତ ଲୋକଠାରୁ ଅଳ୍ପ ସାହାଯ୍ୟ ମିଳଇ ଏବଂ ଭାରତବର୍ଷରେ ସେପ୍ରକାର ବ୍ୟବସ୍ଥାକୁ ଦେଶୀୟ ଭାଷାରେ ଅନୁବାଦ କରିବାର କଷ୍ଟ ହେତୁ ସେ ପ୍ରକାର ସାହାଯ୍ୟ ପାଇବାର ଆଶା ଅଳ୍ପତର ଜଣା ହୋଇଅଛି । ଅତଏବ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ବିବେଚନା କରନ୍ତି ବର୍ତ୍ତମାନ ଯେଉଁ ଉପାୟମାନ ଅଛି ତାହା ଯଥେଷ୍ଟ ନୁହଇ ଏବଂ ଅଧିକ ସୁବିଧା କରି ଦେବାର ବାଟ ଅଛି ।

ଉପର ଲିଖିତ କଥାମାନ ବିବେଚନା କରି ମହାମାନ୍ୟ ଗବର୍ଣ୍ଣର ଜେନରଲ ଏହି କଳ୍ପନା କରୁଅଛନ୍ତି ଯେ ବର୍ତ୍ତମାନ କୌଣସି ଆଇନର ପ୍ରସ୍ତାବ ହେଲେ ତହିଁର ଉଦ୍ଦେଶ୍ୟର ଯେପରି ଗୁଣ୍ଡିଏ ବିବରଣପତ୍ର ପ୍ରକାଶିତ ହୁଅଇ ତହିଁରୁ ଅଧିକ ସରଳ ଏବଂ ସମ୍ପୂର୍ଣ୍ଣ ପ୍ରକାରର ଗୁଣ୍ଡିଏ ବିବରଣପତ୍ର ପ୍ରସ୍ତୁତ ହେବ ତହିଁରେ ତା ତା ଘଟଣାରୁ ଉକ୍ତ ବ୍ୟବସ୍ଥାର ପ୍ରୟୋଜନ ହେଲା ଏବଂ ଏହା ବିଧିବଦ୍ଧ ହେଲେ ଏହାର ଫଳାଫଳ କ ହେବ ଏ ସମସ୍ତ ବୁଝାଇ ଦିଆ ଯିବ ଏବଂ ଏହି ବିବରଣ ସହିତ ପ୍ରସ୍ତାବୀ ନେମରଙ୍କ ବିକ୍ରି ଶସ୍ତା କାଗଜରେ ଛପା ହୋଇ ବିନା ମୂଲ୍ୟରେ ସମସ୍ତ ସମ୍ବାଦପତ୍ର ଏବଂ ମିଉନିସିପାଲିଟି ଓ ଲୋକାଲ ବୋର୍ଡ ଓ ଅନ୍ୟାନ୍ୟ ସଭା ପ୍ରଭୃତି ଯେଉଁମାନେ ସାଧାରଣ ବିଷୟରେ ସଂଲିପ୍ତ ହେବାର ଜଣା ଯିବ ସେମାନଙ୍କୁ ବାଣ୍ଟି ଦିଆ ଯିବ । ଆହୁରି ଏହି କାଗଜମାନ ଅତି ଅଳ୍ପ ମୂଲ୍ୟରେ ସର୍ବସାଧାରଣଙ୍କୁ ବିକ୍ରୟ ହେବ ଏବଂ କଚେରୀ ଅଦାଲତମାନଙ୍କରେ ରଖା ଯିବ ଯେ ସେଠାରେ ବିନା ମୂଲ୍ୟରେ ଲୋକେ ପଢ଼ି ପାରିବେ । ଆଇନ ଘଟିତ ଇଂରାଜୀ ପାରିଭାଷିକ ଶବ୍ଦମାନ ଦେଶୀୟ ଭାଷାରେ ଅନୁବାଦ କରିବା ଅତ୍ୟନ୍ତ କଠିନ ବ୍ୟାପାର । କେତେକ ଦେଶୀୟ ଭାଷା ଏମନ୍ତ ସଂକୀର୍ଣ୍ଣ ଯେ ଆରବୀ କିମ୍ବା ସଂସ୍କୃତ ଭାଷାର ବିଶେଷ ଯୋଗ ଭିନ୍ନ ସକଳଭାବ ତହିଁରେ ବ୍ୟକ୍ତ ହୋଇ ନ ପାରେ । ଅବଶ୍ୟ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ଆପଣା ଆପଣା ଅଧୀନ ରାଜ୍ୟରେ ପ୍ରଚଳିତ ଥିବା ଭାଷାମାନଙ୍କରେ ଶୁଦ୍ଧ ଅନୁବାଦ ଲାଭ କରିବାର ବନ୍ଦୋବସ୍ତ କରିବାକୁ ଏକା ସକ୍ଷମ ଏବଂ ସେମାନେ ଏଥିପାଇଁ ଯେ ଯେ ଉପାୟ ଅବଲମ୍ବନ କରିଅଛନ୍ତି ତାହା ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ । ଆଉ ଯଦ୍ୟପି ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ମନୋନୀତ କରିବେ ତେବେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଆପଣା ଅଧୀନସ୍ଥ ଅନୁବାଦ ମହଲମାରୁ ଏକପ୍ରସ୍ତ ଉର୍ଦ୍ଦୁ ଅନୁବାଦ ପ୍ରସ୍ତୁତ କରାଇ ଦେଇ ପାରିବେ ଯେ ତାହାକୁ ଆଦର୍ଶ କରି ଅନ୍ୟାନ୍ୟ ଭାଷାର ଅନୁବାଦକମାନେ କାର୍ଯ୍ୟ କରିବେ ।

ଉପର ଲିଖିତ ମତେ କୌଣସି ଆଇନର ପ୍ରସ୍ତାବ ବିଷୟକ ଇଂରାଜୀ କାଗଜ ଏବଂ ତହିଁର ଅନୁବାଦ ସମ୍ପାଦକ ଓ ସଭା ଓ ବ୍ୟକ୍ତି ବିଶେଷଙ୍କୁ ବଣ୍ଟା ହେଲା ଉତ୍ତାରୁ ସମ୍ବାଦପତ୍ରମାନଙ୍କରେ ତହିଁ ସମ୍ପର୍କରେ ଯେ ସମସ୍ତ ମତାମତ ପ୍ରକାଶ ହେବ ସେମାନ ସମ୍ପୂର୍ଣ୍ଣ ଅଥବା ତହିଁର ସଂକ୍ଷିପ୍ତ ବିବରଣ ବ୍ୟବସ୍ଥାପକ ସଭାର ସଭ୍ୟମାନଙ୍କ ନିକଟକୁ ପଠା ଯିବ ଏବଂ ମତମାନ ସଂଗ୍ରହ କରିବା କାରଣ ଉଚିତ ସମୟ ଅପେକ୍ଷା କରିବାକୁ ହେବ ଯେମନ୍ତ କି ସାଧାରଣଙ୍କ ମତ ଜାଣିବା ପୂର୍ବରେ କୌଣସି ଗୁରୁତର ବ୍ୟବସ୍ଥାର ମୀମାଂସା ହୋଇ ନ ଯାଏ । କେଉଁ ବ୍ୟବସ୍ଥା ସମ୍ପର୍କରେ କେତେକାଳ ଅପେକ୍ଷା କରିବା ଉଚିତ ଏ ବିଷୟରେ କିଛି ନିର୍ଦ୍ଦିଷ୍ଟ ନିୟମ ହୋଇ ନ ପାରେ କେବଳ ଅତି ଚଞ୍ଚଳତା ନିବାରଣ ପକ୍ଷରେ ଏହିପରି ନିୟମ କଲେ ଯଥେଷ୍ଟ ହେବ କି ପ୍ରତ୍ୟେକ ଦେଶୀୟ ଭାଷାରେ କେଉଁ ତାରିଖରେ ଅନୁବାଦ ପ୍ରସ୍ତୁତ ହୋଇଅଛି ସିଲେକ୍ଟ କମିଟି ଆପଣା ରିପୋର୍ଟରେ ତାହା ଲେଖିବେ ଓ ତହିଁରୁ ବ୍ୟବସ୍ଥାପକ ସଭା ସ୍ଥିର କରି ପାରିବେ ଯେ ସାଧାରଣ ମତ ପ୍ରକାଶ ସକାଶେ ଉଚିତ ସମୟ ଦିଆ ଯାଇଅଛି କି ନାହିଁ । କୌଣସି ଆଇନର ପାଣ୍ଡୁଲିପି ଏକଥର ପ୍ରକାଶ ହେଲା ଉତ୍ତାରୁ ତହିଁରେ ବିଶେଷ ଫେର ବଦଳ ହେଲେ ଅବସ୍ଥାମତେ ପୁନର୍ବାର ଉପରଲିଖିତ ନିୟମରେ ସର୍ବସାଧାରଣଙ୍କୁ ଜଣାଇ ଦିଆ ଯିବ ।

ଏହି ସମସ୍ତ ପ୍ରସ୍ତାବ ଏକପତ୍ରରେ ସନ୍ନିବେଶିତ ହୋଇ ବ୍ୟବସ୍ଥାପକ ମହଲମାର ସେକ୍ରେଟେରୀ ସାହେବ ସରକ୍ୟୁଲାର ସ୍ୱରୂପ ସକଳ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଏବଂ ସମ୍ପାଦକମାନଙ୍କ ନିକଟକୁ ପଠାଇଦେଇ ସର୍ବସାଧାରଣଙ୍କର ମତାମତ ଜାଣିବାକୁ ପ୍ରାର୍ଥନା କରିଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ଆଇନ ଘଟିତ ନୂତନ ପ୍ରସ୍ତାବମାନ ସରଳ ଭାଷାରେ ସର୍ବସାଧାରଣଙ୍କ ଜ୍ଞାତସାରରେ ଆଣିବାର ଏବଂ ସେମାନଙ୍କ ମତ ଏକତ୍ରିତ କରି ବ୍ୟବସ୍ଥାପକ ସଭାର ସଭ୍ୟମାନଙ୍କୁ ଜଣାଇବା ବିଷୟରେ ସ୍ୱୟଂ ମହାମାନ୍ୟ ଲର୍ଡ଼ ରିପନ ଯେଉଁ ପ୍ରସ୍ତାବ କରିଥିଲେ ତହିଁରୁ ଅଧିକ କିଛି କରିବାର ପରାମର୍ଶ ଦେବା ଅସମ୍ଭବ । ଏହି ନିୟମମାନ ଯଥାବିହିତରୂପେ ପ୍ରତିପାଳିତ ହେଲେ ଯଥେଷ୍ଟ ହେବ ଏବଂ ଏତେ ସୁବିଧା କରିଦେବା ଉତ୍ତାରୁ ଯେବେ ସର୍ବସାଧାରଣ ଆପଣା ଆପଣା ମତାମତ ପ୍ରକାଶ କରିବାକୁ ଆଳସ୍ୟ କରିବେ ତେବେ ତହିଁରେ ଦୋଷ କାହାର ? କେବଳ ଏତିକି କଥା ହେଉଅଛି କି ଏକ ଏକ ସମୟରେ ଏ ଦେଶର ଅବସ୍ଥା ପ୍ରତି ଦୃଷ୍ଟି ନ ରଖି ଶାସନକର୍ତ୍ତାମାନେ ବିଲାତର ବ୍ୟବସ୍ଥା ଏଠାରେ ଚଳାଇବାର ଚେଷ୍ଟା କରନ୍ତି ଓ ଏଠା ଲୋକେ କେତେ ଉନ୍ନତ ହୋଇ ନ ଥିବାରୁ ସେ ବ୍ୟବସ୍ଥା ବୁଝିବାକୁ ଅକ୍ଷମ ହୁଅନ୍ତି ସୁତରାଂ ମତାମତ ଦେଇ ନ ପାରନ୍ତି । ଏମନ୍ତ ସ୍ଥଳରେ "ମୌନାତ୍ ସମ୍ମତି ଲକ୍ଷଣଂ" ନ୍ୟାୟକୁ ଅନୁସରି ବ୍ୟବସ୍ଥାକାରମାନେ ଯେମନ୍ତ କାର୍ଯ୍ୟ କରନ୍ତି ନାହିଁ ତହିଁର କିଛି ଉପାୟ କରିବା ଉଚିତ ।

---

☞ ଏହି ଉତ୍କଳଦୀପିକା ପତ୍ରିକା କଟକ [illegible] ପ୍ରିଣ୍ଟିଙ୍ଗ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

ଉତ୍କଳଦୀପିକା ତା ୪ ରିଖ ମାହେ ନବମ୍ବର ସନ ୧୮୮୨ ମସିହା ।

( ସୁଲଭସମାଚାରରୁ ଉଦ୍ଧୃତ )

ଏ ଗୋଟିକି କି ମହାଭାରତର ଧୂମକେତୁ ?

ସମସ୍ତେ ଦେଖିଥିବେ ଯେ ଆଜ କାଲି ଆକାଶର ପୂର୍ବଦିଗରେ ସୂର୍ଯ୍ୟୋଦୟ ପୂର୍ବରେ ଗୋଟିଏ ପ୍ରକାଣ୍ଡ ଧୂମକେତୁ ଉଠୁଅଛି । ଧୂମକେତୁ ସବୁ ଗ୍ରହମାନଙ୍କ ତୁଲ୍ୟ ସୂର୍ଯ୍ୟକୁ ଠିକ ମଧ୍ୟରେ ରଖି ତହିଁର ଚତୁର୍ଦ୍ଦିଗରେ ବୁଲନ୍ତି ନାହିଁ । ସେମାନେ ଥରେ ସୂର୍ଯ୍ୟର ଅତି ନିକଟକୁ ଆସି ପୁଣି ସେଠାରୁ ବହୁତ ଦୂରକୁ ଚାଲି ଯାନ୍ତି ଏବଂ ପୁନରପି ବହୁତ ବର୍ଷ ପରେ ସୂର୍ଯ୍ୟର ନିକଟବର୍ତ୍ତୀ ହୁଅନ୍ତି । କୌଣସି ଧୂମକେତୁ ୩୪ ବର୍ଷ, କେହି ୭୫ ବର୍ଷ, କେହି ଚାରିଶବର୍ଷ ଏବଂ କେହି ତିନି ସହସ୍ରବର୍ଷ ଅନ୍ତରରେ ଫେରି ଆସି ସୂର୍ଯ୍ୟକୁ ପ୍ରଦକ୍ଷିଣ କରନ୍ତି । ପଣ୍ଡିତମାନେ ଏକଥା ମଧ୍ୟ କହନ୍ତି ଏରୂପ ଧୂମକେତୁ ଅଛନ୍ତି ଯେ, ସେମାନେ ଥରେମାତ୍ର ସୂର୍ଯ୍ୟକୁ ପ୍ରଦକ୍ଷିଣ କରି ତହିଁଉତ୍ତାରୁ କ୍ରମାଗତ ତାହାଠାରୁ ଦୂରକୁ ଚାଲି ଯାଇ ଆଉ କେବେ ଫେରି ଆସନ୍ତି ନାହିଁ । ଆଜକାଲି ଯେଉଁ ଧୂମକେତୁଟି ଉଠୁଅଛି ସେ ଗୋଟିକି ଯେ ଆଉ କେବେ ଉଠିଥିଲା ଜ୍ୟୋତିର୍ବିତ୍ତମାନେ ସେ ବିଷୟରେ କିଛି କହି ପାରୁ ନାହାନ୍ତି । ଯେତେଗୁଡ଼ିଏ ଧୂମକେତୁର ବୃତ୍ତାନ୍ତ ଜ୍ୟୋତିଷ ଶାସ୍ତ୍ରରେ ଲେଖା ଅଛି ତହିଁରୁ ଗୋଟିକର ମଧ୍ୟ ଲକ୍ଷଣ ଓ ଗତି ସଙ୍ଗରେ ଏହାର ମେଳ ହେଉ ନାହିଁ । ମହାଭାରତର ଉଦ୍ୟୋଗ ପର୍ବରେ ଲେଖାଅଛି ଯେ, କୁରୁକ୍ଷେତ୍ର ଯୁଦ୍ଧ ସମୟରେ ଗୋଟିଏ ପ୍ରକାଣ୍ଡ ଧୂମକେତୁ ଆକାଶରେ ଉଦୟ ହୋଇଥିଲା, ସେତେବେଳେ ନାନାପ୍ରକାର ଭୟଙ୍କର ଅସ୍ୱାଭାବିକ ବ୍ୟାପାରର ଉଲ୍ଲେଖ ଅଛି, "ଶୃଗାଳ ଓ କୁକ୍କୁର ସବୁ ପକ୍ଷିମାନଙ୍କ ସଙ୍ଗରେ ଏକତ୍ର ଆହାର କରୁଥିଲେ । ତିନିଶୃଙ୍ଗ, ଚାରିନେତ୍ର, ପଞ୍ଚଚରଣ ଅଥବା ଦୁଇ ମସ୍ତକଯୁକ୍ତ ଅସ୍ୱାଭାବିକ ଆକାର ଧାରୀ ଅମଙ୍ଗଳ ସୂଚକ ଜନ୍ତୁସବୁ ନେତ୍ରଗୋଚର ହୋଇଥିଲେ । କୁକ୍କୁରୀ ଗର୍ଭରୁ ଶୃଗାଳ ଓ ମୃଗଗର୍ଭରୁ କୁକ୍କୁର ସବୁ ଉତ୍ପନ୍ନ ହୋଇଥିଲେ । ଶୁକପକ୍ଷିମାନେ ଅଶୁଭ ବାକ୍ୟ ପ୍ରୟୋଗ କରୁଥିଲେ । କୌଣସି ସ୍ତ୍ରୀ ଏକାଥରକେ ପାଞ୍ଚୋଟି କନ୍ୟା ପ୍ରସବ କରିଥିଲା । କନ୍ୟାସବୁ ଜନ୍ମହେଲା ମାତ୍ରକେ ନୃତ୍ୟଗୀତ ଓ ହାସ୍ୟ କରିବାରେ ପ୍ରବୃତ୍ତ ହୋଇଥିଲେ । ନୀଚବଂଶୋଦ୍ଭବ କାଲ କୁଜା ପ୍ରଭୃତି ବିକଳାଙ୍ଗ ସବୁ ମହଦ୍ଭୟ ପ୍ରଦର୍ଶନ କରି ନୃତ୍ୟଗୀତ ଓ ହାସ୍ୟ କରୁଥିଲେ । ଶିଶୁମାନେ ହାତ ହାତରେ ଘେନି ପରସ୍ପରଙ୍କପ୍ରତି ଦୌଡୁଥିଲେ । ବୃକ୍ଷରେ କୁମୁଦ ଓ ପଦ୍ମସବୁ ଫୁଟିଥିଲା; ଜଳ ଝଡ଼ ଏବଂ ଧୂଳିରେ ଚତୁର୍ଦ୍ଦିଗ ଅନ୍ଧକାରମୟ ହୋଇଥିଲା । ଅନବରତ ଭୂମିକମ୍ପ ହେଉଥିଲା । ଏଣେ ରାହୁ ସୂର୍ଯ୍ୟ ନିକଟକୁ ଗମନ ଓ କେତୁ ଚିତ୍ରାନକ୍ଷତ୍ର ଆକ୍ରମଣ କରିଥିଲେ । ମହାଘୋର ଧୂମକେତୁ ଉଠିଥିଲା । ମଙ୍ଗଳ ବକ୍ରହୋଇ ମଘା ନକ୍ଷତ୍ରରେ ଓ ବୃହସ୍ପତି ଶ୍ରବଣାନକ୍ଷତ୍ରରେ ଅବସ୍ଥିତ କରୁଥିଲେ । ଶନି ଉତ୍ତରଭାଦ୍ରପଦନକ୍ଷତ୍ର ଆକ୍ରମଣ କରିଥିଲା । ଶୁକ୍ର ପୂର୍ବଭାଦ୍ରପଦରେ ଆରୋହଣ କରି ଶୋଭା ପାଉଥିଲା । ଦ୍ୱିତୀୟ ଉପଗ୍ରହ କେତୁ ସଧୂମ ପାବକତୁଲ୍ୟ ଜ୍ୟେଷ୍ଠା ନକ୍ଷତ୍ରକୁ ଆକ୍ରମଣ କରି ଅବସ୍ଥିତ କରୁଥିଲା । ଧ୍ରୁବନକ୍ଷତ୍ର ପ୍ରଜ୍ୱଳିତ ହୋଇ ବାମପାର୍ଶ୍ୱକୁ ପ୍ରବର୍ତ୍ତିତ ହୋଇଥିଲା । ଚନ୍ଦ୍ର ଓ ସୂର୍ଯ୍ୟ ରୋହିଣୀକୁ ପୀଡନ କରୁଥିଲେ ।

ଆମ୍ଭେମାନେ ଶୁଣୁଅଛୁଁ ଯେ ଏଥର ସମ୍ପୂର୍ଣ୍ଣରୂପେ କୁରୁକ୍ଷେତ୍ରଯୋଗ ଘଟିଅଛି ଏପରି ଆଉ କେବେ ହୋଇ ଥିଲା କି ନାହିଁ ସନ୍ଦେହ । କୁରୁକ୍ଷେତ୍ରର ମହା ଯୁଦ୍ଧ ସମୟରେ ତିଥି ନକ୍ଷତ୍ର ଯେରୂପ ଯୋଗ ହୋଇଥିଲା । ଏଥର ପଗ ସେହିପରି ହୋଇଅଛି । ସେଥର ବର୍ଷର ଠିକ ଏହି ସମୟରେ ଏକାଦଶୀ, ଦ୍ୱାଦଶୀ ଓ ତ୍ରୟୋଦଶୀ ତିଥିର ସଂଯୋଗରେ ତ୍ରିହସ୍ପର୍ଶ ହୋଇଥିଲା ପୂଜା ଉତ୍ତାରୁ ଠିକ ତାହାହିଁ ହୋଇଅଛି । କେହି୨ ଅନୁମାନ କରୁଅଛନ୍ତି କି ଏହି ଧୂମକେତୁଟି କୁରୁକ୍ଷେତ୍ରଯୁଦ୍ଧ ସମୟରେ ଉଠିଥିଲା; ଯଦ୍ୟପି ସେକଥା ସତ୍ୟ ହୁଏ ତେବେ ଏହା ତିନି ସହସ୍ରବର୍ଷ ଉତ୍ତାରେ ପୁଣି ଦେଖା ଦେଇଅଛି । ଜ୍ୟୋତିର୍ବିତ୍ ପଣ୍ଡିତମାନେ ପୁଙ୍ଖାନୁପୁଙ୍ଖ ଗଣନା କରି ଏଥିର ମୀମାଂସା କରିବେ ।

---

ଆମ୍ଭମାନଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖି ଅଛନ୍ତି ଯଥା;—

ଏବର୍ଷ ଦୁର୍ଗାପୂଜା ପର୍ବ ନିର୍ବିଘ୍ନରେ ନିର୍ବାହ ହୋଇଅଛି ମାହାଅଷ୍ଟମୀ ଦିନ ସହରରେ ଶ୍ରୀ ବିରେଜା ଠାକୁରାଣିଙ୍କ ନିକଟରେ ବହୁତ ଯାତ୍ରୀ ହୋଇଥିଲେ ସପ୍ତ ରାତ୍ର ପର୍ଯ୍ୟନ୍ତ ପୂର୍ବ ପ୍ରଚଳିତ ନିୟମାନୁସାରେ ଶ୍ରୀ ଠାକୁରାଣିଙ୍କ ପୂଜା ଓ ବଳି ଇତ୍ୟାଦି କାର୍ଯ୍ୟ ହୋଇଥିଲା ପୁଲିସ ଇନ୍ସପେକ୍ଟର ବାବୁ ରଘୁନାଥ ବୋଷ ଆପଣା ଅଧୀନସ୍ଥ ସମସ୍ତ ପୁଲିସ କର୍ମଚାରୀମାନଙ୍କ ଦେଉଳର ଚତୁଃପାର୍ଶ୍ୱରେ ନିଯୁକ୍ତ କରି ସ୍ୱୟଂ ସେ ସ୍ଥାନରେ ଉପସ୍ଥିତ ଥିବାରୁ କଣ୍ଟମାତ୍ର ଗୋଳମାଳ ବା ଦୁର୍ଘଟଣା ହୋଇ ନାହିଁ ମଧ୍ୟ ବାବୁ ମଉସୁଫ ପ୍ରତିଦିନ ଶ୍ରୀ ଠାକୁରାଣିଙ୍କ ଭୋଗ ସମୟରେ ଉପସ୍ଥିତ ଥାଇ ସୁବନ୍ଦୋବସ୍ତ କରିଥିବାରୁ ପୂର୍ବ ବର୍ଷମାନଙ୍କ ପରି କୌଣସି ଦୁର୍ଘଟଣ ଘଟି ନାହିଁ । ଏ ନଗରରେ ପାଞ୍ଚଗୋଟି ଦେବୀ ପ୍ରତିମା ପୂଜା ପ୍ରସ୍ତୁତ ହୁଅନ୍ତି ଦଶହରା ଦିନ ରାତ୍ରରେ ସେମାନେ ଏକତ୍ରରେ ଜଳକୁ ଯିବା ସମୟେ ବଜାର ଓ ଗଡ଼ ରାସ୍ତାମାନ ଲୋକାରଣ୍ୟ ହୋଇଥିଲା ଶ୍ରୀ ବାବୁ ଜଗନ୍ନାଥ ବସ୍ତିଭ ରାୟ ଓ ବାବୁ ରାମଶଙ୍କର ସେନଙ୍କ ମେଢ଼ମାନ ଉତ୍ତମରୂପେ ସୁସଜ୍ଜିତ ହୋଇଥିଲା ଏବର୍ଷ ପୂଜା ସମୟରେ ଶୁଖିଲା ପାଗ ହେବାରୁ ଯାତ୍ରିମାନଙ୍କର ବିଶେଷ କଷ୍ଟ ହୋଇ ନାହିଁ କେବଳ କଟେଇ କିଛି ପୂର୍ବରୁ ବିଶେଷ ଜଳବୃଷ୍ଟି ଓ ନଦୀମାନ ବୃଦ୍ଧି ହେବାରୁ ଅନେକମାନେ ଯତ୍ପରୋନାସ୍ତି କଷ୍ଟ ଭୋଗ କରିଅଛନ୍ତି ।

ବର୍ତ୍ତମାନ ଫସଲର ଅବସ୍ଥା ଉତ୍ତମ ହୋଇଅଛି ଆଉ ଜଳର ପ୍ରୟୋଜନ ନାହିଁ କିନ୍ତୁ ଏଥିମଧ୍ୟରେ ଗତ ଶୁକ୍ରବାର ରାତ୍ରରେ ଏକଅଣ୍ଡା ବୃଷ୍ଟି ହୋଇଥିଲା ପୁନଶ୍ଚ କାଲିଠାରୁ ମେଘାଚ୍ଛନ୍ନ ହୋଇ ଏକ୨ ଅଣ୍ଡା ବୃଷ୍ଟି ହେଉଅଛି ଏ ସମୟରେ ଅଧିକ ବୃଷ୍ଟି କିମ୍ବା ତୋଫାନ ହେଲେ ବିଶେଷ ଅନିଷ୍ଟ ହେବାର ଆଶଙ୍କା ହେଉଅଛି । ବର୍ତ୍ତମାନ ଏ ନଗରରେ କୌଣସି ରୋଗର ବିଶେଷ ପ୍ରାଦୁର୍ଭାବ ନାହିଁ ।

ଆମ୍ଭମାନଙ୍କ ଡେପୁଟୀ କଲେକ୍ଟର ବାବୁ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟା ଆଗାମୀ ନବେମ୍ବର ମାସ ତା ୫ ରିଖରେ ମଫସଲ ଯାତ୍ରା ଆରମ୍ଭ କରିବାର ଭାଗଣ ଧାର୍ଯ୍ୟ କରିଅଛନ୍ତି ।

---

# ସାପ୍ତାହିକ ସଂବାଦ ।

ମାନ୍ଦ୍ରାଜ ଟାଇମସ୍ ଜଣେ ଲେଖିଅଛନ୍ତି ଯେ ସନ ୧୮୮୧ ମସିହାରୁ ଏପର୍ଯ୍ୟନ୍ତ ଅନ୍ୟୂନ ଚାରି ଗୋଟା ଧୂମକେତୁ ( ଲଞ୍ଜିତାରା ) ଦେଖାଗଲା । କିନ୍ତୁ ଏତେ ଶୀଘ୍ର୨ ଧୂମକେତୁ ଦେଖାଯିବାର କାରଣ କଣ ? ଆମ୍ଭମାନଙ୍କର ବର୍ତ୍ତମାନ ଧୂମକେତୁ ଅବଧି ଦୃଷ୍ଟ ହେଉଅଛି ମାତ୍ର ପୂର୍ବପ୍ରାପ୍ୟ ତହିଁର ସେତେ ତେଜ ନାହିଁ ଏବ ଲାଙ୍ଗୁଡ଼ା ଅନେକ ଅସ୍ପଷ୍ଟ ହୋଇ ଗଲାଣି । ଏବେ କେବଳ ଦକ୍ଷିଣରୁ ତାହା ଦୃଷ୍ଟ ଯାଉଥିବାର ଦେଖାଯାଏ ।

ହିନ୍ଦୁସ୍ଥାନ ଗବର୍ଣ୍ଣମେଣ୍ଟ ଗୋ ୨୦୦ ଟି ବଳଦ ଲଙ୍ଗଳ ଆଣାଇ ତାହା ସେଠା ଏକ ଟଙ୍କାର ଜମିଦାରମାନଙ୍କୁ ବିକ୍ରୟ କରିବା କାରଣ ମନସ୍ଥ କରିଥିବାର ସମ୍ବାଦ ମିଳେ । ଏ ଗୋଟି ଉତ୍ତମ କାର୍ଯ୍ୟ—ଏଥିର ଫଳ ଭଲ ହେଲେ ଦେଶରେ ଶୀଘ୍ର ତାହା ପ୍ରଚଳିତ ହେଇ ଯିବ ।

ଗତମାସ ତା ୧୫ ରିଖଠାରୁ ସେନ୍ସସ ( ଲୋକସଂଖ୍ୟା ) କଚେରିର କର୍ମ ଶେଷ ହେଲରୁ ତାହା ଉଠାଇ ଦିଆ ହୋଇ ଯାଉଥିବାର ଶୁଣାଯାଏ । ଅବଶେଷରେ ଏତେ ଦିନରେ ସେନ୍ସସ କାର୍ଯ୍ୟ ଶେଷ ହେଲା । ଦେଢ଼ ବର୍ଷର ପରିଶ୍ରମର ଫଳ ଶୀଘ୍ର ଦାଣ୍ଡକୁ ବାହାରିବ ।

ରୁଷିଆ ରାଜ୍ୟ ଅତି ବୃହତ । ତହିଁର ଏକ ଅଂଶ ର ଯାହା ଅସିଆରେ ଅଛି ତାକୁ ଅସିଆଟିକ ରୁଷିଆ ବା ସାଇବେରିଆ ବୋଲନ୍ତି । ଏହି ସାଇବେରିଆର ଜଳବାୟୁ ନିତାନ୍ତ ମନ୍ଦ, ଏଥିଁ ସେଠାରେ ଗଡ଼ ଅଳ୍ପ ଲୋକେ ବାସ କରନ୍ତି । ରୁଷିଆ ରାଜ୍ୟରେ କେହି କଠିନ ଅପରାଧ କଲେ

Split by PDF Splitter

Digitized by srujanika@gmail.com

ମି ୭ ଘଣ୍ଟା ପୂର୍ବରୁ କଲିକତାରେ ଲୋକେ ଭୂମିକମ୍ପ ଅନୁଭବ କରି ପାରିଥିଲେ ।

ବର୍ଦ୍ଧମାନଠାରେ ପୁଣି ଏକ ସଭା ହେବାର ସମ୍ବାଦ ପାଯାଯାଏ । ସମ୍ପ୍ରଦାୟ ସନ୍ନ୍ୟାସୀମାନଙ୍କ ମଧ୍ୟରେ ଏହିଠାରେ ପାଞ୍ଚବର୍ଷ ତଳେ ଏକ ସଭା ବାହା ସ୍ଥାପିତ ହୋଇଥିଲା । ବର୍ତ୍ତମାନ ଯେଉଁ ସ୍ତ୍ରୀ ଲୋକଟି ଅଧ୍ୟକ୍ଷତା କରୁଅଛି ସେ ବନ୍ଦୋବସ୍ତ ଓ ସ୍ୱେଚ୍ଛାକ୍ରମେ ସେପରି କରିବାର କଥିତ ହୁଏ । ବର୍ଦ୍ଧି ଓ ପକ୍ଷୀମାନେ ଅଚଳ୍ପ ଏଥିର କୌଣସି ଓର ପାଇ ନ ପାରି ନାହାନ୍ତି । ଯାହାହେଉ ସ୍ୱୀକାରୁ ତାହା ନିବାରଣ କରି ପାରି ନାହାନ୍ତି । ଏଥିର ବହୁତ ଅନୁସନ୍ଧାନ ହୋଇ ଅବଧି ନ ୧୨ ଶ ଲୋକ ଧରା ପଡ଼ିଅଛନ୍ତି । ଏମାନଙ୍କୁ କଠିନ ଦଣ୍ଡ ଦେବାର ଉଚିତ । କଥିତା ବବାଦର ବାହ ଫିଟିଥିବା ସମୟରେ ଏଭଳ ପଶୁ ବ୍ୟବହାରର ଅର୍ଥ କଣ ?

ଜର୍ମଣୀର ଜଣେ ପଣ୍ଡିତ ଏକ ପ୍ରକାର ଗୋଲ ପ୍ରସ୍ତୁତ କରିଅଛନ୍ତି ଯେ ତାହା ଯୁଦ୍ଧରେ ବ୍ୟବହାର କଲେ ଗାଉ ମନୁଷ୍ୟ ମରିବ ନାହିଁ । ଅଥଚ ଲୋକମାନେ କେବଳ ଦୂର ଏକ ଧନ ମୂର୍ଚ୍ଛିତ ହୋଇ ପଡ଼ି ରହିବେ । ସେମାନେ ମଲେ ଶତ୍ରୁମାନଙ୍କର ଯେଉଁପ କାର୍ଯ୍ୟ ହୁଏ ସେମାନେ ଅଚେତନ୍ୟ ଓ ଅକର୍ମଣ୍ୟ ହୋଇଥିଲେ ମଧ୍ୟ ଠିକ ସେହିରୂପ କାର୍ଯ୍ୟ ହେବ ଅଥଚ ସେମାନେ ପ୍ରାଣରେ ନଷ୍ଟ ହେବେ ନାହିଁ । ସଭ୍ୟତା ଓ ବିଜ୍ଞାନ ସେ କଣ କରି ନ ପାରେ ତାହା କଏ ଜାଣେ ?

ଜର୍ମାନ ଦେଶରେ ଗୋଟିଏ କଲ ପ୍ରସ୍ତୁତ ହୋଇଅଛି । ଉକ୍ତ ବକ୍ତାମାନଙ୍କର ବକ୍ତୃତା ଅପଣାଛାଏଁ ଲେଖା ହୋଇ ଯାଏ । ଫଟୋଗ୍ରାଫରେ ଯେଉଁପେ ମନୁଷ୍ୟର ପ୍ରତିମୂର୍ତ୍ତି ଉଠେ ଏହି କଲ ଯୋଗେ ସେହିରୂପ ମନୁଷ୍ୟର କଥା ଗୁଡ଼ିକର ଠିକ ପ୍ରତିରୂପ ଉଠୁଅଛି ।

ଭାରତବର୍ଷରେ ସର୍ବଶୁଦ୍ଧା ବର୍ତ୍ତମାନ ୧୭୨ ଭାଷା ଚଳୁଅଛି ଯଦି ସମୁଦାୟ ଦେଶରେ ଗୋଟିଏ ଭାଷା ଥାନ୍ତା ତାହା ହେଲେ ଯେ କେତେ ସୁବିଧା ହୁଅନ୍ତା ତାହା କୁହା ଯାଇ ନ ପାରେ ।

ଅଷ୍ଟ୍ରେଲିଆର ରେଲୱେ ଷ୍ଟେସନରୁ ଏକ ମାଇଲ ଅନ୍ତରରେ ଗୋଟିଏ ହୀରକର ଖଣି ଆବିଷ୍କୃତ ହୋଇଅଛି । ଏହି ଖଣିରେ ଯେଉଁ ସକଳ ମଣି ମିଳୁଅଛି ସେଥି ମଧ୍ୟରୁ କୌଣସି ଗୋଟିକର ପରିମାଣ ଅଢ଼େଇପା ରତିଠାରୁ ଅଧିକ ନୁହେ ସବୁ ମଣି ଗୁଡ଼ିକ ଉତ୍କୃଷ୍ଟ ଶ୍ରେଣୀର ଅଟଇ ।

ନବାବ ଅବଦୁଲ ଲତିଫ ଖାଁ ବାହାଦୁର ପୁନା ଓ ହାଇଦ୍ରାବାଦରେ ଭ୍ରମଣ କରି ବର୍ତ୍ତମାନ ମାନ୍ଦ୍ରାଜରେ ଅବସ୍ଥିତ କରୁଅଛନ୍ତି । ପୁନାରେ ଅବସ୍ଥିତ କରିବା ସମୟରେ ସେ ସେଠାରେ ବିଶେଷ ସମାଦର ପ୍ରାପ୍ତ ହୋଇଥିଲେ । ପୁନାରେ ସେ ସେ କେବଳ ମୁସଲମାନ ସମାଜଦ୍ୱାରା ସମାଦର ପ୍ରାପ୍ତ ହୋଇଥିଲେ ଏମନ୍ତ ନୁହେ, ତଦ୍‌ଭିନ୍ନ ସ୍ୱିଟ୍ଜର ଏବଂ ସାର ଜେମସ୍ ଫାର୍ଗୁସନ ପ୍ରଭୃତି ସମ୍ଭ୍ରାନ୍ତ ସାହେବମାନେ ତାହାଙ୍କୁ ଅନେକ ଆଦର କରିଥିଲେ । ଏହା କହିବା ବାହୁଲ୍ୟ ଅଟଇ ଯେ ସେ ହାଇଦ୍ରାବାଦରେ ଅବସ୍ଥିତ କରିବା ସମୟରେ ସମ୍ଭ୍ରାନ୍ତମାନଙ୍କଦ୍ୱାରା ବିଶେଷରୂପେ ସମ୍ମାନିତ ହୋଇଅଛନ୍ତି, ଏବଂ ସେ ସାର ସାଲର ଜଙ୍ଗ ବାହାଦୁରଙ୍କର ଆତିଥ୍ୟ ସ୍ୱୀକାର କରି ବିଲକ୍ଷଣ ସମାଦର ପ୍ରାପ୍ତ ହୋଇଥିଲେ । ଇତ ପର ବ୍ୟଗତ ନିଜାମ ତାହାର ସହିତ ସାକ୍ଷାତ କରନ୍ତି ନାହିଁ । କିନ୍ତୁ ସେ ତାହାଙ୍କର ସାକ୍ଷାତ ପାଇଥିଲେ । ହାଇଦ୍ରାବାଦର ଅଞ୍ଜୁମାନ ଅଶାଓଆଇସଲାମ କର୍ତ୍ତୃକ ଗୋଟିଏ ସଭା ଆହୂତ ହୋଇଥିଲା ଏହି ସଭାରେ ଅବଦୁଲ ଲତିଫ ଖାଁ ବାହାଦୁର ମୁସଲମାନମାନଙ୍କର ଶିକ୍ଷା ଓ ସେମାନଙ୍କ ଉନ୍ନତି ସମ୍ବନ୍ଧରେ ଉର୍ଦ୍ଦୁ ଭାଷାରେ ଗୋଟିଏ ସୁନ୍ଦର ବକ୍ତୃତା କରିଥିଲେ । ମାନ୍ଦ୍ରାଜରେ ସେ ନବାବ ମାହବର ଅଲଙ୍ଗା ବାହାଦୁରଙ୍କର ଆତିଥ୍ୟ ସ୍ୱୀକାର କରିଥିଲେ ଗଲ ବର୍ଷଠାରୁ ମାନ୍ଦ୍ରାଜକୁ ଆସିବା ସମୟରେ ସାଲ ଟି ମାଧବରାଓଙ୍କ ସହିତ ତାହାଙ୍କର ସାକ୍ଷାତ ହୋଇ ଥିଲା ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟେଷୁ !

ମହାଶୟ !

ବର୍ତ୍ତମାନକୁ ଏଦେଶରେ ସନ୍ଧ୍ୟା ପୂର୍ବଦିଗରେ ଶୃଗ ବାଜିବା ପରେ ଏକଗୋଟି ଧୂମକେତୁ ଦେଖା ଯାଉଅଛି ଆମ୍ଭର ନିକଟକୁ ସେଥି ସମ୍ବନ୍ଧରେ ସିଦ୍ଧବାକପେୟ ସ୍ମୃତି ଦେଖି ଜଣେ ଆତ୍ମୀୟ ଆମ୍ଭର ଯେପରି ଲେଖିଅଛନ୍ତି ତାହା ଛଳେ ଆପଣଙ୍କ ଗୋଚର କାରଣ ଲେଖିଲୁଁ ଯଥା ;

କେତୁମାନେ ସହସ୍ରେ ହୁଅନ୍ତି ଏଥି ମଧ୍ୟରୁ କେହି ଉଦାଳକ ଜନତ କେତେବା ଇନ୍ଦ୍ରନନ୍ଦନ ଜାତ କେତେବା ଯମଙ୍କର ପୁତ୍ର ବୋଲି କଥିତ ହୁଅନ୍ତି । ତନ୍ମଧ୍ୟରୁ ଏହି ଉଦୟ ହେଉଥିବା କେତୁ ଯମଙ୍କର ପୁତ୍ର ଏହାର ନାମ କଳକେତୁ ଅଟେ ଏହି କେତୁର ଉଦୟ ପୂର୍ବରୁ ପୃଥିବୀରେ ଶୃଗାଳ ଭୟ ହେଉଥାଏ ଏ ତିନିଶତ ବର୍ଷ ନଅମାସରେ ଥରେ ଉଦୟ ହୁଏ ଏ କେତୁ ଦକ୍ଷିଣ ଆଗ୍ନେୟ କୋଣରେ ନକ୍ଷତ୍ର ମୁଖରୁ ବାହାର ହୁଏ ଆଉ ଦକ୍ଷିଣ ଦିଗକୁ ଶିଖା ତ୍ୟାଗ କରିଥାଏ ଏହାର ଉଦୟରେ ଦେଶୋପଦ୍ରବ ଅନାବୃଷ୍ଟି ମଡ଼କ ଦୁର୍ଭିକ୍ଷ ରାଜନଷ୍ଟ ଓ ଯୁଦ୍ଧ ହୁଏ ଆଉ ଯେତେଦିନ ଉଦୟ ହୁଏ ତେତେବର୍ଷ ପର୍ଯ୍ୟନ୍ତ ଫଳ ଦିଏ ।

ତା ୮।୧୦।୮୨ } ଗୋପିନାଥଗୁରୁ
} ଡାଃ କଳାହାଣ୍ଡି

ମହାଶୟ !

ଆମ୍ଭ କୁହୁଡ଼ ଜିଲ୍ଲାନ୍ତର୍ଗତ ଗଡ଼ଓରଡ଼ ସ୍କୁଲ ମାଷ୍ଟର ଲାଲା ଫକୀରଚରଣରାୟ ଓ ତାଙ୍କ ଛାତ୍ର ଶ୍ୟାମସୁନ୍ଦରମଙ୍ଗରାଜ ଦଳବେହେରା ଏ ଦୁଇଜଣ ଆମ୍ଭ ଓରଡ଼ଗଡ଼ ଇଲାକା ଓରଡ଼ ପାଇଓରଡ଼ ସିଙ୍ଗରମା ବ୍ରାହ୍ମଣିଡିହ ବଡ଼ପୋଖରି ଆପଟଣ ବରକୋ ପଣସପୁର ଇତ୍ୟାଦି ମଉଜାମାନଙ୍କରୁ ସମ୍ଭ୍ରାନ୍ତ ଓ ଭଦ୍ରଲୋକମାନଙ୍କୁ ଆମନ୍ତ୍ରଣ କରି ଚଳିତମାସ ତା ୨୩ ରିଖ ସୋମବାର ଦିନ ଘ ୮ ଟା ସମୟରେ ଏହି ବିଦ୍ୟାଳୟ ଗୃହରେ ସଭା କରାଇଥିଲେ ପ୍ରାୟ ନ ୬୦ ଣ ଉପସ୍ଥିତ ହୋଇଥିଲେ ଏବଂ କୃଷ୍ଣଚରଣ ପଟ୍ଟନାୟକ ସଭାପତିର ଆସନ ଗ୍ରହଣ କରିଥିଲେ ସେଥିରେ ସଭ୍ୟ ଅନାଥବନ୍ଧୁମର୍ଦ୍ଦରାୟ ଓ ଅଭୟଚରଣ ପଟ୍ଟନାୟକ ଓ ରମେଶର କୋଠକରଣ ଭଗୀରଥି ପଟ୍ଟନାୟକ ଓ ପକାଲୋ ମଉଜର ସରବରାହକାର ସତ୍ୟବାଦୀ ବସୋଇ ଇତ୍ୟାଦି ସଭ୍ୟମାନେ ଉପସ୍ଥିତ ଥିଲେ ପ୍ରଥମ ସଭାପତି କୃଷ୍ଣଚରଣ ପଟ୍ଟନାୟକ କୋଠକରଣ ତା ୧୪ ରିଖର ଉତ୍କଳଦୀପିକାରେ ଲେଖାଥିବା ବାଳିକା ବିଦ୍ୟାଳୟ ବିଷୟକ ପ୍ରବନ୍ଧକୁ ଲକ୍ଷକରି ସ୍ତ୍ରୀ ଶିକ୍ଷାର ଆବଶ୍ୟକତା ଏକ ବକ୍ତୃତାଦ୍ୱାରା ପାଠକମାନଙ୍କୁ ବୁଝାଇଦେଲେ ଓ ଆପଣା ୨ ସ୍ତ୍ରୀ ପିଲ୍ଲମାନଙ୍କୁ ବିଦ୍ୟା ଶିକ୍ଷା ଦେବା କାରଣ ସଭ୍ୟମାନଙ୍କୁ ଅନୁରୋଧ କଲେ ସେଠାରୁ ସଭ୍ୟମାନେ ସ୍ୱୀକାର କଲେ ତନ୍ମଧ୍ୟରୁ ଶ୍ୟାମସୁନ୍ଦରମଙ୍ଗରାଜ ଦଳବେହେରା ଏକ ବକ୍ତୃତା କଲେ ଯେ ଶୁଣିବାକୁ ବଡ଼ କୋମଳ ଓ ମିଷ୍ଟ ହୋଇଥିଲା ଅନ୍ୟାନ୍ୟ ବିଷୟରେ ସେ କହିଲେ କି ଅମ୍ଭେ ଭରସା କରୁଁ ଛାତ୍ରମାନେ ଉଚିତ ସମୟ ପର୍ଯ୍ୟନ୍ତ ବିଦ୍ୟାଳୟରେ ଶିକ୍ଷା କରି ପରୀକ୍ଷୋତ୍ତୀର୍ଣ୍ଣ ହେବେ ଆମ୍ଭେମାନେ ସସମ୍ଭ୍ରମ ପ୍ରତି ବର୍ଷ ଏ ବିଦ୍ୟାଳୟର ଉନ୍ନତି ଦେଖୁଥିବୁଁ ସମସ୍ତ ସଭ୍ୟ ସ୍ୱୀକାର କରି ସେଥିରୁ ତିନିଜଣ ସଭ୍ୟ ଅନାଥବନ୍ଧୁମର୍ଦ୍ଦରାୟ ଓ ଅଭୟଚରଣ ପଟ୍ଟନାୟକ ଓ ଭଗୀରଥି ପଟ୍ଟନାୟକ ଏ ତିନିଜଣ ବକ୍ତୃତା କଲେ କି ଆମ୍ଭ ଏଠା ଶିକ୍ଷା ବିଭାଗ କର୍ମଚାରୀମାନେ ସ୍ତ୍ରୀ ପିଲ୍ଲ ପଠନ ବିଷୟରେ ଉପଦେଶ ଦେଉନାହାନ୍ତି ଯଦି ଉପଦେଶ ଦେଇଥାନ୍ତେ ତେବେ ଅବଶ୍ୟ ସ୍ତ୍ରୀ ପିଲ୍ଲମାନେ ପଠନ କରୁଥାନ୍ତେ ମାତ୍ର ପୁରୁଷ ପିଲ୍ଲମାନଙ୍କୁ ଶିକ୍ଷା ଦେବା ବିଷୟ ଶିକ୍ଷା ବିଭାଗ କର୍ମଚାରୀମାନେ ଆମ୍ଭ ଏଅଞ୍ଚଳରେ ଉପଦେଶ ଦେବାରୁ ଦିନକୁଦିନ ଉନ୍ନତି ହେଉଅଛି ଯଦି ସରକାର କର୍ମଚାରୀ କିମ୍ବା ଶିକ୍ଷା ବିଭାଗ କର୍ମଚାରୀ ସ୍ତ୍ରୀ ପିଲ୍ଲ ପଠନ ବିଷୟରେ କୌଣସି ପରୱାନା କିମ୍ବା ବିଜ୍ଞାପନ ଜାରି କରନ୍ତି ତେବେ ଆମ୍ଭେମାନେ ସ୍ତ୍ରୀ ପିଲ୍ଲମାନଙ୍କୁ ଅବଶ୍ୟ ପଠନ କରାଇବୁଁ ଏତିକି କହିବାରୁ ସଭା ଭଙ୍ଗ ହେଲା ଆମ୍ଭ ସମସ୍ତ ପ୍ରଜାମାନଙ୍କର ପ୍ରାର୍ଥନା ଏହି କି ସରକାର କର୍ମଚାରୀ କିମ୍ବା ଶିକ୍ଷା ବିଭାଗ କର୍ମଚାରୀମାନେ ଯଦି କୌଣସି ପରୱାନା ଏଠା ମାଷ୍ଟରମାନଙ୍କ ପାଖକୁ କି ସେ ନିଜେ ଆସି ଉପଦେଶ ଦେଲେ ଆମ୍ଭେମାନେ ଅନ୍ତର ସହିତ ଚରବାଧିତ ହେବୁଁ ।

ସମସ୍ତ ପ୍ରଜାମାନେ ।

Split by PDF Splitter

Digitized by srujanika@gmail.com

Split by PDF Splitter

276



## ADVERTISEMENTS.

### ORISSA COASTING STEAM NAVIGATION COMPANY, "LIMITED."

#### PROSPECTUS.

The primary object of forming the company has been to develope more fully the present Passenger and Goods traffic between Calcutta and Chandbally, with the ulterior view of extending the same to Cuttack by means of the Government Canal.

In view of the increasing number of Native passengers that avail themselves of this route towards the shrine at Juggernath, and who it is expected will increase if better accomodation, and, by a fast steamer, quicker passage can be obtained. It has been decided to order a new steamer built for this special purpose from England, or if a suitable one can be obtained ready made, to purchase the same, and to run such a vessel in conjunction with the existing Steamer "Reliance," so as to constitute a regular service twice a week.

The Capital fixed for such a purpose is Rs. 400,000, in Shares of Rs. 100 each, of which Rs. 20 is to be paid on application, and Rs. 30 by 15th October next; further calls shall be made when necessary, but it is calculated that not more than 75 per cent. of the entire Capital will be called up during the next 6 months. Of this amount the payment to Baboo Ramkissen will absorb Rs. 71,000, and the estimated amount for the new steamer Rs. 200,000, total Rs. 271,000, which would leave an ample balance for working capital or towards future requirements of the Company.

The profits hitherto obtained by working the Steamer "Reliance" alone, shew during the last 6 months a nett profit equal to a dividend of 8½ per cent. upon a Capital of Rs. 300,000, but with the addition of the proposed steamer to form the Company's property hereafter, considerable increase of earnings may be expected, which after providing a 'Reserve' and 'Wear and Tear' Fund, will considerably add to the dividend, whilst the additional expense to the Establishment will be comparatively trifling, and the security of the undertaking placed upon a broader basis.

Native passengers by this route will value speed above all things, and will readily pay a small extra fare, if the voyage can be accomplished in one day, with a minimum of personal discomfort.

The personal influence and connection of Baboo Ramkissen, who has practically worked this business for some time, insures for it a certain amount of success, and the board is glad to have secured his services and large interest in the undertaking by appointing him Managing Agent, who is so sanguine as to the success of the undertaking that he guarantees to the shareholders a dividend equal to interest at 12 per cent per annum for two years certain, on their actual outlay. The Steamer "Relience" is now in good working order, and will be delivered over to the Company with her present certificate, so that her earnings will commence as soon as the Company is formed.

HAJEE NOOR MOHOMED JACKERIAH, J. KHUNNAH, R. D. MEHTY, } *Directors.*

For further information apply to Bosu Deoji, Agent at Buxi Bazar opposite to the Telegraph office, Cuttack.

ବିଜ୍ଞାପନ ।

[illegible]

[illegible]

[illegible]

ବିଜ୍ଞାପନ ।

ଓଡ଼ିଆ ନାଟକ ।

କାଞ୍ଚୀ କାବେରୀ

ବା

[illegible]

[illegible]

[illegible]

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୭ ଶ
ସଂ ୪୪ ସଂଖ୍ୟା

ତା ୧୧ ଏସ ମାହେ ନବେମ୍ବର ସନ ୧୮୮୨ ମସିହା । ମୂ । କାର୍ତ୍ତିକ ତା ୨୮ ଭ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୫ ୧ | ଟ ୬ ୧ |
| ଡାକମାସୁଲ | ଟ ୦ ॥ | ଟ ୧ ୧ |

ବାଲେଶ୍ୱରର କଲେକ୍ଟର ଶ୍ରୀଯୁକ୍ତ ବର୍ତ୍ତନ ସାହେବ ଗତ ମାସ ତା ୨୪ ତାରିଖରେ ଛୁଟିରୁ ଫେରି ଆସି ସେଠାର କାର୍ଯ୍ୟଭାର ଗ୍ରହଣ କଲେ ଏବଂ ସେହିଦିନଠାରୁ ଶ୍ରୀଯୁକ୍ତ ଦତ୍ତ ସାହେବ ତିନି ମାସର ଛୁଟି ନେଲେ । ଦତ୍ତ ସାହେବ ବର୍ତ୍ତମାନ ପ୍ରଥମଶ୍ରେଣୀର ଜଏଣ୍ଟ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ଅଛନ୍ତି । ଦତ୍ତ ସାହେବ ବାଲେଶ୍ୱରରେ ବଡ଼ ସୁଖ୍ୟାତି ସହିତ କାର୍ଯ୍ୟ କରିଥିଲେ କେବଳ କେତେ ଗୁଡ଼ିଏ ଆମଲା ନିଯୋଗ କାର୍ଯ୍ୟରେ ତାହାଙ୍କର ବ୍ୟବହାରପ୍ରତି ବାଲେଶ୍ୱରବାସିଙ୍କର ଅସନ୍ତୋଷ ହୋଇଥିବାର ଜଣାଯାଏ । ଅସନ୍ତୋଷର କାରଣ ସମ୍ବାଦବାହିକା ଏହିପରି ଲେଖିଅଛନ୍ତି ଯେ ଉପଯୁକ୍ତ ଓଡ଼ିଆମାନେ ପ୍ରାର୍ଥୀ ଥିବା ସ୍ଥଳେ ଦତ୍ତ ସାହେବ ଦସ୍ତୋଷ୍ଟ ବଙ୍ଗାଳ ଏବଂ ଗୋଟିଏ ତପଶୀ ପଦରେ ବିଦେଶୀ ବଙ୍ଗାଳିଙ୍କୁ ନିଯୁକ୍ତ କରିଅଛନ୍ତି । ପ୍ରବେଶିକା ପରୀକ୍ଷାରେ ଅବଧି ମୁସଲମାନଙ୍କ ମଧ୍ୟରୁ ଏକଜଣ ମାତ୍ର ଉତ୍ତୀର୍ଣ୍ଣ ହୋଇ ଷଣ୍ଡିଏ କାର୍ଯ୍ୟର ପ୍ରାର୍ଥୀ ହୋଇଥିଲେ ତାହାଙ୍କର ପ୍ରାର୍ଥନା ସୁଦ୍ଧା ଗ୍ରହଣ ହେଲା ନାହିଁ ଏପରି ଅବସ୍ଥାରେ ଅସନ୍ତୋଷର କାରଣକୁ ଅମ୍ଭେମାନେ ଅନ୍ୟାଯ୍ୟ ବୋଲି ନ ପାରୁଁ ବିଶେଷତଃ ତପଶୀଲ ପର୍ଯ୍ୟନ୍ତ ଯେବେ ବିଦେଶୀୟଙ୍କୁ ଦିଆଯିବ ତେବେ ଓଡ଼ିଶାବାସିଙ୍କର ଦୁର୍ଦ୍ଦଶା ମୋଚନର ଉପାୟ ନାହିଁ ବୋଧ ହୁଅଇ ଦତ୍ତ ସାହେବ ପ୍ରାର୍ଥିଙ୍କ ପରୀକ୍ଷା ଗ୍ରହଣ ପୂର୍ବକ ବନ୍ଦୋବସ୍ତ କରିଥିଲେ କାହାର ମନସ୍ତାପର କାରଣ ନ ଥାନ୍ତା ।

---

ବାଲେଶ୍ୱରର ମୁନସଫ ବାବୁ ହରନାଥ ଘୋଷ ଛୁଟି ନେବାରୁ ତାହାଙ୍କ ପଦରେ ଏଠାର ଏକଟିଂ ଦ୍ୱିତୀୟ ମୁନସଫ ବାବୁ କାଳୀକୃଷ୍ଣ ଚୌଧୁରୀ ଏକଟିଂ ହୋଇ ଯାଇଥିଲେ । ଏଥି ମଧ୍ୟରେ କଟକ ମୁନସଫିର ମୋକଦ୍ଦମା ଅତ୍ୟନ୍ତ ଜମା ପଡ଼ିବାରୁ ଦ୍ୱିତୀୟ ମୁନସଫ ରହିବା ପକ୍ଷରେ ସନ୍ଦେହ ହୋଇଥିଲା । ମାତ୍ର ହାଇକୋର୍ଟ କାଳୀକୃଷ୍ଣ ବାବୁଙ୍କୁ ଏଠା ଦ୍ୱିତୀୟ ମୁନସଫିପଦରେ ବହାଲ କରିଅଛନ୍ତି ଏବଂ ସେ ଏହି ମାସ ତା ୧୫ ରିଖ ସୁଦ୍ଧା ବାଲେଶ୍ୱରରୁ ଅବସର ପାଇ ଏଠାକୁ ଫେରି ଆସିବେ । ସୁତରାଂ କଟକ ମୁକାମରେ ଦୁଇଜଣ ମୁନସଫ ରହିଲେ ଯଥାର୍ଥ କେନ୍ଦ୍ରାପଡ଼ା ସବଡିଭିଜନବାସିଙ୍କର ପ୍ରାର୍ଥନା ପୂର୍ଣ୍ଣ ନ ହେଲା ବଡ଼ ଦୁଃଖର ବିଷୟ ଅଟଇ । ଉକ୍ତ ସ୍ଥାନର ଲୋକମାନେ କେନ୍ଦ୍ରାପଡ଼ାରେ ମୁନସଫୀ ପୁନଃ ସ୍ଥାପନର ପ୍ରାର୍ଥନା କରିଥିଲେ ଏବଂ ତାହାଙ୍କର ଯୁକ୍ତିମାନ ଯେ ଅକାଟ୍ୟ ଅଟଇ ତହିଁରେ ସନ୍ଦେହ ନାହିଁ । ଅମ୍ଭମାନଙ୍କ ଛୋଟ ଲାଟ ସାହେବ ଯଦ୍ୟପି ସ୍ୱୀକାର କରିଅଛନ୍ତି କି କେନ୍ଦ୍ରାପଡ଼ାରେ ମୁନସଫୀ କଚେରୀ ଦରକାର ଅଛି ଏବଂ ସେ ଅଞ୍ଚଳବାସିଙ୍କ ପ୍ରାର୍ଥନା ଦୀର୍ଘକାଳ ଉପେକ୍ଷିତ ହୋଇ ପାରିବ ନାହିଁ ଯଥାର୍ଥ ସେ କେବଳ ହାଇକୋର୍ଟଙ୍କ ସମ୍ମାନ ରକ୍ଷା କରିବା ସକାଶେ ବର୍ତ୍ତମାନ କିଛି ପରିବର୍ତ୍ତନ କରି ନାହାନ୍ତି । ଏହାକୁ କେନ୍ଦ୍ରାପଡ଼ାବାସିଙ୍କର ଦୁର୍ଭାଗ୍ୟ ବୋଲିବାକୁ ହେବ ।

---

ଗତ ସମ୍ବାଦବାହିକାରେ ପାଠ କଲୁଁ କି କଲିକତାର ଜଣେ ନୈଷ୍ଠିକ ବ୍ରାହ୍ମ ବାବୁ କୁଞ୍ଜବିହାରୀ ଦେ ଆପଣା ସ୍ତ୍ରୀ ଓ କନ୍ୟାଙ୍କୁ ( ବାବୁ ରମାନାଥ ଦାସ ଏବଂ ତାହାଙ୍କ ସ୍ତ୍ରୀ ) ସଙ୍ଗୁଳିବା ନିମିତ୍ତ ଦୁଇ ସପ୍ତାହ ହେଲା ବାଲେଶ୍ୱର ନଗରକୁ ଆସି ବ୍ରାହ୍ମଧର୍ମ ପ୍ରଚାର ବିଷୟରେ ବଡ଼ ସାହାଯ୍ୟ କରିଅଛନ୍ତି । ସେଠା ବ୍ରାହ୍ମ ସମାଜର ଆଚାର୍ଯ୍ୟଙ୍କ ଆସନ ତାହାଙ୍କୁ ପ୍ରଦତ୍ତ ହୋଇଅଛି ଏବଂ ତାହାଙ୍କ ସାରଗର୍ଭ ବକ୍ତୃତା କି ଶିକ୍ଷିତ କି ଅଶିକ୍ଷିତ ସମସ୍ତଙ୍କର ହୃଦୟଗ୍ରାହିଣୀ ହୋଇଅଛି କୁଞ୍ଜ ବାବୁ ଜଣେ ପ୍ରେମୀ ଓ ଉତ୍ତମ କୀର୍ତ୍ତନୀୟ ଅଟନ୍ତି । ଏଥି ମଧ୍ୟରେ ଏକଦିନ ତାହାଙ୍କ ଉଦ୍ୟମରେ ନଗର ସଙ୍କୀର୍ତ୍ତନ ହୋଇଥିଲା । କୀର୍ତ୍ତନୀୟା ଦଳ ବ୍ରାହ୍ମସମାଜରୁ ବାହାର ମୋତିଗଞ୍ଜ ଥାନା ସମ୍ମୁଖରେ ଉପସ୍ଥିତ ହେଲାରୁ କୁଞ୍ଜବିହାରୀ ବାବୁ ବଙ୍ଗଳାରେ ଏବଂ ଭଗବାନ ବାବୁ ଓଡ଼ିଆରେ ବକ୍ତୃତାମାନ କଲେ ଏବଂ ସହସ୍ର ଲୋକ ମନୋନିବେଶ ପୂର୍ବକ ତାହା ଶୁଣିଥିଲେ ତହିଁ ଉକ୍ତ ଦଳ ବାବୁ ମଦନମୋହନଦାସଙ୍କ ବୈଠକଖାନାକୁ ଯାଇ ଉପାସନା ଓ ବକ୍ତୃତା କଲେ ଏବଂ ଅନେକ ସ୍ତ୍ରୀଲୋକ ତହିଁରେ ଯୋଗ ଦେଇଥିଲେ । ସ୍ତ୍ରୀମାନଙ୍କ ନିମିତ୍ତ ଭିନ୍ନ ଗୃହ ନିର୍ଦ୍ଦିଷ୍ଟ ହୋଇଥିଲା । ତହିଁ ଉତ୍ତାରୁ ଏକ

Digitized by srujanika@gmail.com

ଦିନ ଦିନବେଳେ ଅନେକ ସ୍ତ୍ରୀଲୋକ ସମାଜ ମନ୍ଦିରକୁ ଆସିଥିଲେ ଏବଂ ସେମାନଙ୍କ ସକାଶେ ପର୍ଦ୍ଦା ଦିଆଯାଇ ସ୍ଥାନ ନିରୂପିତ ହୋଇଥିଲା।

ଏଥିରୁ ଦେଖାଯାଏ ଯେ ଓଡ଼ିଶାମଧ୍ୟରେ ଏକା ବାଲେଶ୍ୱରରେ ବ୍ରାହ୍ମଧର୍ମ ଯଥାବିହିତ ରୂପେ ଅଗ୍ରସର ହେଉଅଛି ଏବଂ ଏହା ବଡ଼ ସୁଖର ବିଷୟ ଅଟଇ।

---

ପାଠ୍ୟୋନୟୂର କହନ୍ତି ଫଇଜାବାଦର ଓକିଲମାନେ ଏକମେଳ ହୋଇ ସେଠା କଚେରିର ଦଲାଲମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ଆପଣା ମଧ୍ୟରେ ନିୟମ କଲେ ଯେ କୌଣସି ଓକିଲ ଉଲ୍ଲିଖିତ ଦଲାଲମାନଙ୍କ ସଂଗରେ କାରବାର କରିବାର ଦେଖାଗଲେ ତାହା ନାମରେ ଜିଲ୍ଲା ଜଜ ସାହେବଙ୍କ ସମୀପରେ ଅବେଦନ କରାଯିବ। ମଧ୍ୟ ସେମାନେ କେତେକ ଜଣ ଉତ୍ତମ ଦରଖାସ୍ତ ଲେଖକ ମନୋନୀତ କରଦେବା ଓ ଉକ୍ତ ଦଲାଲମାନଙ୍କ କଚେରି ସୀମା ମଧ୍ୟକୁ ଆସିବା ପକ୍ଷେ ନିଷେଧ କରିବା କାରଣ ସାହେବଙ୍କ ସମୀପରେ ଅବେଦନ କରିଅଛନ୍ତି। ଅତି ଉତ୍ତମ। ଏଭଳି କାର୍ଯ୍ୟ ସବୁଠାରେ ହେବାର ଆମ୍ଭେମାନେ ଅନୁମୋଦନ କରୁଁ। ଅନେକ ଦଲାଲଙ୍କ କୃପାରୁ ମାମଲତିକାରିଙ୍କୁ ମୁଣ୍ଡରେ ହାତ ଦେଇ ରୋଦନ କରିବାର ଦେଖାଯାଇଅଛି। ଅଳ୍ପ ଦିନ ତଳେ ଏଠା ଫୌଜଦାରୀ ଅଦାଲତର ଜଣେ ଦଲାଲ କୌଣସି ବାଦିବାସୀର ମୋକଦମା କରାଇ ଦେବା କାରଣ ତାହାଠାରେ ମୋଟ ଟ ୩୨ଙ୍କା ଯାହା ଥିଲା ମୁକ୍ତାର ଓ କାଗଜାଦିରେ ଖର୍ଚ୍ଚ ହେବାର କହି ସମୁଦାୟ ଟଙ୍କା ନେଇ ଜଣେ ଅକର୍ମଣ୍ୟ ମୁକ୍ତାର ହାତରେ ଖଣ୍ଡିଏ ମୁକ୍ତାରନାମା ଓ ଷ୍ଟାମ୍ପଟିଏ ଧରାଇ ଦେଇ ଚାଲିଯିବାର ଆମ୍ଭେମାନେ ଶୁଣିଥିଲୁଁ ଲୋକଟି ତହିଁପରେ ମୁଣ୍ଡରେ ହାତ ଦେଇ ଆପଣା କର୍ମ ଲୋଡ଼ୁଥିଲା ଏଥିର ପ୍ରତୀକାର ଯେତେ ଶୀଘ୍ର ହୁଏ ଆମ୍ଭମାନଙ୍କର ସେତେ ଆନନ୍ଦ।

---

ମୁସଲମାନ ଜାତୀୟ ସଭାରୁ ଖଣ୍ଡିଏ ଦରଖାସ୍ତ ବର୍ତ୍ତମାନ ବଙ୍ଗାଳା ଗବର୍ଣ୍ଣମେଣ୍ଟରେ ଆଗତ ହୋଇଅଛି। ସତଗତର ହିନ୍ଦୁ ଓ ଖ୍ରୀଷ୍ଟିୟାନ ପର୍ବମାନଙ୍କରେ ସମସ୍ତ କଚେରୀ ଅବନ୍ଦ ହେବାର ନିୟମ ଅଛି ମାତ୍ର ମୁସଲମାନ ପର୍ବମାନଙ୍କରେ ଏହା ହେବାନା ଅଦାଲତ ଛଡ଼ା ଅନ୍ୟ କୌଣସି କଚେରୀ ବନ୍ଦ ହେବାର ଦେଖାଯାଏ ନାହିଁ। ସଭା କହନ୍ତି ଯେ ମୁସଲମାନ ପର୍ବଦିନମାନଙ୍କରେ ମୁସଲମାନମାନେ କଚେରୀରେ ଉପସ୍ଥିତ ନ ହେବାର ନିୟମ ଥିଲେ ମଧ୍ୟ ତହିଁରେ ମାମଲତକାରି ଏବଂ ଓକିଲ ମୁକ୍ତିଆରମାନେ ମୁକ୍ତି ପାନ୍ତି ନାହିଁ। ବଙ୍ଗାଲ ବାଙ୍କ ଯେ ନିୟମରେ ବନ୍ଦ ହୁଏ ସେହି ନିୟମରେ ମାଲ ଏବଂ ଫଉଜଦାରୀ କଚେରୀମାନ ବନ୍ଦ ହୁଏ। ସୁତରାଂ ବଙ୍ଗାଲବାଙ୍କରେ କୌଣସି ମୁସଲମାନ ନ ଥିବା ସ୍ଥଳେ ଅନ୍ୟ କଚେରିମାନ ମୁସଲମାନ ପର୍ବରେ ବନ୍ଦ ହେବାର ସନ୍ଦେହ। ମାତ୍ର ଗବର୍ଣ୍ଣମେଣ୍ଟ ବଙ୍ଗାଲବାଙ୍କକୁ ଅପେକ୍ଷା ନ କରି ସନ ୧୮୮୧ ମସିହା ଅ ୨୬ ଇଞ୍ଚର ଧା ୨୮ ଗ ଅନୁଯାୟୀ କଚେରିମାନ ବନ୍ଦ କରିବାର ନିୟମ କରିଅଛନ୍ତି ଏବଂ ସଭା ପ୍ରାର୍ଥନା କରନ୍ତି ଯେ ଆଗାମୀ ବର୍ଷରୁ ମୁସଲମାନ ପର୍ବମାନଙ୍କରେ କଚେରିମାନ ବନ୍ଦ ହେବାର ନିୟମ ହେଉ, ଯଥା; ଇଦୁଲଫିତର ୨ ଦିନ, ଫେତୁଲଯୁହା ୨ ଦିନ, ମହରମ ୫ ଦିନ, ଫତେ ଦୋଆଜଦାହାଁ ୧ ଦିନ, ଆଖରଗୁହାରସମ୍ବା ୧ ଦିନ ଓ ସବେବରାତ ୧ ଦିନ।—ସମସ୍ତ ଶ୍ରେଣୀର ଲୋକଙ୍କ ପ୍ରତି ଦୃଷ୍ଟି ରଖିବାକୁ ଗଲେ ନ୍ୟାୟତଃ ମୁସଲମାନମାନଙ୍କ ପର୍ବଦିନମାନଙ୍କରେ କଚେରୀମାନ ବନ୍ଦ କରିବା କର୍ତ୍ତବ୍ୟ ତେବେ ସମୁଦାୟରେ ବାର ଦିନ ଦିଆ ନ ଯାଇ ସୁବିଧାମତେ ପ୍ରତ୍ୟେକ ପର୍ବରେ ଏକଦିନ ହିସାବ ମୋଟରେ ୬ଦିନ ଦିଆ ଗଲେ ଯଥେଷ୍ଟ ହୋଇପାରେ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁଁ କି ଓଡ଼ିଶାର ଜଣେ ବିଖ୍ୟାତ ଓ ସମ୍ଭ୍ରାନ୍ତ ଜମିଦାର ଅର୍ଥାତ ପୁରୀ ଜିଲ୍ଲା ଲୋଠଦେଶର ଜମିଦାର କ୍ଷତ୍ରିବର ଭଗବାନ ସିଂହ ଗତ ମାସ ତା ୨୯ ଋଖ ସନ୍ଧ୍ୟା ସମୟରେ ସ୍ୱର୍ଗାରୋହଣ କଲେ। ମୃତ୍ୟୁ ସମୟରେ ଏହାଙ୍କର ବୟସ ପ୍ରାୟ ୭୦ ବର୍ଷ ହୋଇଥିଲା ଏବଂ କ୍ଷୟରୋଗ ମୃତ୍ୟୁର ଅବ୍ୟବହିତ କାରଣ ହେଲା। ଏ ମହାଶୟ ଯେମନ୍ତ ଓଡ଼ିଶାର ପ୍ରାଚୀନ ଓ ଉଚ୍ଚବଂଶୋଦ୍ଭବ ଥିଲେ ସେହିପରି ଆପଣା କୁଳ ମର୍ଯ୍ୟାଦାର ଠିକ ଯଥାର୍ଥରୂପେ ରକ୍ଷିଥିଲେ। ଦାନ ଅତିଥିସେବା ସଦାବର୍ତ୍ତ ଧର୍ମାନୁଷ୍ଠାନ ଇତ୍ୟାଦି ପ୍ରାଚୀନ ରୀତିକୁ ସମୁଚିତ ରୂପେ ଅନୁଷ୍ଠାନ କରୁଥିଲେ। ରଜା ପଦ ପାଇ ନ ଥିଲେହେଁ ବାସ୍ତବରେ ଏହାଙ୍କର ସକଳ କାର୍ଯ୍ୟ ରଜୁଡ଼ାର ମର୍ଯ୍ୟାଦା ସହିତ ହେଉଥିଲା। ପ୍ରଜା ପାଳନ ବିଷୟରେ ସେ ସମ୍ପୂର୍ଣ୍ଣ ଯୋଗ୍ୟ ଥିଲେ। ଅଧୁନାତ ସ୍ୱଭାବରେ କଚେରୀ କରି ସକଳ ବୁଝାସୁଝା କରୁଥିଲେ ଏବଂ ପ୍ରତିବର୍ଷ ଥରେ ଲେଖାଏ ଶୀତକାଳରେ ଆପଣାର ଘୋଡ଼ା ହୋଦା ଅଦୃଶନ ଜମିଦାରୀ ଭ୍ରମଣ କରି ପ୍ରଜାଙ୍କର ସୁଖ ବୃଦ୍ଧି ଏବଂ ଦୁଃଖ ନିବାରଣର ଉପାୟ କରୁଥିଲେ। ସାଧାରଣ ହିତ କାର୍ଯ୍ୟରେ ମଧ୍ୟ ସେ ଉଦାସୀନ ନ ଥିଲେ, ତାହାଙ୍କ ସ୍ଥାପିତ ନମାପଡ଼ା ଧର୍ମଶାଳା ଏବଂ ମାଇନର ସ୍କୁଲ ତହିଁର ପ୍ରତ୍ୟକ୍ଷ ପ୍ରମାଣ ଅଟଇ କେବଳ ତାହାଙ୍କ ବଦାନ୍ୟତାରେ ସେ ବିଦ୍ୟାଳୟର ଶ୍ରୀବୃଦ୍ଧି ଏବଂ କଟକ ପ୍ରିଣ୍ଟିଂ କମ୍ପାନୀର ସେ ଦ୍ୱିତୀୟ ଅଂଶିଦାର ଅର୍ଥାତ ତେତେବେଳ ମହାଶୟଙ୍କ ତଳେ ସେ ଅଧିକ ଅର୍ଥ ସାହାଯ୍ୟ କରିଥିଲେ। ସେ ଦୀର୍ଘକାଳ ବିଷୟକାର୍ଯ୍ୟରେ ନିୟୁକ୍ତ ଥିଲେହେଁ କେବେ କାହାଠାରୁ ତାହାଙ୍କର ଖ୍ୟାତ ଭିନ୍ନ ଅନ୍ୟ କିଛି ଶୁଣା ଯାଇ ନାହିଁ ଅଥଚ ଗବର୍ଣ୍ଣମେଣ୍ଟରୁ ଖ୍ୟାତି ପାଇବା କାରଣ ସେ ଦୁବା ବାସ୍ତ ନ ହୋଇ ବିନା ଆଡ଼ମ୍ବରରେ ଆପଣା କର୍ତ୍ତବ୍ୟ କାର୍ଯ୍ୟ ସାଧନ କରୁଥିଲେ। ଏପରି ଲୋକ ଯେ ଯଥାର୍ଥ ପୁଣ୍ୟାତ୍ମା ଏଥିରେ ସନ୍ଦେହ ନାହିଁ। ଏତେବେଳେ ସେ ଦୁଇ ଯୋଗ୍ୟପୁତ୍ର ରଖି ଯାଇଅଛନ୍ତି ଆମ୍ଭମାନଙ୍କର ପ୍ରାର୍ଥନ ଏହି କି ଏମାନେ ସଦ୍ଭାବରେ ରହି ଆପଣା ସ୍ୱର୍ଗୀୟ ପିତାଙ୍କ ପଦାନୁସରଣ ଅତୁଳ ସମ୍ପତ୍ତି ଦୀର୍ଘକାଳ ସୁଖରେ ଭୋଗ ଏବଂ ତାହାଙ୍କ ସଞ୍ଚିତ ସତ୍ ମାର୍ଗରେ ବିତରଣ ପୂର୍ବକ ଯଶୋଲାଭ କରନ୍ତୁ।

---

## ସାଧାରଣ ଉପକାରାର୍ଥ ଦାନ।

ସାଧାରଣ ଲୋକଙ୍କ ଉପକାରାର୍ଥେ ଲୋକବିଶେଷଦ୍ୱାରା ବଙ୍ଗପ୍ରଦେଶରେ ସନ ୧୮୮୧ ସାଲରେ ଯେ ସମସ୍ତ କାର୍ଯ୍ୟ ସାଧିତ ହୋଇଅଛି ତହିଁର ଏକତାଲିକା ବଙ୍ଗଦେଶର ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ମନ୍ତବ୍ୟ ସହିତ କଲିକତା ଗେଜେଟରେ ଛପା ହୋଇଅଛି। ତହିଁରେ ଆମ୍ଭେମାନେ ଆନନ୍ଦ ସହିତ ପାଠ କଲୁଁ ଯେ ଏପ୍ରକାର କୀର୍ତ୍ତି ସ୍ଥାପନରେ ଲୋକଙ୍କ ବଦାନ୍ୟତା ବର୍ଷକୁବର୍ଷ ବୃଦ୍ଧି ହେଉଅଛି ଯଥା; ସନ ୧୮୭୯ ସାଲରେ ଟ ୧୪୭୭୭୪୧ ଙ୍କା ସନ ୧୮୮୦ ସାଲରେ ଟ ୨୨୨୭୪୫ ଏବଂ ସନ୧୮୮୧ ସାଲରେ ଟ ୩୧୮୦୭୯୮ ଙ୍କା ମୂଲ୍ୟର ଏପ୍ରକାର କାର୍ଯ୍ୟ ହୋଇଥିଲା। କାର୍ଯ୍ୟର ପ୍ରକାର ମଧ୍ୟରେ

Split by PDF Splitter
Digitized by srujanika@gmail.com

ଶ ଅଟ୍ଟାଳିକା, ସଡ଼କ, ଶଙ୍ଖ, ବନ୍ଧ, ୀ, କୂପ ଏବଂ ପକ୍କାଘାଟ ଅଛଇ । ୮୧ ସାଲରେ ଏହା ବର୍ଦ୍ଧମାନର ମହା- ଟ ୮୯୦୦୩୯ ଙ୍କା ବ୍ୟୟରେ ଆପଣା ନୀରେ ଗୋଟିଏ କଲେଜ ବସାଇ ଥିବାରୁ ର ଟଙ୍କା ଅଧିକ ଦେଖା ଯାଏ ଏବଂ ଲୋକଙ୍କ ବଦାନ୍ୟତା ଦୃଷ୍ଟିରେ ଦେଖା ବର୍ଦ୍ଧମାନ ଏ ବର୍ଷ ସର୍ବପ୍ରଧାନ ସ୍ଥାନ ପା- ତହିଁ ତଳେ ହୁଗୁଳି ଓ ତହିଁ ତଳେ ାଦ ଓ ଫରିଦପୁର ଅଛଇ । ଓଡ଼ିଶା କଟକ ଓ ପୁରୀ ନାମରେ ଆଦୌ ଖତ ାହିଁ ବଡ଼ ଦୁଃଖର ବିଷୟ ଅଟଇ । ଲ ବାଲେଶ୍ୱର ଜିଲ୍ଲାରେ ଉଲ୍ଲିଖିତ ାନେ ତାହାଙ୍କ ନାମ ପାର୍ଶ୍ୱଲିଖିତ ଟ- ଗୋଟିଏ ଲେଖାଏ ପୁଷ୍କରିଣୀ ଖୋଳା ନ୍ତି । ଯଥା;—

| | | |
|---|---|---|
| ରକ୍ଷୀ | ବାଉଳା ସୋରରେ | ଟ ୩୪୫ |
| ରଣ ପଣ୍ଡାଲ | ହରିପୁରରେ | ଟ ୮୦୦ |
| ନ | ଗାଲଗାଁରେ | ଟ ୫୦୦ |
| ଉପାଧ୍ୟାୟ | ଅଣ୍ଡୋଳରେ | ଟ ୩୭୦ |

ନ୍ୟବର ଲେଫ୍‌ଟନାଣ୍ଟ ଗବର୍ଣ୍ଣର ସାହେବ । ମନ୍ତବ୍ୟରେ ଲୋକଙ୍କର ଏପରି ବଦା- ରେ ସନ୍ତୋଷ ପ୍ରକାଶ କରି କହିଅଛନ୍ତି ଷ୍ୟ ସେମାନେ ସ୍ଥାନୀୟ ଅଭାବପ୍ରତି ଲକ୍ଷ ଯେଉଁଠାରେ ଯେଉଁ କାର୍ଯ୍ୟର ପ୍ରୟୋ- ସେଠାରେ ତାହା କରିଅଛନ୍ତି ଏବଂ ସମ୍- ସେ ଅଭାବମାନ ଜାଣିବାକୁ ସେମାନେ ସକ୍ଷମ । ମାତ୍ର ତାଳିକା ଦେଖି ଗବର୍ଣ୍ଣ- ଏପରି ବିଚାର କରନ୍ତି କି ଏକାଧିକ ବ୍ୟକ୍ତି ଭାବରେ ଏକାଧିକ କାର୍ଯ୍ୟ ନିର୍ମାଣ କରି ଉରେ ତହିଁର ସଂରକ୍ଷଣ ଓ ମରାମତିର ବସ୍ତ ନ ରହିବାଠାରୁ ଆପଣାର ଟଙ୍କା ମି ଡ଼ିର ହିତକର କାର୍ଯ୍ୟ ନିର୍ମାଣ କରୁଥିଲେ ଙ୍କର ନାମ ଚିରସ୍ମରଣୀୟ ହୁଅନ୍ତା । ଏକ ଗ୍ରାମ ବା ନଗରରେ ଅନେକ ପୁଷ୍କରିଣୀ ଖୋଳା ହେଲେ ତଦ୍ୱାରା ସ୍ଥଳରେ ଉପକାରଠାରୁ ଅପକାର ହେବାର ସମ୍ଭାବନା ମାତ୍ର ପାଞ୍ଚଜଣ କ ଗ୍ରାମରେ ଗୋଟିଏ ବଡ଼ ପୁଷ୍କରିଣୀ କ ନଗରରେ ପୟଃପ୍ରଣାଳୀ ନିର୍ମାଣ ଦେଇ ତହିଁର ସଂରକ୍ଷଣର ଉପାୟ କରି ତଦ୍ୱାରା ପ୍ରକୃତ ସାଧାରଣ ଉପ- ସାଧନ ହେବ ଏବଂ ସେ କୀର୍ତ୍ତିମାନ ବହୁ କାଳ ରହି ଦାତାଙ୍କର ନାମ ଘୋଷଣା କରୁଥିବ । ଯଦ୍ୟପି ବିଚାର ବହୀନ ଓ ନିର୍ବିଶେଷ ଦାନ ମନ୍ଦ ଅଟଇ ତେବେ ଲେଫ୍‌ଟନାଣ୍ଟ ଗବର୍ଣ୍ଣରଙ୍କ ମତ ଏହିକି ଦାନ କରିବାର ସୁଖଭୋଗୀତା ମଧ୍ୟ ସୁଶୃଙ୍ଖଳା ଏବଂ କର୍ତ୍ତୃତ୍ୱର ଆବଶ୍ୟକ ରଖେ । ଦାତାମାନେ ଆପଣାର ଇଚ୍ଛା ମତେ ଦାନ ନ କରି ସ୍ଥାନୀୟ ବୋର୍ଡ ଏବଂ କମେଟୀଙ୍କ ଜ୍ଞାନ ଓ ବିଚାରଦ୍ୱାରା ଚାଳିତ ହୋଇ ବଦାନ୍ୟ ବୃତ୍ତିକୁ ଚରିତାର୍ଥ କଲେ ଅଧିକ ଭଲ ହେବ ।

ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ଉପର ଲିଖିତ ମନ୍ତବ୍ୟରେ ଆମ୍ଭେମାନେ ସମ୍ପୂର୍ଣ୍ଣରୂପେ ଐକ୍ୟ ଅଟୁଁ ଏବଂ ଆଶା କରୁଁ ସର୍ବସାଧାରଣ ଏହାର ତାତ୍ପର୍ଯ୍ୟ ହୃଦୟଙ୍ଗମ କରିବେ । ବାସ୍ତବରେ ଅନେକ ଗ୍ରାମରେ ଦେଖାଯାଏ ଯେ ପ୍ରାଚୀନ କାଳର କୌଣସି ପୁଷ୍କରିଣୀ ପଙ୍କ ଓ ଦଳରେ ପୂର୍ଣ୍ଣ ହୋଇ ପୋତିହୋଇ ଯାଉଅଛି ଏବଂ ତହିଁରୁ ଦୂଷିତବାଷ୍ପ ନିର୍ଗତ ହୋଇ ସାଧାରଣ ସ୍ୱାସ୍ଥ୍ୟର ହାନି କରୁଅଛି । ତହିଁର ସଂସ୍କାର ପକ୍ଷରେ କାହାର ଯତ୍ନ ହେଉ ନାହିଁ ଅଥଚ ସେହି ଗ୍ରା- ମବାସିଙ୍କର ଜଳକଷ୍ଟ ନିବାରଣ ଉଦ୍ଦେଶରେ କେହି ଦାନଶୀଳ ବ୍ୟକ୍ତି ଗୋଟିଏ ନୂତନ ପୁଷ୍କରିଣୀ ଖୋଳାଇ ଦେଉଅଛନ୍ତି । ଏହି ଦାତା ଯେବେ ସୁବିଚାରପୂର୍ବକ ଆପଣା ବଦାନ୍ୟ ବୃତ୍ତିକୁ ଚରିତାର୍ଥ କରିବା କାରଣ ଚେଷ୍ଟିତ ହୁଅନ୍ତେ ତେବେ ସେ ଅନାୟାସରେ ଦେଖି ପାରନ୍ତେ ଯେ ନୂତନ ଗୋଟିଏ ପୁଷ୍କରିଣୀ ଖୋ- ଳାଇବା ଅପେକ୍ଷା ପୁରାତନ ପୁଷ୍କରିଣୀକୁ ସମ୍ପୂର୍ଣ୍ଣ ରୂପେ ମରାମତ କରି ଦେବା ଅଧିକ ଉପକା- ରକ ଅଟଇ । କେତେ ଲୋକର ଏପରି କୁସଂ- ସ୍କାର ଅଛି ଯେ ସେମାନେ ଅନ୍ୟର ନିର୍ମିତ ପୁଷ୍କରିଣୀ ଇତ୍ୟାଦି କୀର୍ତ୍ତି ସଂସ୍କାର କରିବାକୁ ଧର୍ମଜ୍ଞାନ କରନ୍ତି ନାହିଁ । ସେମାନେ ବିଚାର କରନ୍ତି କି ନୂତନ କୀର୍ତ୍ତିଟିଏ କରି ଦେଲେ ଅମର ନାମ ରହିବ ପରର କୀର୍ତ୍ତିର ଜୀର୍ଣ୍ଣ ସଂସ୍କାର କଲେ କେବଳ ତାହାର ନାମ ଉଜ୍ଜ୍ୱଳ ହେବ ଆମ୍ଭର ସେଥିରେ କି ଯଶ । ଏପରି ବି- ବେଚନା କରିବା କେବଳ ଭ୍ରମ କାହିଁକି ଅ- ଯଥା ଅହଙ୍କାର ଅଟଇ । ଏହା ପ୍ରକୃତ ଦାନ- ଶୀଳ ବ୍ୟକ୍ତିର ଲକ୍ଷଣ ନୁହଇ । ଆପଣା କୀର୍ତ୍ତି ସ୍ଥାପନଠାରୁ ପରର କୀର୍ତ୍ତିକୁ ରକ୍ଷା କରିବା ଅଧିକ ଗୌରବର ବିଷୟ ଅଟଇ ଏବଂ ସେହି ବ୍ୟକ୍ତି ପ୍ରକୃତ ଦାତା ଓ ଧାର୍ମିକ ଯେ କି ଯଶ ଲାଳସା ପରିତ୍ୟାଗ ପୂର୍ବକ କେବଳ ଅନ୍ୟ ବ୍ୟକ୍ତି ଅଥବା ବ୍ୟକ୍ତିମାନଙ୍କର କଷ୍ଟ ଦୂର କରିବା କାରଣ ଶଦ୍ଧା ସହିତ ଅର୍ଥ ବ୍ୟୟ କ- ରଇ ! ପୁଣି ନିସ୍ୱାର୍ଥଭାବରେ ଦାନ କରିବା ଯେମନ୍ତ ଆବଶ୍ୟକ ବିଚାର ପୂର୍ବକ କରିବା ତେମନ୍ତ ଅଟଇ ଯେଉଁ ସ୍ଥାନରେ ଯେପ୍ରକାର କୀର୍ତ୍ତି ରହିଅଛି ସେଠାରେ ତହିଁର ସଂଖ୍ୟା ବଢ଼ାଇବାଠାରୁ ଯେଉଁ କାର୍ଯ୍ୟର ଅଭାବ ହେତୁ ଲୋକଙ୍କର କଷ୍ଟ ହେଉଅଛି ସେପରି କାର୍ଯ୍ୟ ନିର୍ମାଣ କରିବା ଆବଶ୍ୟକ । କେବଳ ଜଳା- ଶୟ ବା ଶିବାଳୟ ସ୍ଥାପନରେ ପୁଣ୍ୟ ଅଛି ସଡ଼କ ବା ପାନ୍ଥଶାଳା ନିର୍ମାଣରେ ନାହିଁ ଏପରି ବୁଝିବା ମହତ୍‌ ଭ୍ରମ । ଦାତାମାନେ ସୁବିଚାର ପୂର୍ବକ କାର୍ଯ୍ୟ କଲେ ତାହାଙ୍କଦ୍ୱାରା ଅଧିକ ସା- ଧାରଣ ମଙ୍ଗଳ ହେବ ଏଥିରେ ସନ୍ଦେହ ନାହିଁ ।

---

ତାର ଖବରରୁ ଜଣାଯାଏ ଯେ ଆରବିପା- ଶାଙ୍କର ବିଚାର ବିଳମ୍ବ ହେବାର କାରଣ ଏହି କି ସେ ମୋକଦ୍ଦମାରେ ଅନେକ ପ୍ରମାଣ ଆଗତ ହୋଇଅଛି ଏବଂ ସେ ସବୁ ସଜାଡ଼ିବା କାର୍ଯ୍ୟ ବିସ୍ତର ହୋଇଅଛି । ଖେଦିଭ ପକ୍ଷରୁ ଜଣେ କୌସଲି ନିଯୁକ୍ତ ହେବାର ସ୍ଥିର ହୋଇଅଛି । ଯେ ସ୍ଥଳେ ଆରବି ବାରିଷ୍ଟର ଦେଇଅଛନ୍ତି ସେ ସ୍ଥଳେ ଖେଦିଭ ପକ୍ଷରୁ ଜଣେ ନିଯୁକ୍ତ ନ ହେଲେ ଚଳିବ କାହିଁକି !

---

ବର୍ତ୍ତମାନର ପ୍ରେମଚାନ୍ଦ କର୍ମକାର ଯେମନ୍ତ ଉତ୍ତମ ଛୁରୀ କଇଁଚି ଇତ୍ୟାଦି ଗଢ଼ିବାଦ୍ୱାରା ଶିଳ୍ପ- ନୈପୁଣ୍ୟର ପରିଚୟ ଦେଇ ଅଛନ୍ତି । ତେମନ୍ତ ମାନ୍ଦ୍ରାଜରେ ଏକଜଣ କର୍ମକାର ଏହି ପ୍ରକାର ଖ୍ୟାତିଲାଭ କରିଅଛି । ମାନ୍ଦ୍ରାଜର ଗବର୍ଣ୍ଣର ମହାମତି ଗ୍ରାଣ୍ଟଡଫ ଏହି ଲୋକଟିକୁ ଖୋଜି ବାହାର କରିଅଛନ୍ତି । ଏ ବ୍ୟକ୍ତି ଉତ୍ତମ କୁଲୁପ ତାଲା ନିର୍ମାଣ କରି ପାରେ । ବିଲାତି କୁଲୁପ ଗବର୍ଣ୍ଣମେଣ୍ଟ ଯେତେ ମୂଲ୍ୟରେ କ୍ରୟ କରନ୍ତି ଏଥିର ମୂଲ୍ୟ ତହିଁରୁ ଅନେକ ଊଣା ଅଟଇ । ଆଶା ହେଉ ଅଛି କି ଗବର୍ଣ୍ଣମେଣ୍ଟ ଏ ବ୍ୟକ୍ତିକୁ ଉତ୍ସାହିତ କରି ଭାରତବର୍ଷର ଆଉ ଗୋଟିଏ ଶିଳ୍ପଜାତ ଦ୍ରବ୍ୟର ଉନ୍ନତିସାଧନ କରିବେ ।

---

# ସାପ୍ତାହିକ ସଂବାଦ ।

ଏବର୍ଷ ମେଘର ଗତି ଦେଖି ଅନେକଙ୍କ ମନରେ ଭୟ ଥିଲା କି ଦୀପାବଳି ଅମାବାସ୍ୟା ଜଳ ବୃଷ୍ଟି ହୋଇ ସେ ଦିନର ଉତ୍ସବକୁ ମାଟି କରିବ । ବଡ଼ ସୁଖର ବିଷୟ ଯେ ସେ ଭୟ ଅକାରଣ ହେଲା ଏବଂ ଏହି ପର୍ବଦିନ ଅର୍ଥାତ୍ କାଲିଠାରୁ

Digitized by srujanika@gmail.com

